# ବିଦେଶୀ-ବାହୁଡ଼ା



ଶୁକଦେବ ସାହୁ

ଶୁକଦେବ ସାହୁ

# ବିଦେଶ-ବାହୁଡା

ପ୍ରକାଶକ
ପ୍ରକାଶ ବୁକ୍ ଷ୍ଟୋର
କଲେଜ ରୋଡ, କଟକ-୩

※

ରୂପକାର
ଶ୍ରୀ ଗୋପାଳ କାନନଗୋ

※

ପ୍ରଚ୍ଛଦପଟ୍ଟ ମୁଦ୍ରଣ
ମନମୋହନ ପ୍ରେସ
କଟକ-୨

※

ଯଥାବସ୍ତୁ ମୁଦ୍ରଣ
ଶ୍ରୀ ସୁନ୍ଦରନ୍ଦ୍‌କୁମାର ଶତପଥୀ
ଲକ୍ଷ୍ମୀ ପ୍ରେସ୍, କଟକ-୨

ଦ୍ୱିତୀୟ ସଂସ୍କରଣ ]        ୧୯୫୭        [ ମୂଲ୍ୟ ଦେଢ଼ଟଙ୍କା

ତା 17 JUL 1993
ଗ୍ରନ୍ଥାଗାର

ବାପା,

ଶୁଣିବା କଥା—ପିତୃ ପୁରୁଷ ଆମର କେବେ ଦିନେ ବିଦେଶ ମାଡ଼ି ନ ଥିଲେ କି ଜାଣି ନ ଥିଲେ । ସେମାନେ ଆସିଥିଲେ ଏଇ ମାଟିଗୋଡ଼ି ଗ୍ରାମକୁ— କାଦୁଅ ସନ୍ତସନ୍ତିଆ ଗାଁ ଭୂଇଁକି । ଆଉ ଜାଣିଥିଲେ ଏଇ ମାଟିରେ ସେମାନେ ବେପାର ବଣିଜ କରି ମୋଟାସୋଟା ଖଣ୍ଡେ ପିନ୍ଧି ଗଣ୍ଡେ ଖାଇ ଘରସଂସାର କରିବାକୁ ।

କାଲ ପର ପୁରୁଷ ନିଜ ଭିଟେରେ ସେମାନେ ମଣିଷ ହେଲେ, ତମକୁ ମଣିଷ କରି ଗଢ଼ି ଥୋଇଗଲେ । ପୁଅ, ନାତି, ନାତୁଣୀ ସମସ୍ତଙ୍କ ମୁହଁରେ ହସ ଦେଖି ସେମାନେ ବିଦାୟ ନେଲେ ।

ତମେ କିନ୍ତୁ ଆମର ପୁରୁଣା ପ୍ରଥା ବନ୍ଧନକୁ କାଟି ବେପାର ବଣିଜ ଭୁଲିଲ । ଅଧିକ ପଇସାରେ ଗଲ ସେଇ କଲିକତା, ଯେଉଁଠି ଲକ୍ଷ ଲକ୍ଷ ଓଡ଼ିଆ ପୁଅ ଯନ୍ତ୍ର ଦାନବ କବଳରେ ହାଙ୍କି ବଥାନ୍ତି ନିଜର ଲହୁ ଲହୁ ପଲା ପଲ । ତଥାପି ସେମାନଙ୍କର ପେଟ ଗଣ୍ଡିକ ପୂରେନା । ସେଇ ସୁଦୂର ବିଦେଶରେ ରହି ତମେ ଖଟିଲ । ଘରସଂସାର ପିଲାଛୁଆଙ୍କ ପାଇଁ ତମେ ଜୀବନର ସୁଖ ସୁଆଦ ଭୁଲିଗଲ ।

କିନ୍ତୁ ଏତେ ଖଟି ହେଲା କଅଣ ? ତମେ ଆମମାନଙ୍କୁ ସୁଖି କରିପାରିଲ ନାହିଁ। ଜୀବନ ପ୍ରତି ଅଭିମାନ କରି ମରଣକୁ ଲୋଡ଼ି ବସିଲ । ବିଦେଶରୁ ବାହୁଡ଼ି ତମେ ଅଧା ବୟସରୁ ସେପାରିକି ଚାଲିଗଲ । ମୋତେ ସେତେବେଳେ ସାତବରଷ—କିଛି ଜାଣିନି । ତାର ପରବାସୀ ଜୀବନ ବରିନେଇ ଆମକୁ ଜୀବନ୍ତ ମାରି ଦେଇଗଲ । ଦୁଇଟି ଭଉଣୀ ଓ ମୁଁ—ବୋଉ ତାର ସମସ୍ତ ସ୍ନେହ ଦେଇ ମଣିଷ କଲା । ମଣିଷ ହେଲି ସତ, କିନ୍ତୁ ମଣିଷ ପରି ମଣିଷ ହେଲିନି ।

ଜୀବନର ସବୁ ଅଭିଳାଷ ରହିଗଲା ବାକି । ଉଚ୍ଚ ଆଦର୍ଶରେ ନିଜକୁ ଗଢ଼ି ପାରିଲି ନାହିଁ । ଅଭାବ, ଦାରିଦ୍ର୍ୟର କଷାଘାତରୁ ନିଜକୁ ମୁକ୍ତ କରି ପାରିଲି ନାହିଁ । କରିବି କରିବି ବୋଲି ଦେଶ ଓ ଜାତି ପାଇଁ କିଛି କରିପାରିଲି ନାହିଁ । ବୋଉ ମୁହଁରେ ହସ ଫୁଟାଇ ପାରିଲି ନାହିଁ । ସେ ଖାଲି କାନ୍ଦି କାନ୍ଦି ଆମରି ପାଇଁ ଅସ୍ଥିର ହେଲା । ଦିନେ ଅସମୟରେ ତୁମେ ବି ତାକୁ ପାଖକୁ ଡାକିନେଲ । ବୁହେଁ ହେଲା ଜଞ୍ଜାଳରୁ ମୁକ୍ତ—ନିଶ୍ଚିନ୍ତ ।

ମୋତେ କିନ୍ତୁ ନ ମାରି ଦରମରା କରି ଦେଇ ଗଲ । ତଥାପି ବଞ୍ଚିଛି ବାପା, ତମରି କରୁଣାରୁ । ଜୀବନରେ ଯା' କିଛି ଗଢ଼ିଛି, ସେ ସବୁ ତୁମରି— ମୋର ଯା' କିଛି ସେ ସବୁ ତୁମରି ଦାନ । ଏଣୁ ହସି ହସି ଦିଅ ମଉଳା ନିଃସ୍ୱ ଜୀବନର ଲେଖା ଏଇ- "ବିଦେଶ-ବାହୁଡ଼ା" ଗ୍ରହଣ କର ।

—ଶୁକ



[illegible]

## ଏଇ ଲେଖକଙ୍କ ପ୍ରକାଶିତ

**ଉପନ୍ୟାସ**

ପରବାସୀ

ମନର ଯେତେ ଆଶା

ଝଡ଼ ଓ ଝରାଫୁଲ

ନବ ଜନ୍ମ

ଖସଡ଼ା ପଥରେ

**କାହାଣୀ ସଂଗ୍ରହ**

ଶେଫାଳୀ ଝଡ଼ିଯାଏ

**କବିତା**

ପ୍ରେମସ୍ୱର

**ପ୍ରକାଶ ମୁଖୀ**

ଯୌବନ ଅସେ ଯେବେ

ଗାଁ ମାଟି ଡାକେ

ପ୍ରିୟ ଓ ପ୍ରିୟା

ଦିଗନ୍ତ

ନବ

## —ଏକ—

**ଗରିବ, ବଡ଼ ଗରିବ ସେମାନେ—**

ଆକାଶ ତଳର ଏଇ ଗାଁ ମାଟି କାଦୁଅ ଉପରେ ସେଇମାନେ ଦିନେ ହସି ହସି ଆସନ୍ତି; ସୁଖର ସଂସାର ପାତନ୍ତି—ପୁଣି ଦିନେ ହସି ହସି ବାହୁଡ଼ି ଯାଆନ୍ତି । ମାଟି ଉପରେ ତାଙ୍କର ମଡ଼ ଶରୀରଟା ଢଳିପଡ଼େ । ତା'ପରେ ସବୁ ଶୂନ୍‌ଶାନ୍; ବହଳ ଘାସ ତଳେ ତଳେ ସବୁ ଲିଭିଯାଏ । ଖାଲି ରହେ ପୋଡ଼ା ଅଙ୍ଗାର ଦେହରେ ସ୍ମୃତିର ଦର୍‌ଲିଭିଲା ଛାଇ ।

ଥୋକେ ଶିକ୍ଷିତ ସମାଜ ତାଙ୍କୁ ଘୃଣା କରନ୍ତି, ଦୂରରେ ରହିବାକୁ ଇଙ୍ଗିତ ଦିଅନ୍ତି; ଛୁଅନ୍ତି ନାହିଁ—ସେମାନେ ଛୋଟ ଜାତି । ଛୋଟକୁଳରେ କୁଆଡେ ତାଙ୍କର ଜନମ । ଥୋକେ ତାଙ୍କୁ ସ୍ନେହ କରନ୍ତି—ଗରିବ ବୋଲି ଦୟା ଦେଖାନ୍ତି । ଆଉ ଥୋକେ ତାଙ୍କର ସର୍ବନାଶ କରିବାକୁ ଆଗେଇଯା'ନ୍ତି ।

ବଡ଼ ସରଳ ସେମାନେ । ଜାଣନ୍ତି ନାହିଁ ଛନ୍ଦ, କପଟ—ବାଦ ବିବାଦ । ଖାଲି ସେମାନେ ଜାଣନ୍ତି ଖଟିବା—ମୋଟାଗୋଟା ଖଣ୍ଡେ ପିନ୍ଧିବା—ଅଧ ଖାଇବା । ଭୂଇଁ ତାଡ଼ି ସେମାନେ ମାଟିରୁ ସୁନା ଫସଲ ଫଳାନ୍ତି—ମୂଲ ଲାଗନ୍ତି, ନିଜ ଗୋଡରେ ନିଜେ ଛିଡ଼ା ହୁଅନ୍ତି । କାହାରି ଭଲରେ ମନ୍ଦରେ ନ ଥାନ୍ତି । ଛାରଛୁକର

ମୂଲିଆ ମୁଣ୍ଡ—ଏତେ କଥା ଭିତରକୁ ଯାଏ କିଏ ? ତଥାପି ଏମାନେ ବାବୁମାନଙ୍କର ପଦଦଳିତ ହୁଅନ୍ତି । ସମାଜ ତାଙ୍କୁ ଅବହେଳିତ କରି ରଖେ । ତେବେ ବି ସେମାନଙ୍କର ଚେଷ୍ଟା ପରଶେଣି । ସେଇ ଛୋଟିଆ କୁଡ଼ିଆରେ ମୁହଁ ମାଡ଼ି ପଡ଼ିଥାନ୍ତି । ଇମିତି ସେମାନଙ୍କର ଜୀବନ ଓ ସୁଖଦୁଃଖର ସଂସାର ।

ପଟାମୁଣ୍ଡାଇ କେନାଲକୂଳେ ଚନ୍ଦନପୁର ବଡ ଗାଁ । କେତେ ଜାତି, କେତେ ଘର—ମଣିଷ । ଅନାଇଲେ ସୁମାର କରି ହୁଏନା; ସତେ ଯେପରି ଅଗଣ ସୁନ୍ଦୁଆର କୋଟି-କୋମ-କରା ତାରଫୁଲ ପରି ଅସୁମାରି । ମଝିରେ ବଡ ରାସ୍ତା ଯିଆଁ ଆଇଲଖ ହୋଇ ଚିତ୍ କରି ଶୋଇ ପଡ଼ିଛି । ସମ୍ଭୁର ଆଜୁଁଆ ସନ୍ଧି ସନ୍ଧି ସେ ଯେମିତି ପଡ଼ିଛି—କେବେ ଉଠିବ କେହି କହି ପାରିବେ ନାହିଁ । ତା'ର ପ୍ରତି ଧୂଳିକଣାର ଆଶୀର୍ବାଦ ନେଇ ଚନ୍ଦନପୁର ଗାଁରେ ଦିନ, ମାସ, ବର୍ଷ ବିତି ଯାଉଛି —ସମ୍ଭୁର କୁଅରେ ଉଜାଁର ଖେଳି ଖେଳି ।

ବଡ଼ ରାସ୍ତା ଦ'କଡ଼କୁ ଦ'ଧାଡ଼ାଧାଡ଼ି ଘର—ବ୍ରାହ୍ମଣ, କରଣ, ଖଣ୍ଡାଇତ ଇମିତି କେତେ ଜାତି । କାଠଘର, କୋଠରି ବାଉଁଶ କୋଠରି ଇଟା ଚୂନର ପକ୍କା ଘର । ଘରଗୁଡ଼ିକର ଗଠନ ସୁନ୍ଦର । ଦ'କଡ଼କୁ ଦ'ଧାଡ଼ାଧାଡ଼ି ଘର ଗାଁଟିକୁ ବେଶ୍ ମାନେ । ବଡ ରାସ୍ତା ଯେଉଁଠି ହଜିଯାଇଛି···ହେଇଠା ଗାଁର ଶେଷ ମୁଣ୍ଡ । ସେଇଠି ଡରଣ ଗୁଳଗଣ୍ଡା କୁଆଁଣିଆ ଘର । ପବନ ହେଲେ ଘର ଚାଳର ନଡ଼ା ଉଡ଼ିଯାଏ—ମେଘ ବରଷେ । କେବେ କେବେ ବଡ଼ ଝଡ଼ବର୍ଷା ହେଲେ କେତୋଟି କୁଆଁଣିଆ ଘରର ବଖରା ପଡ଼ିଯାଏ—ମାଟି ଉପରେ ଚାଳପଟେ । ଖୁଣ୍ଟି ସେଇଠି ଧାଡ଼ିଏ ବାଉଁଶର ଘର ଛିଡ଼ାହୁଏ—ମରା ମଣିଷର ଜୀର୍ଣ୍ଣ କଙ୍କାଳ ପରି ।

ସେହି ଘର ଗୁଡ଼ିକରେ ରୁହନ୍ତି ଗୋଖା, କଣ୍ଡରା, ଖାଣ୍ଡି, ବାଉରୀ, ଡମ, ପାଣ । ଏଇମିତି କେତୋଟି ଛୋଟ ଜାତଙ୍କର ସେଇଠି ଠାବ । ଛୋଟ ବୋଲି ସେମାନେ ଗାଁରେ ଗୋଟିଏ କଡ଼ରେ ଅରମା ବୁଦା ବୁଦୁକିଆ ଜଙ୍ଗଲ ଭିତରେ ଦଳି ରହିଥାନ୍ତି । ଏଇ ଅଛୁବ ବସ୍ତି ସେଠରେ ଆମ୍ବତୋଟା, ମଶାଣି—ଟିକିଏ ଦୂରରେ ଧାନବିଲ ।

ଏଇମାନଙ୍କ ଭିତରୁ ଅଧିକାଂଶ ଗୁଲି କରନ୍ତି—ମୂଲ ଲାଗନ୍ତି । କିଏ କିଏ କୋଡ଼ି ଟେଟି ଖଟନ୍ତି । କିଏ ଅବା ଦୂର ଭିନଦେଶରେ ଗୁଲି ଖଟନ୍ତି—କୋଉ ଚଟକଲ, ସୂତାକଳ କିମ୍ବା ଆସାମର ଚା' ବଗିଚାରେ । ଅଧିକାଂଶଙ୍କ ଅବସ୍ଥା ପ୍ରାୟ ଏକାରକମ । ଅଭାବ-ଅସୁବିଧା, ଦୁଃଖ-କଷ୍ଟ ସବୁଦିନେ ପଛକୁ ଲାଗି ରହିଛି—ସାଗରର ଉତ୍ତାଳ ତରଙ୍ଗପରି । କା'ର ଅବସ୍ଥା ଟିକେ ଭଲ, କା'ର ଦିନେ ଖାଇଲେ ଦି'ଦିନ ଉପାସ । ଇମିତି ଚନ୍ଦନପୁରର ଅଛୁବ ବସ୍ତିର ଛୋଟିଆ କୁଡ଼ିଆରେ ସେମାନଙ୍କର ସଂସାର ।

ଏହାର ଭିତରେ ଲକ୍ଷ୍ମଣ ମଲିକ ଗୋଟାଏ ଲୋକ । ଜାତିରେ କଣ୍ଡରା ହେଲେ କଣ ହେଲା ଭାରି ଭଲ ମଣିଷ । କାଳିଆ—ପାଞ୍ଚ ହାତର ଲୋକଟାଏ । ମୁହଁଟା ଗୋଲ, ନାକଟା ଟିକିଏ ଚେପ୍ଟା, ଆଖି ଦି'ଟା ଛୋଟ ଛୋଟ । ଲୁହା ପରି ଦେହର ଅଙ୍ଗ ପ୍ରତ୍ୟଙ୍ଗ ଗୁଡ଼ା ଟାଣୁଆ—ପାଷାଣ ପରି ଶକ୍ତ ତା'ର ହୃଦୟ । ତା' ଜୀବନରେ କେତେ ଦୁଃଖର ଝଡ଼ବନ୍ୟା—ଯାଇଛି । କେତେ ଅଦିନିଆ ଶୋକର କୁଆପ ଜୁଟିଛି । ତଥାପି ଲକ୍ଷ୍ମଣ ମଲିକ ଭାଙ୍ଗି ପଡ଼ି ନାହିଁ । ସବୁ ସହି ସହି ଛାତିଟାକୁ ପାଷାଣପରି ଶକ୍ତ କରି ନେଇଛି ।

ଅନେକ ଦିନ ତଳର କଥା । ବରୁଆ କୂଳରେ ଥିଲା ତା'ର ବାପ, ଦାଦ ସାତପୁରୁଷର ଘର । ବରୁଆ କୂଳରେ ଛୋଟିଆ ଗାଁ ଅଳପୁଅ ଥିଲା ତା'ର ଜନ୍ମମାଟି । ଲକ୍ଷଣ ମଲିକକୁ ତାର ବାପା ଠକର ମଲିକ ବାହା କଲା । ବୁଢ଼ା ପୁଅ-ବୋହୂ ନେଇ ସୁଖର ସଂସାର ଦେଖିବ କଣ; କିପୁତର ଡାକରାରେ ଚିରଦିନ ପାଇଁ ଆଖି ବୁଜିଲା । ଲକ୍ଷଣ ମଲିକ ଆଗରୁ ମା ହରାଇଥିଲା—ଆଜି ବାପାକୁ ହରାଇ ବଡଲୋକ ହୋଇପଡ଼ିଲା । ଲକ୍ଷ୍ମଣିଆର ଆଉ ନିଜରଠହର କେହି ନ ଥିଲେ, ମଲଣୀର ବହଳ ଚୋପା ଉପରେ ସବୁ ଆଗରୁ ଡାକହାକ ଶୋଇ ପଡ଼ିଥିଲେ । ଲକ୍ଷ୍ମଣିଆର ଭଙ୍ଗା ହୃଦମୂଳର ସାହସ ଆଣିଦେଲା ତା'ର ସ୍ତ୍ରୀ ସୁନା । ସୁନାକୁ ନେଇ ଲକ୍ଷ୍ମଣିଆ ପୁଣି ତାର ସୁନାର ସଂସାର ଗଢ଼ିଲା । ଲକ୍ଷ୍ମଣିଆର ଜମି ବାଡ଼ି କିଛି ନ ଥିଲା । ସାତ ପୁରୁଷର ଜମି ଯୋଡ଼ାକ ଗୁଣ୍ଠ ତା' ବାପ ପେଟ ଗୁଣ୍ଡିକ ପାଇଁ ବିକି ଦେଇଥିଲା । ଲକ୍ଷଣୀ ଗାଁରେ ମୂଲ ଲାଗିଲା । ମୂଲରୁ ଯା' ଦି'ପଇସା ପାଏ, ସେଇଥିରେ ସ୍ୱାମୀସ୍ତ୍ରୀରେ ଦୁଇଟି ପରାଣୀ ଚଳିବାକୁ ଲାଗିଲେ ।

କିଏ ଜାଣିଥିଲା ତାଙ୍କ ଗାଁକୁ ଏମିତି ବିପଦ ମାଡ଼ି ଆସିବ ବୋଲି । ସେ ବର୍ଷ ଯେଉଁ ବଢ଼ି—ଏମିତି ଲୋକେ କେବେ ଦେଖି ନ ଥିଲେ । ଉତ୍କଳା ବଢ଼ି ବରୁଆର କୂଳ ଖାଇଥାଏ । ଚାରିଆଡ଼େ ପାଣି—ଖାଲି ପାଣି । ଦିନକୁ ଦିନ ପାଣି ବଢ଼ିବାକୁ ଲାଗିଲା । ଗାଁରେ ପାଣିର ସୁଅ ଛୁଟିଲା । କେତେ ଘରଦ୍ୱାର ଭାଙ୍ଗି ପଡ଼ିଲା । ଯିଏ ଯୁଆଡ଼େ ପ୍ରାଣ ବିକଳରେ ପଳାଇବାକୁ ଲାଗିଲେ । ଦି'ଦିନ ପରେ ଘରଦ୍ୱାର, ଗାଈଗୋରୁ ସବୁ ଭାସିଗଲେ । କେତେ ପିଲା କାବିଲ, ବୁଢ଼ା ବୁଢ଼ୀ ପାଣିରେ ସମାଧି ପାଇଲେ । କେତେ ଭାଗ୍ୟଫେରରୁ ବଞ୍ଚିଗଲେ । ଲକ୍ଷ୍ମଣିଆ ସୁନାକୁ ନେଇ ଗୋଟାଏ

ଟିଛି ଉପରେ ଚଢ଼ ରଖାଯାଇଲା । ଆଖିବନ୍ଦ ପରେ ପାଣି [illegible] —ଲଇଖିଣିଆର ଜୀବନ ପଶିଲା ଦେହରେ । ଭାବିଲା, ଘରଦ୍ୱାର ସବୁ ତ ଗଲା—ଗାଁରୁ ଅଧେ ବଳୁଆ ଗର୍ଭରେ ମିଶିଗଲା । [illegible] ଘରର ଟିକିଏ ଚିହ୍ନବର୍ଣ୍ଣ ବି ରହିଲା ନାହିଁ । ପୁଣି ଏଇଲାଗେ କୁଆଡ଼େ ଯିବ । ଲଇଖିଣିଆ ଆଖିରୁ ଲୁହ ଝର ଝର ହୋଇ ଝରିପଡ଼ିଲା ।

ଏଇ ତା'ର ଜନ୍ମମାଟି । ମାଟି ସ୍ପର୍ଶରେ ସେ ମଣିଷ ହୋଇଛି । ଇଆରି ଉପରେ ତା'ର କେତେ ପୁରୁଷ ଘର ସଂସାର କରି ଚାଲି ଯାଇଛନ୍ତି—ସେ ବି ଦିନେ ସେ ପୁରର ଡାକରେ ଯାଇଥାନ୍ତା । କିନ୍ତୁ ସେ ଆଜ ବଞ୍ଚି ଥାଉଁ ଥାଉଁ ଜନ୍ମମାଟିର ମମତା ଛାଡ଼ିଯିବ । ଆଉ ଏ ହତଭାଗି ଗାଁରେ ରହିବ କାହିଁକି ? ଘର ଦ୍ୱାର ଗଲା—ଗାଁରୁ ଅଧେ ବାହୁଡ଼ା ଗ୍ରାସ କଲା । ଆଉ ବାକି ଅଧକ, ସେ ବି ଆଉ ଥରେ ବଡ଼ ବନ୍ୟାରେ ମିଶିଯିବ—ଅଳପୁଆ ଗାଁର କିଛି ଚିହ୍ନବର୍ଣ୍ଣ ବି ରହିବ ନାହିଁ ।

ଖାଲି ଭାବିଲା, ଗାଁ ଛାଡ଼ି କୁଆଡ଼େ ଯିବ ? ଶଶୁର ଘରର ନିଜର ହେଇ କେହି ନାହାଁନ୍ତି । ସବୁ ଯାଇଛନ୍ତି କାଳର କବଳରେ ପାଉଁଶ ହୋଇ । ନିଜର ହେଇ ଆଉ କିଏ ଅଛି—କୋଉଠି ମୁଣ୍ଡ ଗୁଞ୍ଜିବ । ସୁନା କହିଲା ଚନ୍ଦନପୁର ଏଠିକି ଅଢେଇକୋଶ ବାଟ । ସେଇ ଗାଁ ଜମିଦାର କୁଆଡ଼େ ଭାରି ଭଲ ମଣିଷ । ତା'ଙ୍କ କଡ଼କି ଚାଲ । କହି ବୋଲି ତାଙ୍କଠୁ ବଡ଼ଜାଗା ନେଇ ଘର ଦୁଆର କରି ରହିବା । ସୁନା କଥାଟା ଲଇଖିଣିଆର ମନକୁ ପାଇଲା । କେତେ ଦୁଃଖରେ ସୁନାକୁ ନେଇ ଗାଁ ମାଟିର ବନ୍ଧନ କାଟି ଆଗକୁ ଚାଲିଲା । ଚାଲିଦେଲେ ସେ ଥରେ ଫେରିପଡ଼ି ଗାଁକୁ ଅନାଇଲା ।

ଆହା, ଏଇ ଗାଁ ଟାର କଣ ହୋଇଛି, ଚାରିଆଡେ ଖାଁ ଲାଗୁଛି । କୋଉଠି କୋଉଠି ଜୀବଜନ୍ତୁ ମରି ପଡ଼ିଛନ୍ତି ଯାହାର ଦୁର୍ଗନ୍ଧରେ ନାକ ଫାଟି ପଡୁଛି । କୋଉଠି କାହାର ପିଲାପିଲି ପାଣିରେ ଭାସି ଯାଇଛନ୍ତି—ବାପା ମା'ଙ୍କର କରୁଣ କ୍ରନ୍ଦନ ଚିତ୍କାର ଆକାଶର ନୀରବତାର ସ୍ତବ୍ଧତା ଦୋହଲାଇ ବାଜି ଉଠୁଛି କାନ ପାଖରେ । ଚାରିଆଡ଼େ କାଳର କରାଳ ବିଭୀଷିକା ଘେରି ରହିଛି ।

ଦିନ ଥିଲା, ଏଇ ଗାଁ ଟାର ସରଗ ଦେବତାର ଆଶିଷ, ପାଣି ପବନର ଆଶୀର୍ବାଦ ନେଇ ସବୁବେଳେ ହସି ଉଠୁଥିଲା । ସବୁଜ ଗଛବୃକ୍ଷର ଉହାଡ଼ରେ ସକାଳର ସୁନା କିରଣ ପାଇ ଗାଁ ଟାର ଅଧର ଖେଳୁଥିଲା—ସଞ୍ଜରେ ଛାଇ ଓ ଆଲୋକ ମିଳନରେ ସପନ ପୁରୀର ରୂପ ଛବିପରି ହସି ଉଠୁଥିଲା । ରାତିରେ ଜହ୍ନମାମୁ ଜହ୍ନରାଣୀ ଯେତେବେଳେ ଚନ୍ଦ୍ର ପରୀ ହୋଇ ଉଠିଆସେ ଦୁଇ ହାତ ଫୁଟାଉଥିଲା, ସେତେବେଳେ ଏଇ ଗାଁ ରୂପେଲି ଆଲୁଅରେ ଦିଶୁଥିଲା ଜକ୍ ଜକ୍......କି ସୁନ୍ଦର । ଗାଁର ଦାଣ୍ଡେ ଦାଣ୍ଡେ ଛୋଟ ଛୋଟ ପିଲାଙ୍କ ଚକାଭଉଁରି, ଲୁଚକାଳି ଖେଳ—କୋଉଠି ଟୋକା ଟୋକୀଙ୍କର ଗୀତ, ଘଣ୍ଟ ବାଜି—କୋଉ ପିଣ୍ଡାରେ ଗାଁର ପୁରୁଣା ମାଇପିଙ୍କର ମେଳି, ଲୁହ ଝରିପି କାହିଁଅ ବହୁଙ୍କର ଦୋଷ ତ୍ରୁଟିର ସମାଲୋଚନା । ଦିନେ ଦିନେ ଇମିତି ରାତିରେ ଶୁଣା ଯାଏ କଥାରେ କେତେ ସୁଖଦୁଃଖର କାହାଣୀ କହେ—ନେ ନିଜେ ସବୁ ଶୁଣେ । ଲକ୍ଷ୍ମୀ ଟିଅର ଅତୀତ କଥା ତାଳି ମନେ ପଡ଼ିଲା ।

ଦୂରକୁ ଚିହ୍ନେ ଅନାଇଲା, ବିଲ ଧାନ କିଆରି । ସବୁ ଧାନ ପାଣିରେ ପଚି ଯାଇଛି । ଗରିବ ଗୃହୀର ସବୁ ଆଶାଟିକ

ମରିଯାଇଛି । ଆହାଃ···କଣ ହୋଇଛି ଏ ସୁନାର କ୍ଷେତ । ଏଇ କେଇଟା ଦିନ ଆଗରୁ ଏ ଧାନ କିଆରିକୁ ଦେଖିଲେ ଛାତି ଫୁଲି ଉଠୁଥିଲା ଦି'ଗୁଣ ଆନନ୍ଦରେ । ଆଜି ସବୁ ଯାଇଛି — ଗାଁରୁ ତାର ଲକ୍ଷ୍ମୀ ଛାଡ଼ି ଯାଇଛି । ଲକ୍ଷ୍ମିଣିଆ ଆଉ ଅନାଇ ପାରିଲା ନାହିଁ । ଆଖିରେ ତାର ଲୁହ ଛଳ ଛଳ ହୋଇ ଉଠିଲା । ସୁନା ପଚାରିଲା, ତମେ କାନ୍ଦୁଛ । ଏତେ ଦୁଃଖରେ ଲକ୍ଷ୍ମିଣିଆ ମୁହଁରେ ଫୁଟି ଉଠିଲା ଅସ୍ୱାଭାବିକ ହସ । କହିଲା ସୁନା, ଏ-ଗାଁ ମାଟିର ମମତା ମୁଁ ତାହାକୁ ଏଡ଼ିଦେଇ ପାରୁନାହିଁ । ସୁନା କହିଲା ଘରଦ୍ୱାର ସବୁତ ଯାଉଛି, ଆଉ ମାୟା ଲଗାଉଛ କାହିଁକି ? ଚାଲ । ଲକ୍ଷ୍ମିଣିଆ ଭାବିଲା, ସତେତ ତାର ଅଛି କଣ । ଗାଁ ତ ଆଜି ତାକୁ ଅଚେ ଅଚେ ଧରଣରେ ଦେଖାଉଛି । ସେ ଧୀରେ ଧୀରେ ଆଗକୁ ପାଦ କାଢ଼ିଲା ।

ନଈ ପାରିହେଲେ ଗାଁ ଏଠେରେ ଗୁଳୁ ଗୁଳୁ ଗୋଟାଏ ବୁଢ଼ା ବରଗଛ ମୂଳେ ଲକ୍ଷ୍ମିଣିଆ ବସିପଡ଼ିଲା । ମୁଣ୍ଡଉପରୁ ପେଣ୍ଠ ଗଣ୍ଠି ତଳେ ଥୋଇ ସୁନା ପଚାରିଲା, ବସିଲ କାହିଁକି, ଚାଲ··· ଜେନାପୁର ଆଉ ଅଳପ ବାଟ ଅଛି । ଲକ୍ଷ୍ମିଣିଆ କହିଲା, ସୁନା ଫେରି ଚାଲ ପୁଣି ଆମର ସେଇ ଗାଁ ମାଟିକି । ସେଇଠି ପଡ଼ିକି ମରିବା ଆଉ ଜେନାପୁର ଯିବା ନାହିଁ । ସୁନା ମୁହଁଟାକୁ ଅଭିମାନରେ ଫୁଲାଇ କହିଲା, ଏ କି ଅଙ୍କୁଲି କଥା କହୁଛ । ନା ଜିବ ଯଦି ଏତେ ହାଟହାଟା କରି ଏତେ ବାଟ ଆସିଲ କାହିଁକି । ମୁଁ ଆଉ ସେ ଲକ୍ଷ୍ମୀଛଡ଼ା ଗାଁ ମାଡ଼ିବି ନାହିଁ—ତମେ ପଡ଼ିଛ ଯା' । ଲକ୍ଷ୍ମିଣିଆ ସୁନାର କଥା କାଟିପାରିଲା ନାହିଁ ।

ସୁନା ତା'ର ସ୍ତ୍ରୀ । ବାହାହେଲା ଦିନଠାରୁ କେବେ ଦିନେ ସୁନାର କଥା ତଳେ ପକାଇ ନାହିଁ । ସୁନାର ସରଳତାରେ

ଲଇଖିଣିଆ ସବୁ ଦୁଃଖକଷ୍ଟ ଭୁଲି ଯାଇଚି । ଲଇଖିଣିଆ ମୂଲ ଲାଗେ; ଦେହଖାଲ ନାଗାଡ଼ି ଦ' ପଇସା ରୋଜଗାର କରି ସୁନା ହାତରେ ଦେଇଦଏ । ସୁନା ସେଇଥିରେ ଘରଟି ତାର ଚଳାଇନିଏ ସୁରୁଖୁରୁରେ—ପବନଘର ହାଲୁକା ସରଳ ଗତିରେ । ସୁନା ଆସି ଲଦନୁ ଲଇଖିଣିଆକୁ କୌଣସି ଅସୁବିଧା ଦୁଃଖ ଜଣା ଯାଇନାହିଁ । ସୁନାଟି ହତେ ଯେପରି ସୁନାପରି ସବୁବେଳେ ଉଜ୍ଜ୍ୱଳ, ସୁନ୍ଦର । ଅଜି ସୁନାର ଅଭିମାନଭରା କଥା ପଦାକ ଲଇଖିଣିଆ ଏଡ଼ିଦେଇ ପାରିଲା ନାହିଁ । ସେ ପୁଣି ଉଠିଲା । ଆଗରେ ତାର ଚନ୍ଦନପୁର ପଥ……ସେଇ ପଥ ଲଇଖିଣିଆକୁ ଇସାରା ଦେଇ ହତେ ଯେପରି ଡାକି ଉଠିଲା । ଲଇଖିଣିଆ ଆଉ ପଛକୁ ନ ଚାହିଁ ଏକା ନିଶ୍ୱାସକେ ଆଗକୁ ଛୁଟିଲା । ସୁନା କହିଲା, ମଲା ଇମିତ ଚାଲି ଯାଉଚ କିମିତମ ମତେ ପଛରେ ପକେଇ ଦେଇ । ଲଇଖିଣିଆ ଆଉ ଶୁଣିଲା ନାହିଁ—ସେ ଆଗକୁ ଚାଲିଲା । ସୁନା ତାର ପଥ ଅନୁସରଣ କଲା ଚାଲିବାର ଗତି ଟିକେ ଚଞ୍ଚଳ କରି ।

× × ×

ଗୋଲଖ ବିହାରୀ ସାମନ୍ତରାୟ ଚନ୍ଦନପୁର ଓ ଆଖପାଖ ଦଶଖଣ୍ଡ ମଉଜାର ଜମିଦାର । ବଡ଼ଲୋକ—କେତେ ଦାସଦାସୀ ଖଟୁଚନ୍ତି ତାଙ୍କର ଘରେ । ଗାଁରେ ଓ ଆଖପାଖ ଦଶ-କୋଶରେ ଗୋଲଖ ବାବୁଙ୍କୁ ସମସ୍ତେ ଜାଣନ୍ତି । ଦୁଃଖୀରଙ୍କିଙ୍କ ମନକଥା ସେ ଜାଣିପାରନ୍ତି । ସେଇଥିପାଇଁ ସବୁବେଳେ ଗରିବଙ୍କ ସାଙ୍ଗରେ ମିଳିମିଶି ଚଳନ୍ତି—ଗରିବଙ୍କର ହାରିଗୁହାରି ଶୁଣନ୍ତି ।

ଜମିଦାର ବୋଲି ଦଣେ ସେ ଗାଁରେ ବଡ଼େଇ ଦେଖେଇ ନାହାଁନ୍ତି; ଧନଗର୍ବରେ ଧରାକୁ ସରା ମଣି ନାହାଁନ୍ତି । ସେଇଥିପାଇଁ

ଲୋକେ ତାଙ୍କୁ ଧନ୍ୟ ଧନ୍ୟ କହନ୍ତି; ଗୋଲଖ ବାବୁଙ୍କ ବୋଲରେ କାମ କରିବାକୁ ଠିକ ବସିଥାନ୍ତି। ଗୋଲଖ ବାବୁଙ୍କ ସ୍ତ୍ରୀ ଭାଗ୍ୟ ଲକ୍ଷ୍ମୀ ପରି। ଲୋକେ କହନ୍ତି, ସେ ଆସିଲା ପରେ ଗୋଲଖ ବାବୁଙ୍କ ସବୁ କାମରେ ଉନ୍ନତି ହେଉଛି: ଧନ ଦୌଲତ ଦିନି ଦିନି ବଢ଼ି ଉଠିଛି। ଗୋଲଖ ବାବୁ ଦୁ'ପୁଅ ଗୋଟିଏ ଝିଅର ବାପ। କୋଳଭୂଟିରେ ଭଗବାନ ତାଙ୍କୁ ଦୟା କରି ନାହାନ୍ତି।

ଲକ୍ଷ୍ମଣିଆ ଆସି ନିଜର ସବୁ ଦୁଃଖ ଗୋଲଖ ବାବୁଙ୍କ ନିକଟରେ ଜଣାଇଲା। ଲକ୍ଷ୍ମଣିଆର ଦୁଃଖ ଦେଖି ଗୋଲଖ ବାବୁଙ୍କ ହୃଦୟ ତରଳିଗଲା। ତାଙ୍କୁ ଗାଁର ଦେଉଳ ଅକ୍ରୁର ବସ୍ତି ଭିତରେ ଥିବା ନିଜର ଜାଗା ଖଣ୍ଡେ ଦେଲେ। ଘର କରିବାକୁ ବାଉଁଶ ଛଣ ଯୋଗାଇଦେଲେ।

ଲକ୍ଷ୍ମଣିଆ ଦୁ'ଦିନ ଭିତରେ ଯେମିତି ବାଉଁଶରେ ଘର ଖଣ୍ଡିଏ ତିଆରି କଲା। ଘରଟିକୁ ଛୋଟ ଛୋଟ ତିନୋଟି ବଖରା କରିଦେଲା। ଗୋଟିଏ ରୋଷେଇ ଘର, ଗୋଟିଏ ଶୋଇବା ଘର ଓ ଅନ୍ୟଟି ଗାଈଗୋରୁଙ୍କ ଗୁହାଳ କରିବ ବୋଲି ସ୍ଥିର କଲା।

ଦୁ'ଦିନ ପରେ ଲକ୍ଷ୍ମଣିଆ ହେଲା ରତନପୁର ଗାଁର ନୂଆ ମଣିଷ। ପ୍ରଥମ ପ୍ରଥମ ତାକୁ ନୂଆ ଲାଗିବାକୁ କଥା। କାର ବୋଲହାକ ଶୁଣିବାକୁ ମିଳିଲା ନାହିଁ। ଖାଇବା ବିନା ହଇରାଣ ହେଲା। ନିଜର ଦୁଃଖ ପୁଣି ଥରେ ଜମିଦାରଙ୍କୁ ଜଣାଇଲା। ଗୋଲଖ ବାବୁ ତାକୁ ନିଜ ବଗିଚାରେ କାମଦାମ କରିବାକୁ ବରାଦ ଦେଲେ।

ସେହିଦିନ ଠାରୁ ଲକ୍ଷ୍ମଣିଆ ହେଲା ଜମିଦାର ଘର ବଗିଚିଆ। ସେ ବଗିଚାରେ ନିଇତି ଆସି କାମ କରେ; ଅନାବନା ଗଛ ଉପାଡ଼ି ସଫା ସୁତୁରା କରେ। ବାଇଗଣ, କଦଳୀ, ଜହ୍ନି,

ଭେଣ୍ଡି, କାକୁଡ଼ି ଏମିତି ନାନା ରକମ ଫସଲ ସମ୍ଭାରରେ ବଗିଚାଟି ଫାଟି ପଡୁଥାଏ ।

ଲଇଖଣିଆ ଫସଲର ତତ୍ତ୍ୱ ନିଏ । ନୂଆ ନୂଆ ଫସଲ ଲଗାଏ । ଖାଇବାପାଇଁ ଗୁହାଳ, ଚୋରିକରିବା ସବୁ ଜମିଦାରଙ୍କ ଘରୁ ନିଏ । ସୁନା ତାରି ପେଥକୁ ଅନାଇ ବସିଥାଏ । ଲଇଖଣିଆ ପହଞ୍ଚିଲେ ସୁନା ମୁହଁ ପରିତୃପ୍ତିରେ ଉଜଳି ଉଠେ । ସେ ଚେଷ୍ଟାକରି ସ୍ୱାମୀକୁ ଖାଇବାକୁ ଦିଏ—ଘରର ସବୁ ଖବର ବୁଝେ ।

ଏମିତି ସୁଖଦୁଃଖରେ ପୁଣି ଦୁହିଁଙ୍କ ଜୀବନ ବିତି ଚାଲିଲା—ନୂଆ ଗାଁ ମାଟିରେ ପାଣି ପବନ, ଆଲୁଅ—ଅନ୍ଧାରର ଶାନ୍ତ ଉଚ୍ଛଳ ସ୍ନିଗ୍ଧ କୋମଳ ପରଶରେ ।

କଣ୍ଟ୍ରାକ୍ଟ ସାହିରେ ଲକ୍ଷ୍ମୀ ମଲ୍ଲିକ ନୂଆହୋଇ ଘର କରି ରହିବାରେ କେତେ ଜାତିଭାଇ ତାଙ୍କୁ ଦେଖି ପାରୁ ନ ଥିଲେ । କିନ୍ତୁ ଲଇଖଣିଆ ଭାରି ଭଲ ମଣିଷ, କେଇଟା ଦିନ ଭିତରେ ସମସ୍ତଙ୍କୁ ଆପଣାର କରି ନେଲା । କା'ର କଥା କେବେହେଲେ ତଳେ ପକାଇ ଦିଏନା । ପରର ଦୁଃଖ ଦେଖିଲେ ସେ ନିଜକୁ ଭୁଲିଯାଏ । ନିଜକୁ ଅପରକୁ ଦେବା ଓ ଅପରକୁ ନିଜର କରିବା । ଲଇଖଣିଆ ଭଳିଆ ମଣିଷର ଧର୍ମ । ସେଇଥିପାଇଁ ଅଚ୍ଛୁଆ ସାହିରେ ସମସ୍ତେ ଲଇଖଣିଆକୁ ଆଦର କରନ୍ତି; ଭଲ, ମନ୍ଦ, ନ୍ୟାୟ ନିଶାରେ ବେଳେ ବେଳେ ଡାକି ନିଅନ୍ତି । ଜାତିଆଣୀ ସଭାରେ ଲଇଖଣିଆକୁ ବଡ଼ ଆସନ ଦିଅନ୍ତି । ଚନ୍ଦନପୁର ଗାଁରେ ମଧ୍ୟ ସବୁଜାତି ଲଇଖଣିଆକୁ ଭଲ ଆଖିରେ ଦେଖନ୍ତି । କିଏ କିଏ କହନ୍ତି, ଛୋଟ ଜାତି ହେଲେ କଣ ହେଲା, ଲଇଖଣିଆ ପରି ଲୋକଟାଏ ମିଳିବ ନାହିଁ ।

ଲଇଁଷିଣିଆ ଜମିଦାରଙ୍କ କାମ ସାରି ଅବସର ବେଳେ ଗାଁର ଆଉମାନଙ୍କର ବୋଲହାକ ଶୁଣେ; ଉପରେ ପଡ଼ି କେତେ ପାଇଟି କରି ଦିଏ । ପଇସା ମାଗିଲେ ଲଇଁଷିଣିଆ ନିଏ ନା— ମୁରୁକି ହସି ଚାଲିଯାଏ ହେଇଥିପାଇଁ ବେଳେବେଳେ ଜୋର କରି ତା ଗାମୁଛାରେ କିଏ ଗୁଡ଼ଜଲ, କିଏ ବାଇଗଣ ଦି'ଟା, କିଏ ସଜନା ଛୁଇଁ ଦି'ଟା, କିଏ ଶାଗ ପୁଞ୍ଜାଏ ବାନ୍ଧି ଦିଅନ୍ତି ।

ଲଇଁଷିଣିଆ ସେଇ ଆଉକୁ ନେଇ ତା ଛୋଟିଆ କୁଡ଼ିଆରେ ପହଞ୍ଚିଲେ ସୁନା ହସି ହସି ଦଉଡ଼ି ଆସେ । ଗାମୁଛା ଫିଟାଇ ଯତ୍ନରେ, 'ଯାକୁ କୁଆଡ଼ୁ ଅଣିଲ । ଲଇଁଷିଣିଆ ମୁହଁରେ ଦୁଷ୍ଟୁ-ହସର ଛୋଟିଆ ଲହଡ଼ିଟେ ଖେଳିଯାଏ । କୁହେ, ଦାସୁଘର ବୁଢ଼ୀ ଦେଇଥିଲା କି ଅମୁକ ଘର ସାଆନ୍ତେ ଦେଇଥିଲେ । ସୁନାର ହୃଦୟ ସରାଗରେ ଫୁଲିଉଠେ । ଛବିଟି ପରି ମୁହଁରେ ତା'ର ହସ ଉଠେ ଉଛୁଳି ।

## —ଦୁଇ—

ଛ’ଟା ମାସ ହସି ଖେଳି ଲୁଚି ଯାଇଛି। ଲଇଷିଶିଆ ଜୀବନର ସୁଅ କୁଳୁକୁଳୁ ହୋଇ ବହି ଗଲାଣି ସୁଖ ସାଗର ଧରିତ୍ରୀ ବୁକୁରେ ମିଶାଇ ଦେଇ।

ଲଇଷିଶିଆକୁ ବଗିଚା କାମ ଆଉ ଭଲ ଲାଗିଲା ନାହିଁ। ସେ ଭାବିଲା, ଆଜି ଆଉ ଲୋକମାନଙ୍କ ଘରେ ମୂଲ କରିବ—ହଳେ ବଳଦ କିଣିବ—ଜମିଦାର ସାଆନ୍ତଙ୍କଠାରୁ ମାଗି ଜମି ଭାଗରେ ଚାଷ କରିବ। କେତେ ଦିନ ଏଇ ମୂଲ କରି ବାପୁମାଆ ପ୍ରସାଦରୁ ସୁଖରେ ଚଳନ୍ତି, ସେ ଚିନ୍ତା କରି ପାରିବ ନାହିଁ। କିନ୍ତୁ ବଳଦ କିଣିବାକୁ ପଇସା କାହୁଁ? ଯାହା ବା ପଇସା ସେ ସଞ୍ଚି ସଞ୍ଚି ରଖିଛି ସେଥିରେ ଗୋଟାଏ ବଳଦ ହେବ, କିନ୍ତୁ ଆଉ ଗୋଟିକ। ଭାବିଲା, ଜମିଦାର ସାଆନ୍ତଙ୍କୁ କହିବ, ସେ ନିଶ୍ଚୟ ତା କଥା ବୁଝିବେ।

ସତକୁ ସତ ଜମିଦାର ସାଆନ୍ତେ ଲଇଷିଶିଆର ମନ କଥା ବୁଝିଲେ। ବଳଦ କିଣିବାକୁ ଟଙ୍କା ସାହାଯ୍ୟ ଦେଲେ ଓ ଜମି ଦି’ମାଣ ଭାଗରେ ଚାଷ କରିବାକୁ ଛାଡ଼ିଦେଲେ। ଲଇଷିଶିଆ ଆନନ୍ଦରେ ଗଦ୍‌ଗଦ୍ ହୋଇ କହିଲା, ସାଆନ୍ତେ ତମ ଋଣ ମୁଁ ଜୀବନରେ ଶୁଝି ପାରିବ ନାହିଁ। ଗୋଲକ ବାବୁ ହସିଲେ। କହିଲେ, ଗରିବଟା ତୁ—ତୁ ମଣିଷ ହେଲେ ସେଇ କଣ ମୋର

ଗୌରବ ନୁହେଁ । ତୋର ଭଲ କଲେ ଉପରେ ଭଗବାନ ମୋର ଭଲ କରିବେ । ଲଇଞ୍ଛିଣିଆ ଭାବିଲା ମାଆଁଙ୍କ ପରି ଲୋକ ସାରା ପୃଥିବୀରେ ମିଳିବେ ନାହିଁ ।

ଲଇଞ୍ଛିଣିଆ ଚାଷ କରିବା ଶୁଣି ଗାଁର ଚନ୍ଦ୍ରେଇ ସାହୁ, ସଦେଇ ମହାପାତ୍ର ଜମି ଅଧମାଣେ ଲେଖା ଭାଗରେ ଚାଷ କରିବାକୁ ଛାଡ଼ିଦେଲେ । ଫଗୁଣ ସକାଳର ଏକ ଫଗୁଆ କାରଣରେ ଦଳେ ଲଇଞ୍ଛିଣିଆ ତା ଜମିରେ ଆସି ହଳ ବୁଲାଇଲା । ନୂଆ ନୂଆ କେତେ ଅସୁଆ ଲାଗିଲା; କିନ୍ତୁ ଦିନ ଗଡ଼ିବା ସଙ୍ଗେ ସଙ୍ଗେ ଆପେ ଆପେ ସବୁ ଦାହଦାହା ହୋଇଗଲା । ଘର ପାଖରେ ପଡ଼ିଥିବା ବାଡ଼ିତଳ ଜାଗାରେ ଲଇଞ୍ଛିଣିଆ ପନିପରିବା ଫସଲ ଇତ୍ୟାଦି ଲଗାଇ ଆମଦାନୀ କଲା ।

ଦିନ ପରେ ଦିନ ଲଇଞ୍ଛିଣିଆ ମାଆ ସାଙ୍ଗରେ ମା ହୋଇ ଖାଇବାକୁ ଲାଗିଲା । ଅଭାବ, ଅସୁବିଧା ବେଳେ ଜମିଦାର ମାଆଁଙ୍କ ସାହାଯ୍ୟ ଦେଲେ । ଧାନ କେଦା ବାହାରିଲା । ଲଇଞ୍ଛିଣିଆ ଧାନ କିଆରୀକୁ ଦେଖିଲେ ତା ଛାତି ଆନନ୍ଦରେ ପୂରି ଉଠେ । ଭବିଷ୍ୟତର ରଙ୍ଗିନ ସ୍ୱପ୍ନ ଛବି ତାକୁ ଆତ୍ମହରା କରିଦିଏ ।

ଖରା ବର୍ଷାରେ ନିର୍ଦ୍ଦିଷ୍ଟ ଆଶୀର୍ବାଦ ନେଇ ଲଇଞ୍ଛିଣିଆ ଭଲ ଧାନ ଅମଳ କଲା । ମାଲିକଙ୍କୁ ତା ଭାଗ ଶୁଝିଦେଇ ବାକିତକ ସେ ଓଳିଆ ମାରି ଘରେ ରଖିଲା । ବାଡ଼ିତଳ ଜମିରୁ ମଧ୍ୟ ପନି ପରିବା ଆମଦାନୀ କଲା, ତହିଁରେ ଘର ଗୁଜୁରାଣ ମେଣ୍ଟାଇ ବାକିତକ ଗାଁ ହାଟରେ ବିକ୍ରି କରିଦିଏ । ସେଇ ପଇସାରେ ଘରର ତେଲ ଲୁଣ ଖର୍ଚ୍ଚ ଉଠାଏ ।

ଇମିତି ସୁଖରେ ଲଇଷିଣିଆର ନଈବାଲି ପରି ଅସରନ୍ତି ଦିନଗୁଡ଼ା ବିତି ଚାଲିଲା। ବେଳେ ବେଳେ ତା'ର ଗାଁ କଥା ମନେ ପଡ଼େ। ଭାବେ, ସୁନା କଥା ମା'ଜି ଗାଁ। ଛାଡ଼ି ଚାଲି ଆସିଛି, ବେଶ ସୁଖରେ ଅଛି। କିନ୍ତୁ ପରକ୍ଷଣରେ ସେଇ ମନଟା ପୁଣି ତା'ର ନୂଆ ଭାବନାର ରୂପ ଧରେ। ଭାବେ, ଯେତେହେଲେ ସାତ ପୁରୁଷର ଜନ୍ମମାଟି ଛାଡ଼ି ଆସିବା ତା ପକ୍ଷରେ ଠିକ୍ ହୋଇ ନାହିଁ। ନ ଖାଇ ନ ପିଇ ସେଇଠି ହନ୍ତସନ୍ତ ହେଲେ ପଛେ ମରଣରେ ଜନ୍ମମାଟି ତାକୁ କୋଳରେ ଜାକି ଧରି ସୁଖ ଶାନ୍ତିର ସ୍ୱାଦ ଟିକେ ଦେଖେଇ ଦେଉଥାନ୍ତା। ଲଇଷିଣିଆର ମନ ହୁଏ ଥରେ ଗାଁକୁ ଦେଖି ଆସିବାକୁ—କିନ୍ତୁ ସେଇ ମନ ପୁଣି ତାର ପଛେଇଯାଏ।

ଦିନେ ବସନ୍ତ ସକାଳର ମଳୟ ବାଆ ସାଥେ ସାଥେ ଲଇଷିଣିଆ ଘରେ ନୂଆ ଅତିଥିଟି ହସି ଉଠିଲା। ତା'ର ଗୋରା ତକ ତକ ରୂପଟି ସକାଳ ଆଲୁଅରେ ଧୋବ ଜଇ ପରି ଦିଶୁଥିଲା ଜକଜକ, କି ସୁନ୍ଦର।

ଲଇଷିଣିଆର ପୁଅ ହେବା ଖବର ଗାଁ ଖଣ୍ଡକରେ ବ୍ୟାପିଗଲା। ପଡ଼ିଶା ଘରର କେତେ ଲୋକ ଆସିଲେ ଦେଖିବାକୁ। ଯିଏ ଦେଖିଲା କହିଲା, କି ସୁନ୍ଦର ପୁଅଟି...ଠିକ୍ କଣ୍ଢେଇଟି ପରି ଚିକ୍କଣ, ମନୋହର। ବିଧାତା କାରିଗର ତାକୁ ଗୋଟିଏ ଛାଞ୍ଚରେ ଗଢ଼ିଛନ୍ତି।

ଲଇଷିଣିଆ ଭାବିଲା, କି ପୁଅ କା'ର। ଭଗବାନ ଆୟୁଷ ଦେଇ ବଡ଼ କଲେ ଯାଇ ପୁଅ। ସ୍ନେହରେ ପୁଅଟିର ନାଁ ରଖିଲା ସନିଆ। ସୁନା ପୁଅଟିକୁ ପାଇଲାଦିନୁ ତା ମନ ଗହନରେ ଫୁଟି

ଝୁଟିଲା ଲକ୍ଷ ଗନ୍ଧଭରା ଫୁଲ । ସେହି ସୁବାସରେ ସେ ପୁଅଟିକୁ ଗେଲ କରୁ କରୁ ନିଜକୁ ଭୁଲିଯାଏ ।

ଲଇଛିଣିଆ କାମରୁ ଫେରି ଆସିଲେ ଆଗେ ପୁଅଟିକୁ ଧରି ବସିକି ଗେଲ୍‌କରେ—ଖେଳେ । ସ୍ୱତ ଦିନ ତା'ର ପୁଅ ଚିନ୍ତା । ଗରିବ ଘରର ଭୋକ ଉପାସରେ ପଡ଼ି ବି ଏଇ ପୁଅଟିକୁ ଦେଖିଲେ ସବୁ ଦୁଃଖ କଷ୍ଟ ଭୁଲି ହୋଇଯାଏ । ପୁଅଟିକୁ ପାଇ ସୁନା ଓ ଲଇଛିଣିଅର ଦୁଖର ଦିନଗୁଡ଼ା କଟିବାକୁ ଲାଗିଲା । ଦିନ ଗଡ଼ିବା ସଙ୍ଗେ ସଙ୍ଗେ ସନିଆ ବଡ଼ ହେଲା ।

\+ \+ \+ \+

ଚନ୍ଦନପୁର ଗାଁରେ କେତୋଟି ବରଷ କୁଆଡ଼େ ହଜି ଯାଇଛି । ବର୍ତ୍ତମାନ ସୁଖ ସ୍ମୃତି ଭିତରେ ଅତୀତର ଦିନଗୁଡ଼ା ଶୋଇ ଶୋଇ ସ୍ୱପ୍ନ ଦେଖୁଛି । ଭୂଇଁ ଡାଳି ଲଇଛିଣିଆ ବର୍ଷକୁ ବର୍ଷ ସୁନା ଫସଲ ଆମଦାନୀ କରୁଛି; ଜମିଦାରଙ୍କ ପାଉଣାତକ ସୁଝି ଦେଉଛି । ଜମି ଦେଢ଼ମାଣ ଜମିଦାରଙ୍କ କୃପାରୁ ଖରିଦ କରିଛି । ସେ ବରଷ ଯୋଉ ଝଡ଼ ତୋଫାନ—ପୁରୁଖା ପୁରୁଷ୍ଟା ମିଶିଫେ କହନ୍ତି ଇମିତିକା କୋଉ ବରଷ ଦେଖି ନାହାନ୍ତି । ସେ ବରଷ ଲଇଛିଣିଆର ଘରଟା ଭାଙ୍ଗି ଗଲା । ଭାଗ୍ୟକୁ ଲଇଛିଣିଆର କିଛି କ୍ଷତି ହୋଇନାହିଁ । ଲଇଛିଣିଆ ସେଇଠି ପୁଣି ନିଜ ଅର୍ଜିତ ପଇସାରେ କାଠରେ ଭଲ ଘର ଖଣ୍ଡେ କରିଛି । ଅଭାବ ଅସୁବିଧା ଆଜି କେବେ ତାଙ୍କୁ ବିକୃତ ରୂପ ଧରି ଦେଖା ଦେଉନି । ସୁନାକୁ ନେଇ ଆଜି ତାର ସୁନା ସଂସାର ସୁନା ଫଳ ହସି ଉଠିଛି ।

ସନିଆକୁ ଆଜି ବାର ବରଷ । ଦୁଷ୍ଟ ପଣରେ ସବୁଠୁ ଗୁଣ୍ଡିଲା ଗଗଡ଼ରେ ନାତ ଦେବ । ଲଇଛିଣିଆ ତାକୁ ଗା

ଇସ୍କୁଲରେ ପଢ଼ିବା ପାଇଁ ବସାଇଲା । କିନ୍ତୁ ସନିଆ ତୃତୀୟ ଶ୍ରେଣୀରୁ ପାଶ୍ କରି ଆଉ ପଢ଼ିଲା ନାହିଁ; ଖାଲି ଦୁଷ୍ଟାମି କଲା । ପଢ଼ିବା ପାଇଁ କହିଲେ ତାକୁ ଜର ଆସିଲା । ଇସ୍କୁଲକୁ ନ ଯାଇ ଯାଡ଼େ ସାଡ଼େ ବୁଲିଲା । ଅଜା ଘର ବାଡ଼ିରୁ କାକୁଡ଼ି ଚୋରି କଲା ତ କାଲି କା ପିଲାକୁ ମାଇଲା । ଗାଁରେ କିଏ କେତେ ରକମ ଗାଳି ଗୁଜର କଲେ । କିଏ କିଏ କହିଲେ, ଏଇଟା ଲଇଖିଣିଆ ପୁଅ ନୁହେଁ ବାପ ଇମିତ । ଶାନ୍ତଶିଷ୍ଟ—ମାଙ୍କ ମ' କହିବ ନାହିଁ—ତାର ପୁଅ ଏ ସନିଆଟା ପୁଣି ଇମିତ ।

ଲଇଖିଣିଆ ବାର ଲୋକଙ୍କ ବାର ରକମ କଥା ଶୁଣି ବେଳେ ବେଳେ ରାଗରେ ସନିଆକୁ ଠାଙ୍କେ ଛେ-ଚେ । ସନିଆ ଭେଁ ଭେଁ ହୋଇ କାନ୍ଦେ । ସନିଆକୁ ମାରିଲେ ସୁନା ଆସି ମୁହଁଟାକୁ ହାଣ୍ଡି କରେ । କୁହେ, ପିଲାଟାକୁ ମାରୁ ମାରୁ ମାରି ଦେବ ନା କଣ ? ଇମିତ ପାଷାଣ ତମ ଚିତ୍ତ, ଟିକିଏ ଦୟା ନାହିଁ । ସୁନା ସନିଆକୁ କୋଳକୁ ନେଇ ତା ଆଖିରୁ ଲୁହ ପୋଛି ଦେଇ ଦେଇ କାନ୍ଦେ । ଲଇଖିଣିଆର ରାଗଟା ଥମିଯାଏ । ଭାବେ, ପିଲାଟା ବୁଦ୍ଧି ଶୁଦ୍ଧି ହୋଇନାହିଁ । ବୟସ ଗଡ଼ିଲେ କଣ ବୁଦ୍ଧି ଶୁଦ୍ଧି ଫେରିବ ନାହିଁ ? କାହିଁକି ଏତେ ମାରିଲି । ଗୋଟିଏ ବୋଲି ପୁଅ । ଆଉ କୋଉ କୋଳକୁ ଛ'ଟା ନା ନ'ଟା ଅଛନ୍ତି । ପୁଣି ମନଟା ତାର ସ୍ନେହରେ ନଇଁ ପଡ଼େ ସନିଆକୁ କୋଳକୁ ଟାଣିଆଣି ତା ଦେହମୁଣ୍ଡ ଆଉଁସି ଦେଇଁ ଦେଇଁ ତା ଆଖିରେ ଲୁହ ଛଳ ଛଳ ହୋଇ ଉଠେ ।

ସମୟର ସୁଅରେ ଦିନ ଗଡ଼ି ଯାଉଛି । ସନିଆ ଆଜି ସତର ବରଷର ଯୁଆନ ଟୋକା । ପିଲା ବେଳର ଦୁଷ୍ଟାମି ସବୁ କୁଆଡ଼େ ଗଲା ଯାଇଛି । ବାପା ସାଙ୍ଗରେ ବେଳେ ବେଳେ ବିଲକୁ

ହଳ ବୁଲାଏ—ଘର କାମ କରେ । ଗାଁରେ କା’ କାର ମୂଲପାଉ ଲାଗି ଦି’ପଇସା ଆଣି ବାପା ହାତରେ ଦେଇ ଦିଏ । ବାପା ତାର ଭାବେ, ସନିଆ ଆଜି ମଣିଷ ହେଲାଣି—ମୁଣ୍ଡକୁ ତା’ର ହାତ ପାଇଲାଣି । ଗୋଟାଏ କି ଅଜଣା ଆବେଗରେ ଲଇଛିଣିଆର ହୃଦୟ ପୂରିଯାଏ । ଭବିଷ୍ୟତର ସ୍ୱପ୍ନର କୁହେଳିକା ଥିରି ଥିରି ଆସି ତା ମନର ଅନ୍ଧକନ୍ଦ ଘେରିବସେ ।

ଲଇଛିଣିଆ ଭାବେ, ସେ ଆଜି କେତେ ସୁଖରେ ଅଛି । କାଲି ସକାଳେ ସନିଆ ବାହା ହେବ—ହାତକୁ ଦି’ହାତ ହେବ । ପୁଅବୋହୂ ନେଇ ପୁଣି ସେ ଘର କରିବ । ଠାକୁର ଥିଲେ ନାତି ନାତୁଣୀର ମୁହଁ ବି ଦେଖିବ । ଆଖିର ଆଲୁଅରେ ଅନାଗତ ଭାବନା ତାର ଜକଜକ କରେ—ଅଧିକ ସୁନ୍ଦର ଦିଶେ । ପୁଣି ଭାବନା ତା’ର ଲଭି ଲଭି ଆସେ । ସେ ଉଠି କାମରେ ଲାଗେ ।

ଚନ୍ଦନପୁର ଗାଁକୁ ଘେରିଥିବା ନାଳବନ୍ଧ, ସେ ପଟକୁ ସୁବିସ୍ତୃତ ପାଳଜମି । ଟିକିଏ ଦୂରରେ ପ୍ରାୟ ଗାଁଠୁ କୋଶେ ବାଟ ଛଡାରେ ବ୍ରାହ୍ମଣୀ ନଈ । ବନ୍ଧ ଉପରେ ଛିଡାହେଲେ ଦେଖାଯାଏ ନଈପଠା—ବାଲି—ଆଉ ବ୍ରାହ୍ମଣୀର କଳାଧୂମର ପାଣି ।

ପ୍ରତି ବର୍ଷ ବନ୍ୟା ଆସେ । ନଈ ଉଛୁଳି ପାଣି ମାଡ଼ି ମାଡ଼ି ଆସେ । ପାଳଜମି ବୁଡ଼ି ଯାଏ । କୋଉ କୋଉ ବର୍ଷ ପାଣି ବେଶୀ ଦିନ ରହିଲେ ଅଗିଣା ପୁଞ୍ଜିଆ ଧାନଗଛ ସବୁ ଘଣ୍ଟ ଧୋଇରେ ଯାଏ । କୋଉ କୋଉ ବର୍ଷ ବ୍ରାହ୍ମଣୀର କୂଳ କୂଳେ ପାଳଜମି ଉପରେ ଆଣ୍ଠୁଏ ଧବଳର ପଟୁ ବସାଇ ଦେଇଯାଏ ।

ସେଇଠି ଗରିବ ଚୂଷୀ ବରଷ ଆଶାର ମୂଳଦୁଆ ବାନ୍ଧେ—ଏଇ ଟେଣ୍ଟୁବଣ୍ଡ ଉର୍ବର ଜମି ଉପରେ ପଣ୍ଡାପରିବା ରବିଜାତ ଫସଲ କରି ଦୋଷରର ଖଟଠା ଉଠାଇ ନେବ ବୋଲି ।

ହେମନ୍ତ ଆସିଲେ ନଈକୂଳ ସେଇ ପଟୁ ବିଲ୍ଲ ଜମି ଉପରେ ସୋରିଷ ଫୁଲର ହାଟ ବସେ । ଶୀତୁଆ ପବନଟା ତାରି ଭିତରେ ବୁଢ଼ି ବୁଢ଼ି ଲହରୀ ଖେଳେ । ଦୂରରୁ ଦେଖିଲେ ସତେ ଯେପରି ମନେହୁଏ ପ୍ରକୃତି ସୁନ୍ଦରୀ ହଳଦି ରଙ୍ଗର ଶାଢ଼ୀଟି ପିନ୍ଧି ବ୍ରାହ୍ମଣୀର ତହଲ ପାଣିରେ ବସି ସୁଖ ସପନ ଦେଖୁଛି । ସେଇ ନଈକୂଳ ଯାକ ଧଣିଆ, ଗହମ, ମୁଗ, ବିରି, ବାଇଗଣ, କଖାରୁ ଇତ୍ୟାଦି ଚାରି ରକମ ଫସଲରେ ପୂରିଯାଏ । କିଏ କିଏ ସେଇ ଭରା ଫସଲ ଦେଖି ନୂଆ ଆଶାରେ ସପନ ଦେଖେ ।

ନଈକୂଳକୁ ଲାଗି ଗୋଲଖବାକୁ ଜମିଦାରଙ୍କର ଝରଣାପାଣି ଜମି—ଗୋଟିଏ ଚକ । ସେଇ ଜମି ନେଇ ଏବରଷ ଲଇଛିଣିଆ ବଗିଚା କରିଛି । ଭାଗ୍ୟଯୋଗରୁ ଲଇଛିଣିଆ ଦେହ ମିହନ୍ତର ଫଳ ମିଳିଛି । ଭରା ଫସଲରେ ଗଛଗୁଡ଼ିକ ପଲ୍ଲବିତ ହୋଇ ଉଠିଛି । ବାଇଗଣ ଗଛଯାକ ନେନ୍ତ ନେନ୍ତ ହୋଇ ଭରି ଉଠିଛି, କଖାରୁ ଗଛରେ କଷି ଧରିଲଣି, ଲଙ୍କାମରିଚ ଗଛରେ ଫୁଲ ଫୁଟିଲଣି ।

ଲଇଛିଣିଆ ବଗିଚାଟିକୁ ଦେଖିଲେ ତା ପେଟ ପୁରି ଉଠେ ମାତାଲରେ ଚଳି ଚଳି ଗୋଟାଏ କି ନବ ଉନ୍ମାଦନାରେ ମନ—ବୋଧ ଚକ୍ରବାଟରୁ ପଦେ ବୋଲିଦିଏ,—କହଇ ମନ ଅରେ ମୋ ବୋଲକର, କଳାଶ୍ରୀମୁଖ ବାରେ ଦେଖିବା ଚାଲ ।

ପାଖ ବଗିଚାରୁ ନନ୍ଦ ସେନା ଡ଼ାକେ—କିରେ ଲଇକ୍ଷିଣିଆ ! ଆଜିତ କାଇଁକି ଭାରି ଖୁସି । ଲଇକ୍ଷିଣିଆ ସରମରେ ଶଙ୍କିଯାଇ କୁହେ—ନା’ରେ ଭାଇ ଗରିବ ଜୀବନରେ ଖୁସି କୁଆଡ଼ୁ ଆସିବ । ନନ୍ଦ ସେନା କହେ—ଖୁସି ନ ଥିଲେ ଇମିତକା ଗୀତ ଗଳାରୁ କଣ ବାହାରିପାରେ । ଲଇକ୍ଷିଣିଆ ଆବେଗରେ ଗଦ ଗଦ ହୋଇ କହେ—ଯା ନନ୍ଦଭାଇ, ତମର ଖାଲି ସବୁବେଳେ ସେଇ ଥଟ୍ଟା ।

—ତିନି—

ମଝିରେ ବ୍ରାହ୍ମଣୀ ନଈ,—ସେ ପାଖରେ ତୀଖ ଅତଡ଼ା, ଟିକିଏ ଦୂରରେ ଗାଁ । ଏପଟରେ ବାଲି—ଖାଲି ବାଲି । ବାଲିକୁ ଲାଗି ବଗିଚାଟି ଭର୍ତ୍ତି ଫସଲରେ ହସି ହସି ଲୋଟି ପଡ଼ୁଛି । ତାର ଭିତରେ ଛୋଟିଆ ପାଲଟିଏ ମାରି ଜଗିରହିଛି ସନିଆ । ଗୋରୁ, ଗାଈ, ଛେଳିଙ୍କ ଉପଦ୍ରବରୁ ବଗିଚାଟିକୁ ବଞ୍ଚାଇବାଲାଗି ଦିନ ରାତି ସନିଆର ସେଇଠି କଟେ ।

କେତେବେଳେ ଖୁଡ଼୍‌କର ଶବ୍ଦ ହେଲେ ସନିଆ ପାଲ ଭିତରୁ ଆସି ଥରେ ଭଲକରି ନିରେଖି ପୁଣି ଫେରିଯାଏ । କେତେ ବେଳେ କାର ଅମାନିଆ ଗାଈ କିବା ଛେଳିଟା ବାଡ଼ ଡେଇଁ ବଗିଚା ଭିତରକୁ ଆସିଲେ ସନିଆ ବାଡ଼ିନେଇ ଗୋଡ଼ାଏ ଓ ଗାଳିରେ ମାଲିକର ସପ୍ତ ପୁରୁଷ ଉଦ୍ଧାର କରେ ।

ବାପ ତାର ସନିଆକୁ ଏଇ କାମରେ ଲଗାଇ ଦେଇଛି । ସନିଆ ବି କାମଟା ପାଇ ଭାରି ଖୁସି । ନଈକୂଳର ଏଇ ସୁଲୁ ସୁଲିଆ ବାଆ ତାକୁ ଭାରି ଭଲ ଲାଗେ । କିନ୍ତୁ ବେଳେ ବେଳେ ତାର ନିଃସଙ୍ଗ ଜୀବନଟା ତାକୁ ବିରକ୍ତ ଲାଗେ । ସେତେବେଳେ ସେ ତାର ଦାଦରା ବଇଁଶିର ତାଳେ ତାଳେ ସାଥୀହୀନ ପ୍ରାଣର ଦରଦୀ ଭାଷାକୁ ସ୍ୱର ଦିଏ । ନଈକୂଳର

ଜିଗୁଟିଆ ପବନଟା ବି ସେଇ ସୁରର ତାଲ ଧରି ବହିଗଲେ ଦୂରକୁ ।

ସନିଆ ଟାଣି ଗାଧୁଆବେଳେ ଘରେ ଅସି ଗଣ୍ଡାଏ ଯାଉଁ ସାଉଁ ଖାଇଦେଇ ପୁଣି ଲେଉଟି ଯାଏ । ରାତିରେ ସେଇଠି ପାଖ ବଗିଚା ନନ୍ଦ ଯେନା ଗୁହ୍କରିଆ ଚକରା ଓ ସେ ଦହେଁ ଏକାଠି ରୋଷେଇ କରନ୍ତି—ଏକାଠି ଖାଇ ପିଇ ସେଇଠି ଶୁଅନ୍ତି; ଭର ଭୟ କିଛି ନ ଥାଏ । ପାଖକୁ ପାଖ କେତେ ବଗିଚା; କେତେ ଲୋକ ଇମିତ ରାତିରେ ପଲ୍ଲମାରି ରହନ୍ତି । ସନିଆ ଭାରି ସାହସୀ; କିନ୍ତୁ ଚକରାଟା ଭାରି ଡରକୁଳା । ରାତିରେ କେଉଁଠି ଖୁଡ଼୍ କିରି ଶବ୍ଦ ଶୁଣିଲେ ସେ ଭୂତ ବୋଲି ଭାବି ପଦାକୁ ବାହାରେ ନା । କିନ୍ତୁ ସନିଆ ଡରେନା—ସେ ତାର ଗିଡ଼ାଏ ଜଇ ଠେଙ୍ଗାକୁ ଧରି ପଦାକୁ ବାହାରି ପଡ଼େ । କାରଣ ସେ ଜାଣେ ସେପାରି ଲୋକ ଗୁଡ଼ା ଭାରି ବଦମାସ । ରାତି ହେଲେ ବଗିଚାରୁ ପନିପରିବା ଚୋରି କରି ନେଇଯାଆନ୍ତି । ସେଇଥି ପାଇଁ ସନିଆ ଭାରି ହୁସିଆର ।

ସନିଆ ଆଜି ଜୁଆନ ଟୋକା । ମନରେ ତାର ବେଳେ ବେଳେ ଯୌବନର ସୁନେଲି କଳ୍ପନା ବସା ବାନ୍ଧେ । ଅଜଣା ମଳୟର ମନ ମତାଣିଆ ପରଶରେ ବେଳେ ବେଳେ ଏଇ ରୁକ୍ଷ ଜୀବନ ବି ଝାଉଁଳି ଉଠେ । କାହିଁକି ? ସନିଆ କିଛି ବୁଝି ପାରେନା । କେଉଁ ସୁନ୍ଦରୀ ଝିଅ ବୋହୂକୁ ଦେଖିଲେ ମନଟା ତାର ଛନ ଛନ ହୋଇଉଠେ । ହୃଦୟରେ ଜାଗେ ଅଜଣା ବାସନା ମନ ପୁରାଇ ଥରେ ଦେଖିବାକୁ । କିନ୍ତୁ କାହିଁ ! ସେ ବାସନା ତାର ତ ପୂରୁନାହିଁ । ସନିଆ ମନଟା ହା' ହୁତାଶରେ ଭରିଯାଏ ।

ଗୋଧୂଳି ଆସେ । ଦୂର ପାହାଡ଼ ପାଟେଶ୍ୱ ସେ ପଟରେ ସୁରୁଯ ଦେବତା ଢଳି ପଡ଼ନ୍ତି । ବ୍ରାହ୍ମଣୀର ପାଣି ରଙ୍ଗ ପାଲଟେ । ସେପାରି ଗାଁର ଝିଅ ବୋହୂମାନେ ପାଣି ନେବାକୁ କଳସି କାଖରେ ବ୍ରାହ୍ମଣୀ ତୁଠରେ ଆସି ତୁଳ ହୁଅନ୍ତି । ସନିଆ ଏପାଖରେ ବସି ବସି ସେପାରିର ସେହି କାନ୍ତିକମନୀୟ ଛବିକୁ ପ୍ରାଣ ପୂରାଇ ଦେଖେ । ଗୋଧୂଳିର ସ୍ତୁଟ ଅଲୁଅ ପରି ମନରେ ତାର ନାନା ରଙ୍ଗର ଢେଉ·····ଅସୁମାରି ଭାବନା । କେତେବେଳେ ଭାବନା ତାର କେଉଁ ରଙ୍ଗ ଧରେ ତା' ଠିକ୍ କରି ହୁଏନା ।

ସୂର୍ଯ୍ୟ ଦୀପ ଜଳି ଜଳି ଲିଭିଯାଏ—ସୁନା ଗୋଧୂଳି ମୁହଁ ଲୁଚାଏ ଦୂର ଦିଗ୍‌ବଳୟର ସେ ପଟରେ । ମାଛି ଅନ୍ଧାର ସରୁ କୁହେଳିକାର ପରଦା ପୃଥିବୀ ଉପରେ ଟାଣି ଦେଇଯାଏ । ଦୂର ଗାଁ ଗହଳରେ ଲୁଚିଯାଏ କେତୋଟି ସୁନ୍ଦର ମୁହଁ···ଢଳ ଢଳ ଆଖି । ସନିଆର ଚହଲା ଭାବନାରେ ରହେ ଖାଲି ତାଙ୍କର ସ୍ମୃତିର ଛାଇ ।

ରାତି ଆସେ । ଦୂର ନେଳିଆ ଆକାଶରେ ଜହ୍ନ ହସେ— ବ୍ରାହ୍ମଣୀ ପାଣିରେ ତାରା ଫୁଟେ । ଜୋଛନା ଚୁପି ଚୁପି ଆସି ବଗିଚା ଭିତରେ ଲୁଚକାଳି ଖେଳେ । ସନିଆ ଦେଖେ କି ସୁନ୍ଦର ରାତି । ସାତ ସପର ଧରଣୀ-ରାଣୀର ଦର ଦର ଢୁଲନ୍ତ ଡୋଳାରେ କିଏ ବୁଲେଇ ଦେଇଛି ରାତିର ସ୍ୱପ୍ନାଞ୍ଜନ ମାଖି ଦେଇଛି । ସେଇଥିପାଇଁ ଚାରିଆଡ଼ ଭରି ଉଠେ ଏ ଅପୂର୍ବ ସ୍ନିଗ୍ଧତାରେ । ମନଟା ଉଡ଼ି ଭାସିଯାଏ କେଉଁ ସ୍ୱପ୍ନ ରାଇଜକୁ । କାହିଁକି ତା'ର ଏ ଚଞ୍ଚଳତା, ସେ କିଛି ବୁଝିପାରେନା ।

ବେଳେ ବେଳେ ସେ ତାର ସାଙ୍ଗ ରେକଣୀକୁ କୁହେ, ରେକଣୀ, ମନଟା କାହିଁକି ଆଜି ଭଲ ଲାଗୁନାହିଁ । ହୃଦୟଟା ଯେପରି ଖାଲି ଖାଲି ଲାଗୁଚି । ରେକଣୀ ହସି ହସି କୁହେ—ସଜନିଆ ଭାଇ, ତମର ବୟସ ହେଲାଣି, ଚଞ୍ଚଳ ବାହା ହେଇପଡ । ରେକଣୀ କଥାପଦକ ଶୁଣିଲେ ସଜନିଆକୁ ଖୁସି ଲାଗେ । ଭାବେ, ବାହାହେବା ସୁଖଠାରୁ ସୁଖ ଆଉ ଦୁନିଆରେ ବୋଧେ କିଛି ନାହିଁ ।

କାଲିପରି ଲାଗୁଚି—ତା'ର ସାଙ୍ଗ ଦେଇ ମାଗୁଣିଆଟା—ସେ ପୁଣି ବାହାହେଇ ଘର ସଂସାର କଲାଣି । କେଡେ ସୁନ୍ଦର ମାଇକିନିଆଟା ପାଇଚି । ମାଗୁଣିଆ ଦେଖିବାକୁ ଜାମ୍ବୁମଞ୍ଜି ପରି କଳା—ଚେପଟା ନାକ । ପାତି ମାଙ୍କଡ଼ ବୋଲି ତାକୁ ପିଲାବେଳେ ଚିଡ଼ାଉଥିଲୁ । ସେ ପୁଣି ବାହାହେଲା ଯେ ସାକ୍ଷାତ ଗୋଟିଏ ପରୀ । କରମମନ୍ତ୍ରଆ ଏକା ମାଗୁଣିଆ—ନଇଲେ ଇମିତିକା ମାଇକିନା ପାଇଥାନ୍ତା ? ଇମିତି ମନଟା ତାର ନାନା ଭାବନାର ରୂପ ଧରେ । ଭାବନା ଦରିଆରେ ଥଳ କୂଳ ନ ମିଳିଲେ ସେ ତା'ର ଦଦରା ବଇଁଶିଟିକୁ ସୁର ଦିଏ ।

ବଇଁଶି—ବାଜେ ଲଳିତ ବିରହ ସ୍ୱରରେ । ନିଛାଟିଆ ପ୍ରାନ୍ତର ବୁକୁରେ ଗଛପତ୍ର ମର୍ମରିତ ହୋଇଉଠେ । ସେପାଖର ଟୀଖ ଅଉଡ଼ା ଏଇ ସୁରର ତାଳ ଢରେ ଦରଦର ହସ ମାଧବୀ ସରି ଟେକିଧରେ ଜୀବନର ଅଫୁରନ୍ତ ସମ୍ଭାର । ସ୍ୱରର ମୂର୍ଚ୍ଛନା ବ୍ରାହ୍ମଣୀର ଥିର ପାଣିରେ ଢେଉ ତୋଳେ—ତାରାବନ୍ଧ ଆଖିରେ ଜାଗରି ଜାଳିଲା ଜହ୍ନ ମୁହଁରେ ଆଶା ଓ ଉଲ୍ଲାସର ହସ ମାରିଦିଏ । ସଜନିଆ ପାଗଳ ହୋଇଉଠେ ।

ଚକରା ଡାକେ—ସନିଆ ଭାଇ, ରାତି କେତେ ହେଲାଣି ! ସେପାଇ ବାସ ହେବନା, ଖାଲି ବଇଁଶି ବଜାଉଥିବ । ସନିଆର ଉଦାସ ମନ ବାଟକୁ ଫେରେ ସ୍ୱପ୍ନ ଯାଏ ଭାଙ୍ଗି, ସେ ପଲା ଭିତରକୁ ଆସି ଚୁଲି ଧରେ । ଚକରା ଦରବା କାଟେ, ଘଣ୍ଟାକେ ବୋଝେଇ ସରେ, ଦିହେଁ ଖାଇଦେଇ ଘେରାଏ ବଗିଚା ଭିତରେ ବୁଲିଆସି ପୁଣି ଫେରି ଆସନ୍ତି ପଲାକୁ ।

ଖଜୁରି ଚଟେଇରେ ବିଛେଇ ଦିହେଁ ଆରାମରେ ଶୋଇ ପଡନ୍ତି । ଝିଙ୍କାରି ଝୁଇଁଝୁଇଁ ଚକରାକୁ କୋଉ ରାଇଜର ନିଦ ଘୋଟିଆସେ । କିନ୍ତୁ ସନିଆକୁ ନିଦ ହେଉନହେଉ ଘଣ୍ଟାଏ । ଅନାବନା ଭାବନା ତା ମନରେ ଘଡ଼ିଏ ପହରେ ଜାଗର ଜାଳେ—ତା ପରେ ଯାଏ ଲିଭି—ନିରାଶର ଧା’ ହୁତାଶରେ । ଆଖିପତା ମନକୁ ମନ ମୁଦି ହେଇ ଅସେ ।

ସେଦିନ ଖରାବେଳେ । ଚକଚକିଆ ସୁନା କିରଣରେ ସନିଆର ବଗିଚା ହଁଟେକା ଉଠୁଛି । ଗଛଲତା ଗହଳିରୁ କେତେ ଜାତି ପକ୍ଷୀର ରାବ ଭାସି ଆସୁଛି । ସନିଆ ଗଣ୍ଡାଏ ଖାଇଦେଇ ଆସି ତାର ନୁଆଁଣିଆ କୁଡ଼ିଆରେ ନିଶ୍ୱାସ ମାରୁଛି । ଟିକିଏ ପରେ ଶୋଇନିଦ ଲାଗି ଅସୁଥାଏ । ଏତିକିବେଳେ ବଗିଚା ଭିତରୁ ଖସ୍‌ ଖସ୍‌ ଶୁଭିଲା । ସନିଆ ଗାଈ କି ଛେଳି ପଶିଛି ଭାବି ଧଡ଼ପଡ଼ ହୋଇ ଉଠି ବଗିଚା ଭିତରକୁ ଦେଖିବାକୁ ଗଲା ।

ଦେଖିଲାବେଳକୁ ଷୋଳ ସତରବରଷର ଗୋରା ତକ ତକ ଝିଅଟିଏ ବାଇଗଣ ତୋଳି ଅଣ୍ଟିରେ ପୁରାଉଛି । ଝିଅଟିର ସାରା ଶରୀରରୁ କମନୀୟ ଆଭା ଫୁଟିଉଠୁଛି । ମୁହଁଟି ଦେଖିବାକୁ କେତେ

ସୁନ୍ଦର ସତେ-ଛବିଟି ପରି । ମୁଣ୍ଡରୁ ଲୁଗାଟା ଖସିପଡ଼ିଛି—ଥିରି ଥିରି ପବନରେ ତାର ଚୂର୍ଣ୍ଣ କୁନ୍ତଳ ଥରି ଉଠୁଛି, ଛାତିରୁ ଅଧେ ଦୂରକୁ ଲୁଗା ଘୁଞ୍ଚି ଯାଇଛି । ସନିଆ ଘଡ଼ିଏ ମନ ପୂରାଇ ଦେଖିଲା ଭାବିଲା, ଏ କିଏ ? ଅଦ୍ଭୁତ କେବେ ମୁଁ ଦେଖିନାହିଁ ! ଏତେବଡ଼ ଝିଅଟା ହେଲାଣି, ଲୁଚିଲୁଚି ବାଇଗଣ ଚୋରି କରୁଛି—ପୁଣି ଦିନରେ । ସାହସ ତ କମ୍ ନୁହେଁ ।

ଆଉ କିଏ ହୋଇଥିଲେ ସନିଆ ତାକୁ ଚୋରି କରିବାର ଉପଯୁକ୍ତ ଶାସ୍ତି ଦେଇ ପାରନ୍ତାଣି । ମାତ୍ର ଏ ଝିଅଟିକୁ ଦେଖି ସନିଆ ମନରେ କୌତୁହଳର ସୀମା ରହିଲା ନାହିଁ । ଛପି ଛପି ଆସି ତା ହାତଟାକୁ ଖପ୍ କରି ଧରି ପକାଇଲା ।

ଝିଅଟି ସନିଆକୁ ଦେଖି ଲାଜରେ ଜଡ଼ସଡ଼ ହୋଇ ହାତଟାକୁ ମୁକ୍ତ କରିବାକୁ ଚେଷ୍ଟା କଲା । ସନିଆ ହାତ ଛାଡ଼ିଲା ନାହିଁ, ଜୋର କରି ଧରିଲା । ଝିଅଟି ଅଣ୍ଟିରୁ ବାଇଗଣଗୁଡ଼ାକ ତଳେ ଅଜାଡ଼ି ଦେଇ କହିଲା, ହେଲା ଏଥର ମୋ ହାତ ଛାଡ଼ । ସନିଆ କହିଲା, ଏତେବଡ଼ ଝିଅ ହେଲଣି, ଚୋରି କରୁଚୁ—ଲାଜ ମାଡ଼ୁ ନାହିଁ । ଝିଅଟି କିଛି ଉତ୍ତର ଦେଇ ପାରିଲାନାହିଁ—ଆଖିରୁ ତାର ଝରିପଡ଼ିଲା ଥୋପି ଥୋପି ଲୁହ, ସତେ ଯେପରି ସେ ନିଜର ଭୁଲକୁ ଆଖିର ଲୁହରେ ସ୍ୱୀକାର କରୁଛି । ସନିଆ ମନଟା ସ୍ନେହରେ ନଇଁ ପଡ଼ିଲା—ହାତମୁଠାଟା ତାର ଅଜାଣାତରେ ଖୋଲିଗଲା ।

ଝିଅଟି ଦେହମୁଣ୍ଡରେ ଲୁଗା ସଜାଡ଼ି ଚାଲି ଯିବାକୁ ପାଦ କାଢ଼ିଲା । ସନିଆ ଡାକିଲା, ଶୁଣ । ଝିଅଟି ଛିଡ଼ାହେଲା । ସନିଆ ପଚାରିଲା, ତୋ ନାଁ କଣ ? କା ଘରପିଲା ? ଗାଁ କେଉଁଠି ? ବାପ

ମା ଅଛନ୍ତି ନାଁ । ଝିଅଟି ଲାଜରେ କିଛି କହିବାକୁ କୁଣ୍ଠାବୋଧ କଲା । ସନିଆ ପୁଣି ପଚାରିଲା, ଲାଜ କଣ, କହ ? ଝିଅଟି ନରମ ଗଳାରେ କହିଲା, ମୋ ନା ଫୁଲ ! ଘର ଏଇ ନଈ ସେପାର କୁସୁପୁରୁ ଗାଁ । କଣ୍ଡରା ଘର ଝିଅ— ବାପ ନାହିଁ, ମା ଅଛି । ଭାରି ଗରିବ ଆମେ । ମୋ ତଳେ ଗୋଟିଏ ସାନ ଭାଇ, ମା ମୂଲ ଲାଗି ଆମକୁ ପାଳେ ।

ସନିଆ ପଚାରିଲା, ଏଠାକୁ କୁଆଡ଼େ ଆସିଥିଲୁ । ଫୁଲ କହିଲା, ଏଇ ଟିକିଏ ଘାଷ ଯୋଉ ତୋଠାମାଳ—ସେଇଠିକି ମୁଁ କାଲି ପାଇଁ ଆସେ—ସେଇବାଟେ ଚାଲିଯାଏ । ଆଜି ଏବାଟେ ଆସୁଥିଲି । ଘରେ ଲଗେଇ ଖାଇବାକୁ କିଛି ନଥିଲା । ନାଇତ ଲୁଣ ଲଙ୍କା ଲଗେଇ ଭାତ ଖାଇ ଅସୁଖ ମାଡ଼ିଲାଣି । ମନ ଡାକିଲା ଲୋଭ ସମ୍ଭାଳି ନପାରି ବାଇଗଣ ଦ'ଟା ତୋଳୁଥିଲି କେବେ ମୁଁ ଚୋରି କରେନା—ଆଜି କାହିଁକି ଖରାପ ବାଟକୁ ଗୋଡ଼ ଖସିଲା ଜାଣେନା ।

ସନିଆ କହିଲା, କାହିଁକି ଫୁଲ । ମାଗିଥିଲେ କଣ ମୁଁ ଦ'ଟା ଦେଇ ନ ଥାନ୍ତି । ଫୁଲ ଦରଦମିଶା ସ୍ୱରରେ କହିଲା, ଅନେକ ଲୋକଙ୍କୁ ମାଗିଛି—କିନ୍ତୁ କାହିଁ କେହିତ କେବେ ଦନେ ଯାଚି ଦଅନ୍ତି ନାହିଁ । ଓଲଟି ମାଗିଲେ ନାକ ଟେକନ୍ତି ଦୂର ଦୂର କରନ୍ତି । ସେଇଥିପାଇଁ ମନ ମୋର ଭାଙ୍ଗି ଯାଇଥିଲା; କାହାରିକୁ ମାଗେନା — ଏଇ ନଈକୂଳର ଶାଗ ଆଉ ଲୁଣ, ଲଙ୍କାରେ ଆମର ଦିନ ଯାଏ ।

ସନିଆ ହସିଲା । ମୁଗୁଧ୍ ଚାହାଣିରେ ଫୁଲ ଆଡ଼କୁ ଅନାଇଲା। ତବଲକୁ ଫୁଲର ହରଣୀ ପରି ସ୍ତ ଚଞ୍ଚଳ ଆଖି ଦୁଇଟି ସହିତ ମିଳନ ହୋଇଗଲା । ଫୁଲ ଲାଜରେ ତଳକୁ ମୁହଁ ପୋତି ଛୁଞ୍ଚାହେଲା । ସନିଆ ବାଇଗଣିତିକ ତୋଳି ଫୁଲ କାନରେ ବାନ୍ଧି ଦେବାକୁ ଗଲା । ଫୁଲ ଟିକିଏ ଦୂରକୁ ଘୁଞ୍ଚିଗଲା । କହିଲା, ନାହିଁ ମୁଁ ନେବିନି—ତମେ ରଖ । କେତେ ବେଳ ହେଲାଣି, ବୋଉ ତେଣେ ଅନାଇଥିବ ଯାଉଚି । ଫୁଲ ଚାଲିଯିବାକୁ ବସିଲା । ସନିଆ ତା ହାତ ଧରି କହିଲା—ଛି, ନ ନେଲେ ମୋ ମନରେ ଭାରି କଷ୍ଟହେବ । ସ୍ନେହରେ ମୁଁ ଏତିକ ଦେଉଚି—ନିଅ ।

ଫୁଲ ଅନିଚ୍ଛାସତ୍ତ୍ୱେ ବାଇଗଣିତିକ ବାନ୍ଧିଲା । ସନିଆ ପୁଣି ଲଙ୍କାମରିଚ ଦ'ଟା ତା କାନରେ ପୁରାଇ ଦେଇ କହିଲା, ନିତି ଏଇବାଟେ ଆସିବୁ ଫୁଲ । ସନିଆ ଭାଇ କଥା ଭୁଲିଯିବୁ ନାହିଁ । ଫୁଲ ମୁହଁ ଅଜଣା ଆନନ୍ଦରେ ଉଜଳି ଉଠିଲା । ସେ ସନିଆ ଆଡ଼କୁ ସ୍ନେହପୂର୍ଣ୍ଣ ଆଖିରେ ଅନାଇ ବିଦାୟ ନେଲା ।

ଫୁଲ ଚାଲିଗଲା—କିନ୍ତୁ ସନିଆ ମନରେ ରହିଗଲା ଗୋଟିଏ କରୁଣ ବ୍ୟଥା । ସନିଆ ଭାବିଲା, ଆହା ବିଚାରି ଗରିବଟି —ବାପ ନାହିଁ—ଭାଇଟି । ଭୋକ ଉପାସରେ ବିଚାରି ଦୁହିଁଙ୍କୁ ପାଳୁଥିବ । ମନେ ମନେ ଭାବିଲା ଏଣିକି ଫୁଲ ଆସିଲେ ନିଜର ପରି କରିବ; ନାଇତି ପନି ପରିବା ଦେବ । ଗରିବଟାକୁ ସାହାଯ୍ୟ କଲେ ପାଣିରେ ପଡ଼ିବ ନାହିଁ ।

ସନିଆ ତାର କୁଡ଼ିଆ ଭିତରକୁ ଫେରି ଆସି ପୁଣି ଢାଳି ପାରିଲା । ମନଟା ତାର ଛନ୍ଦି ହୋଇ ପଡ଼ିଲା ଭାବନାର ଅଦୁଆ ସୂତାରେ । ଆଶାର ମାୟା ମୃଗ ଆଖିକୁ ଦିଶିଲା ସୁନ୍ଦର ।

ଫୁଲ, ରୂପକୁ ଦେଖି କେତେ ସୁନ୍ଦର ସତେ—ଫୁଲଟି ପରି ବିକଶି ଉଠି ଉଠି । ଧୂରିଲା ଗୋଲ ତକ ତକ ମୁହଁକୁ ଟିଣ୍ଟ ଛୋଟ ଆଖି, ସରୁ ସରୁ ଭ୍ରୂଲତା । ଗଲାବେଳେ ତାର ମୁଗ୍ଧ ଚାହାଁଣୀ, କରୁଣମିଶା କୋମଳ ଭାଷା, କେଡେ ମନୋହର—ଶୀତଳ । ସନିଆ ଶୋଇ ଶୋଇ ଖାଲି ଭାବିଲା ।

ବାହାରେ ଦିନ ମଉଳି ଆସୁଥାଏ । ଦୂର ଦିଗ୍‌ବଳୟ ଲାଲ ହୋଇ ଉଠିଲାଣି । ବ୍ରାହ୍ମଣୀ ଥିର ପାଣିରେ ଠାଏ ଠାଏ ନାଲି—ନେଳି—କଳା । ଘଡ଼ିକି ଘଡ଼ି ନୂଆ ରଂଗ—ମଣିଷ ଜୀବନର ଗତିପରି ।

ବ୍ରାହ୍ମଣୀ ସେପାରିରେ ଜୁଳୁ ଜୁଳୁ ଦିଶୁଚି କୁସୁପୁର । ଛୋଟିଆ ଗାଁଟି—ନଈ ଏ ପାରିରୁ ଖୋଉଦ ବାଟ । ଡାଳ ତେଙ୍ଗା ନଡ଼ିଆ ଗଛ ଉଙ୍କି ମାରି ସରଗର ଶୋଭା ଦେଖେ । ପକ୍ଷୀ ବସି ଗାଏ ଗୀତ—ଏ ପଟରୁ ଦିଶେ ସୁନ୍ଦର—ମନୋହର ।

ଫୁଲ ଘରକୁ ଫେରିଲାବେଳକୁ ଦିନ ଆସି ଦ'ପହର ହେଲାଣି । ଗଲାବେଳେ ନଈରୁ ଗାଧୋଇ ଯାଇଥିଲା । ଘରର ପହଞ୍ଚି ତରବରରେ ମୁଣ୍ଡରୁ ଜାଳ ଗୋଛାଟା ଥଲେ ଫେ ପାଙ୍ଗି ଭିତରକୁ ଗଲା ।

ମା' ପଚାରିଲା, କାଲେ ଫୁଲ ! ଆଜି କାହିଁକି ଏତେ ଡେରି ? ଫୁଲ କହିଲା, ଆସୁଥିଲି ବାଟେ ବାଟେ—ପୁଣି ମନ ହେଲା ନଈକୂଳ ସେଇ ନୂଆ ବଗିଚା ବାଟ ଦେଇ ଆସିବାକୁ । ବଗିଚା ମା'ର—ସେ ଭାରି ଭଲ ଲୋକ ମା । ପରିବା ଦ'ଟା ମାଗିଲି—ଦେଖ୍‌ନା, କେତେ ପରିବା ଦେଇଛି । କହୁ କହୁ ଫୁଲ ବାଇଗଣ, ଲଙ୍କାମରିଚ ଥଳେ ଓଜାଡ଼ି ଦେଲା ।

ଏତେ ଗୁଡ଼ା ପରିବା ଦେଖି ମା'ର ଆଖି ଆନନ୍ଦରେ ଉଜଳି ଉଠିଲା । କହିଲା, ଭଗବାନ ତାର ମଙ୍ଗଳ କରନ୍ତୁ । ଯାଲେ ଫୁଲ, ଚଞ୍ଚଳ ଓଦାଲୁଗାଟା ପାଲଟି ତୁ ଗଣ୍ଡା

ଖାଇଦେ । ଫୁଲ ଓଦ୍ଦାଲୁଗା ପାଲଟି ବେଲାଏ ପଖାଳ ଆଣି ଖାଇ ବସିଲା । ଖାଇ ସାରିଗଲା ଘର ଦୁଆର ଓଳେଇବାକୁ । ଟିକିଏ ପରେ ସଂଜ ହେଲା—ଅନ୍ଧାର ଓଢ଼ଣୀ ତଳେ ଧରଣୀ ବୋହୂ ମୁହଁ ଲୁଚେଇଲା ।

ରାତରେ ଶୋଇଲା ବେଳେ ଫୁଲର ମନେ ପଡ଼ିଲା, ସକାଳର ଘଟଣା । ତା ପ୍ରତି କପରି ସେ ମରଦଟିର ଅନୁକମ୍ପା—ଶ୍ରଦ୍ଧା । ମରଦଟି ଦେଖିବାକୁ କେଡେ ସୁନ୍ଦର—ବଳିଲା ବଳିଲା ଦେହ । ଗୋରା ମୁହଁଟିକୁ କାନର ନୋଳି ଦ'ପଟ ବେଶ ମାନୁଛି । ମୋ ଆଡ଼କୁ କାହିଁକି ଏତେ ଅନାଉଁଥିଲା । ଭାବୁ ଭାବୁ ଭାବନାର ଗଭୀର ଦରିଆରେ ଫୁଲକୁ ନିଦ ଆସି ବୁଡ଼ାଇ ଦେଲା ।

ଭୋରୁ ଉଠିଲା ବେଳକୁ ଫୁଲ ଦେଖିଲା ପାହାନ୍ତି ପବନ ନିଦରୁ ଉଠି ଅଳସ ଭାଙ୍ଗୁଛି । ଦୂରରୁ କୁକୁଡ଼ା ଡାକ ଛାଡ଼ୁଛି, ଉଠ ଗୋ ଉଠ, ସକାଳ ହେଲା । ତାର ଡାକରେ ନୂଆ ଚେତନା—ନୂଆ ରାଗିଣୀ । ଫୁଲ ଘରର ବାସି ପାଇଟି କରିବାରେ ଲାଗିପଡ଼ିଲା ।

ଟିକିଏ ପରେ ତାର ସୁକୁମାରୀ ମୁହଁ ଲୁଚିଗଲା ନବ ଅରୁଣର କନକ ଆଭା ଦେଖି । ଘର ଦୁଆରେ ସକାଳର କଅଁଳ ଖରା ଡେଇଁ ଡେଇଁ ବୁଲିଲା । ଫୁଲର ବାସି କାମ ସରି ଯାଇଥିଲା ।

ସେତିକି ବେଳକୁ ଧନିଆ ମା' ବୁଢ଼ି ମୁଢ଼ି ବକ ବକ ଆସି ପହଞ୍ଚିଥିଲା । ଧନିଆ ମା' ବୁଢ଼ି ହେଲାଣି, ଅଣ୍ଟା ନହକ

ଗଲାଣି, ମୁଣ୍ଡ ବାଳ ଝୋଟ ଧର ଦିଶିଲାଣି; ଆଖିଗୁଡ଼ାକ ଭିତରକୁ ପଶି ଗଲାଣି । ବଳ ବୟସ ଦୂରକୁ ହଟି ଗଲାଣି । ତଥାପି ଧନୀଆ ମା' ବୁଢ଼ି ଚାଲିଛି ମୁଠି ବାକି ବଳ ନିତଦନିଅ ଏଇ ଧୂଳି ଧୂସର ବାଟରେ । କେତେ ବାଟୋଇ ସେଇବାଟେ ଯିବେ ହସି ଖେଳି, ନାଚି କୁଦି, ଆଖିରୁ ଲୁହ ନିଗାଡ଼ି, ଦୁଃଖ ଶୋକର ନିଆଁରେ ନିଜକୁ ଆହୁତି ଦେଇ, ଜୀବନ ସେପଟେ ଅଦେଖା ରାଇଜରେ ପୁଣି ସମସ୍ତେ ହେବେ ମୁହଁ ଗୁହାଁରୁହିଁ ।

ଧନିଆ ମା' ଆଖିରୁ ଆଜି ଲୁହ ଶୁଖି ଯାଇଛି । ହୃଦୟଟା ହୋଇଯାଇଛି ପାଷାଣ । ବାହା ହେଇ ସାତ ବରଷ ପରେ ସେ ହେଲା ବିଧବା । ଶାଶୁ ଘରେ ନିଜର ହେଇ ଆଉ କେହି ନ ଥିଲେ । ଥିଲା ତାର ଚାରି ବରଷର ଗୋଟିଏ ବୋଲି ପୁଅ, ଏଇ ଧନୀଆ ।

ବା'ଥାର ଯତଟା ନିଜ ଛାତିରୁ ଲଭାଇ ଧନୀଆ ମା' ଦୁଃଖ କଷ୍ଟ ଭୋକ ଉପାସ ସବୁ ଗଲା ଭୁଲି । ମୁତ୍ରଶାଳ ତୁଣ୍ଡରେ ମାଉ ଧନୀଆକୁ କଲା ମଣିଷ ।

ଧନୀଆ ମଣିଷପର ମଣିଷ ହେବ; ରୋଜଗାର କରିବ, ତାକୁ ପୋଷିବ, ବାହାସାହା ହେବ । ନଖିଆ କେଉଁଠି ବୋହୂପରି ସେ ବାଛି ବାଛି ବୋହୂଟିଏ ଆଣିବ । ତେବେ ଯାଇ ସେ ବୁଢୀଦିନେ ସୁଖ କରିବ । ଧନୀଆ ମା ଇମିତି ଭାବି ଭାବି ଖାଲି ଆଶାର ସ୍ୱପ୍ନ ଦେଖେ ।

କିନ୍ତୁ ସବୁ ସ୍ୱପ୍ନ ତାର ଦିନେ ଗଲା ଭାଙ୍ଗି । ଧନୀଆ ବଡ଼ ହେଲା । ବେଶୀ ରୋଜଗାର ଆଶାରେ ଗାଁ ଛାଡ଼ିଗଲା ରେଙ୍ଗୁନ । ସେଇଠି

ସେ ରହିଲା; ଆଉ ତାର ଖବର ମିଳିଲା ନାହିଁ । କିଏ କିଏ କହିଲେ ଧନିଆ ମରି ଯାଇଛି—କିଏ କିଏ କହିଲେ ଧନିଆ ସେଇଆଡ଼େ ବାହା ହୋଇ ଘର ଦୁଆର କରି ରହିଲା—ଆଉ ଗାଁ ଛାଇ ମାଡ଼ିବ ନାହିଁ ।

ନାନା ଲୋକଙ୍କ ନାନା କଥା ଶୁଣି ଧନିଆମା' ମନ ବୁଝେନା । ସେ ଗାଁର ଦୁଇ କୋଶ ଭିତରେ ରେଙ୍ଗୁନ କି କଲିକତାରୁ କିଏ ଆସିବାର ଶୁଣିଲେ ଦଉଡ଼ି ଯାଏ । ପଚାରେ, ବାପ ମୋ ଧନିଆକୁ ଦେଖିଥିଲ । ଉତ୍ତର ଆସେ ନାଁ । ବୁଢ଼ୀ ମୁହଁ ନିରାଶାରେ ଝାଉଁଳି ପଡ଼େ । ଆଖିରୁ ଝରିପଡ଼େ ଦି' ଟୋପା ଲୁହ । ଇମିତି ବୁଢ଼ୀ ପଚାରି ପଚାରି କାହାଠାରୁ ହେଲେ ଧନିଆର ଖବର ପାଇନାହିଁ । କାନ୍ଦି କାନ୍ଦି ଘରକୁ ଫେରିଛି ।

ତଥାପି ବୁଢ଼ୀ ବସିଛି ମୁଢ଼ି ବିକି ବିକି । କାଲେ ଯଦି ଧନିଆ ପୁଅ ତାର ଫେରିଆସେ । ତେବେ ତା' ଦୁଃଖ ଲେଉଟିବ, ଗାଁ ମଙ୍ଗଳାଙ୍କୁ ଭୋଗ ଦେବ ।

ଧନିଆ ମା'କୁ ଦେଖି ଫୁଲ ଦି'ପଇସାର ମୁଢ଼ି କିଣିଲା; ପଦେଅଧେ ଦୁଃଖ ସୁଖ ହେଲା । ତା'ପରେ ପୁଣି ଧନିଆ ମା ମୁଢ଼ି ପସରା ଧରି ଡାକି ଡାକି ଗଲା, "ମୁଢ଼ି ନେବ ମୁଢ଼ି" ।

ବେଳ ଦି'ଘଡ଼ି ବେଳକୁ ଫୁଲ ଜାଲପାଇଁ ନଈ ଏପାରି ତୋଠାମାନଙ୍କୁ ଆସିଲା । ମାସରେ ଅଧେଦିନ ଫୁଲ ଜାଲପାଇଁ ଆସେ । ମା' ତା'ର ଗାଁରେ ମୂଲପାଇଟି ଲାଗେ ।

ଆଜି କାହିଁକି ଫୁଲକୁ ଜାଲକରିବାକୁ ଭଲ ଲାଗିଲା ନାହିଁ । ପଥର ଖରକୁ ଖରକୁ ସେ କଣ ମନକୁ ମନ ଭାବେ— ବେଳେ

ବେଳେ ଅନାଏ ସଜିଆର ବଗିଚୁଅଡେ । କାହାରିକୁ ଦେଖିବାକୁ ପାଏନା । ପୁଣି ଆଖି ତାର ବଗଚୁ ଡେଇଁ ଦୂରକୁ ପଡ଼େ ! ଦେଖାଯାଏ ସେପାରିର ଅସୁମାର ପାଟ—ଧାନ୍ଦାଡର ଜଇଁଥା—ଗଛ—ବୁଦା—ଗହଳି—ଆଉ ଦଳକୁ ଦଳ ବଗପକ୍ଷୀ । ଫୁଲକୁ କାହିଁ ଭଲ ଲାଗେନା —ଅବୁଝା ମନଟା ତାର କଣ ଖୋଜିଲା ପରି ଲାଗେ ।

ଘଣ୍ଟାକ ପରେ କାଳି ଗୋଛାଟା ବାନ୍ଧି ଫୁଲ ଘରକୁ ଫେରିବାକୁ ବସିଲା । ଭାବିଲା ବଗିଚୁ ବାଟେ ଦେଇ ଯିବ—ଏତେ କରି ସେ କହୁଥିଲେ । ପୁଣି ଭାବିଲା ନାଁ, ଏଇବାଟେ ଚାଲିଯିବ । କିଏ କାହାର ? ଖାଲି ସହାନୁଭୂତିମିଶା କଥାପଦକ ସିନା ମଣିଷକୁ ଆପଣାର କରି ଟାଣିନିଏ । କିନ୍ତୁ ସବୁ ଭୁଲ—ଏଇ କଥା ପଦକ ଭିତରେ ପୁଣି ଥାଏ ଫାଙ୍କି । ମୁଁ ମୋ ଦୁଃଖରେ, ସେ ତାଙ୍କ ଦୁଃଖରେ । ଗରିବ ବୋଲି ଦିନେ ସିନା ସେ ଦୟା ଦେଖାଇଲେ···ଆଉ କଣ ସବୁଦିନେ ସେ ଇମିତି କରୁଥିବେ । ବଳେ ବଳେ ଗଲେ ଦୟା ପରିବର୍ତ୍ତେ ପୁଣି ଆସିବ ଘୃଣା ।

ଇମିତି ଭାବି ସେ କାଳିଗୋଛାଟା ନଇଁପଡ଼ି ମୁଣ୍ଡକୁ ଉଠାଇଲା । ସେଇ ବାଟେ ବାଟେ ନଈପଠାକୁ ଧୀରେ ଧୀରେ ଗଡ଼ିଲା । ନଈବାଲି ଉପରେ ଶୀତଦିନିଆ ସରୁ ସୁତାଟି ଧୂଳି ଖେଳି ଖେଳି ବ୍ରାହ୍ମଣୀ ପାଣିରେ ଗୋଟାଏ ବୁଡ ମାରି ସେପାରି ଅଡଡା ଉପରେ ଖରା ପୋହୁଁଛି ।

ସୁତା ସୁତାଏ ଫୁଲ ଗୁନ୍ଥିଛି । କିଏ ଦୂରରୁ ଡାକିଲା ନାଁ ଧରି । ଫୁଲ ଚମକିପଡ଼ି ପଛକୁ ଚାହିଁଲା, ସେଇ ଲୋକ ! ବଗିଚୁ ଭିତରେ ଯା ସହିତ ଘଡ଼ିକର ଦେଖାସାକ୍ଷାତ ।

ସନିଆ ଡାକିଲା; ଫୁଲ ଶୁଣିପା । ଫୁଲ ସନିଆର କଥା କାହିଁକି ଏଡ଼ିଦେଇ ପାରିଲା ନାହିଁ । ପଛକୁ ଫେରିଲା । ସନିଆ କହିଲା, ଫୁଲ, କହୁଥିଲୁ ପରା ବଗିଚୁ ବାଟଦେଇ ଯିବାକୁ । ଫୁଲ ଲାଜରେ କିଛି କହିଲା ନାହିଁ । ସନିଆ ତା ମୁଣ୍ଡରୁ ଜାଲ ଗୋଛାଟା ଉଠାଇ ନେଇ କହିଲା, ଚାଲ ଆଜି ଦି'ଟା ପରିବା ନେଇଯିବୁ । ଫୁଲ କହିଲା, ନାହିଁ କାଲି ଏତେ ପରିବା ନେଇଛ—ଆମପରି ଗରିବ ଘରେ ସେଇତ ପନ୍ଦର ଦିନ ଚାଲିଯିବ । ସନିଆ କହିଲା, ଯାଉ—ଆଉ ଦି'ଟା ନେଇଯିବୁ । ନ ହେଲେ ଦି'ପଦ ସୁଖ ଦୁଃଖ ହୋଇ ଯିବୁ । ସତେ ଫୁଲ, ତୁ ମତେ କାଲିଠୁ ନିଜର କରି ନେଇଚୁ । ତୋତେ ଦେଖିବା ପାଇଁ ଆଜି ଚାହିଁ ବସିଥିଲି । ଏତେ ଡେରି ଦେଖି ତୁ ଯେଉଁଠୁ ନ ଆସିଲୁ ମୁଁ ଖୋଜି ଖୋଜି ଚାଲି ଆସିଲି । ଯିବୁନି ଫୁଲ ! ସନିଆ ଭାଇ କଥା ରଖିବୁ ନାହିଁ ?

ଫୁଲ ନୀରବରେ ମୁଣ୍ଡ ଟୁଙ୍ଗାରିଲା । ସନିଆ ମୁହଁରେ ଫୁଟି ଆସିଲା କ୍ଷୀଣ ମଧୁର ହସ ।

ବଗିଚୁ ଭିତରେ ସନିଆ ଜାଲ ଗୋଛାଟା ଫୋପାଡ଼ି ଦେଇ ତାର ସେଇ ପଲା ଦୁଆର ମୁହଁରେ ଘାସର ସବୁଜ ନରମ ଗାଲିଚା ଉପରେ ବସି ପଡ଼ିଲା । ଠିକ ଏ ଦୂରରେ ଫୁଲ । ସନିଆ କଡ଼ରେ ତାକୁ ବସିବାକୁ ଲାଜ ଲାଜ ଲାଗୁଥାଏ ।

ସନିଆ ଡାକିଲା, ଫୁଲ !

ଗୋଟେ ଉତ୍ତର ଆସିଲା, କ'ଣ ।

ତମ ଘରକୁ ଥରେ ମୋତେ ନେବୁ ନାହିଁ ।

ଗରିବ ଘର, ଦିନେ ଖାଇଲେ ଦି' ଦିନ ଉପାସ । ତମକୁ ଚରଗୁ କରି ପାରିଲେତ ?

କାହିଁକି ଆମେ ଏବେ ତମଠୁ କୋଉ ବଡ ଲୋକ ।

ବଡ଼ଲୋକ ନ ହେଲେ କଅଣ ହେଲା — ମୁଠାଏ ଶାନ୍ତିରେ ଦି'ବେଳା ଖାଇବାକୁ ପାଉଚତ । ଆମର ଯେ ତା ନାହିଁ ।

ସବୁ ଦିନ କଣ ସମାନ ଥାଏ । ଦିନ ବଦଳିବ — ଏଇ ଗୋଣ୍ଠା ଗଛର ପତର କଅଁଳିଲା ପରି ।

ବଞ୍ଚିଥିଲେତ — ଖାଇବାକୁ ନ ପାଇ ମରିଗଲେ···

କେହି ମରିବେନାହିଁ ଫୁଲ — ସମସ୍ତେ ବଞ୍ଚିଚନ୍ତି, ବଞ୍ଚିବେ । ଭଗବାନ ଜନମ ଦେଇଛନ୍ତି — ସେ କଣ ଆଉ ଆହାର ଦେବେ-ନାହିଁ । କା' ଉପରେ ତାଙ୍କର ଦୟା ଟିକିଏ ବେଶି — କା' ଉପରେ ଟିକିଏ କମ୍ । ସେ ଚାହିଁଲେ ଦୁଃଖ ଦଣ୍ଡକରେ ନେଇ-ଯିବେ । ସେ ଦୁଃଖୀ ପ୍ରତି ଯେତିକି ନିର୍ମମ — ସେତିକି କରୁଣ ।

ଫୁଲ କହିଲା, ସନିଆ ଭାଇ ଭଗବାନ କାହିଁକି ଆମକୁ ଜନମ ଦେଇଛନ୍ତି । ଯଦି ଜନମ ଦେଲେ ତେବେ ସେ କାହିଁକି ଆମକୁ ଦୁଃଖୀ କଲେ । କେତେଥର ତାଙ୍କୁ ମନେ ମନେ ପଚାରିଚି; କାହିଁ କେବେତ ଥରେ ଉତ୍ତର ଦିଅନ୍ତି ନାହିଁ । ତେଣୁ ବେଳେ ବେଳେ ମରଣକୁ ଡାକେ — ସେବି ଆମର ଏ ଅଲୋଡ଼ା ଜୀବନକୁ ଛୁଏଁ ନାହିଁ । ଦୁଃଖ ନିଆଁରେ ଆହୁତି ଦେବାପାଇଁ ପରି ଆମର ଜନମ — ମରଣ ଛୁଇଁବ କିପରି ?

ସନିଆ ଫୁଲକୁ ଆଉ କିଛି କହିଲା ନାହିଁ । ଘଡ଼ିଏ ନୀରବ । ଫୁଲ ପଚାରିଲା, ସନିଆ ଭାଇ ! ତମ କଥାତ କିଛି କହିଲ ନାହିଁ । ତମର ଆଉ କିଏ ଅଛନ୍ତି ?

ସନିଆ କହିଲା, ବାପ ମା' ଛଡ଼ା ମୋର ଆଉ କେହି ନାହାଁନ୍ତି । ଚନ୍ଦନପୁର ଆମ ଗାଁ—ଅଚ୍ଛୁବ ବସ୍ତିର ଶେଷ ମୁଣ୍ଡକୁ ଆମ ଘର । ବାପା ବଲଧନ୍ଦା ବୁଝନ୍ତି । ମୁଁ ବି ତାଙ୍କର କାମରେ ସାହାଯ୍ୟ କରେ । ଏଇ ବର୍ଷ ଗାଁ ଜମିଦାରଠାରୁ ଏଇ ନଈକୂଳିଆ ଜମି ନେଇ ବାପା ବଗିଚା କରିଚନ୍ତି । ବଗିଚାର ତତ୍ତ୍ୱ ନେବା, ଜଗିବାଠାରୁ ସବୁ ଭାର ମୋ ଉପରେ ଲଦି ଦେଇଚନ୍ତି । ରାତି ଦିନ ମୁଁ ଏଇଠି ଥାଏ ।

ଫୁଲ କହିଲା, ରାତିରେ ଡ଼ର ମାଡେନି ସନିଆ ଭାଇ !

ସନିଆ ହସିଲା । କହିଲା, ଆମ ବଗିଚା ଆଗରେ ଏଇ ଯୋଉ ବଗିଚା । ସେଇ ବଗିଚା ଯିଏ ଜଗିଚି, ସେ ଓ ମୁଁ ଦିହେଁ ରାତିରେ ଏକାଠି ରହୁ । ଦିନେ ଦିନେ ଏକଲା ବି ରହେ—ଡର ଗୋଟାଏ କଣ ?

ଫୁଲ ଉଠିଲା । କହିଲା, ଯାଉଚି ସନିଆ ଭାଇ ! ସନିଆ ପଲା ଭିତରୁ ଗୋଟାଏ ପୁଟୁଳି ଆଣି ଫୁଲ ହାତକୁ ଦେଲା । କହିଲା, ଦି'ଟା ଧଣିଆଶାଗ । ଫୁଲ ଆଗ୍ରହରେ ପୁଟୁଳିଟି ନେଲା । ବୋଉ ତାର ଧଣିଆଶାଗ ଚଟଣିକି ଭାରି ଭଲ ପାଏ ।

ସନିଆ କହିଲା, ଫୁଲ ନିଇତି ଆସିବୁ—ମୋ ରାଣ । ଫୁଲ କହିଲା, ଯୋଉଦିନ ଜାଲ ଧାଇଁ ଆସିବ, ସେଦିନ ନିଶ୍ଚୟ ତମ କତିକି ଆସିବ ସନିଆ ଭାଇ, ରାଣ କାହିଁକି ପକାଉଚ ।

ସନିଆ ତା ଗାଲରେ ଛୋଟ ଗୁପୁଡ଼ାଟିଏ ବସାଇ କହିଲା, ସତେ ? ଫୁଲ ମୁହଁ ଲାଜରେ ରଙ୍ଗା ପଡ଼ିଗଲା । ତେ ସନିଆ

ଆଉକୁ ଆଉ ନ ଗୁହାଁ ଜାଲ ଗୋଟାଉ। ମୁଣ୍ଡରେ ଧର ଗାଁ ବାଟ ଧରିଲା ।

ସନିଆ ତାର ଗତପଥକୁ ଅନାଇଁ ରହିଲା । ଆଉ ଟିକିଏ ପରେ ସେପଟ ଗଛ ଗହଳି ଭିତରେ ତାର ମଧୁର ଛବିଟି ହଜିଗଲା । ତା ପରେ ସନିଆର ଆଖି ଆଗରେ ଦିଶିଲା ଦୂର ଆକାଶ କୋଳରେ ଦଳେ ବଗ ପକ୍ଷୀ—ମଝିରେ ଶୂନ୍ୟ—ଖାଲି ଫାଙ୍କା ।

—ପାଞ୍ଚ—

ସାତ ସପନର ସ୍ମୃତି ଧରି ମହିରେ ଚାରୋଟି ଦିନ ହଜି ଯାଇଛି । ଫୁଲ ଚାରିଦିନ ହେଲା ସନିଆ କତିକି ଆସିନାହିଁ । ସନିଆ ବି ତୋଟାମାଳ ଭିତରେ ଫୁଲକୁ ଖୋଜି ଖୋଜି ନିରାଶ ହୋଇ ଫେରିଛି ।

ଆଜି ସକାଳେ ସନିଆ ବାଇଗଣ ଗଛମୂଳେ ମାଟି ଦେଉଥାଏ । ମାଟି ହାଣୁ ହାଣୁ ଥକି ପଡ଼ିଲା । କୋଦାଳଟା ଥୋଇ ଦେଇ କଅଁସି ମୁଣ୍ଡରେ ଟିକିଏ ଦମ୍ ନେଲା । ଆଗକୁ ଅନେଇଲା ପଶ୍ଚିମପଟ ବାଡଟା ଅଧେ ମେଲା ହୋଇଛି । ଏ ଓଳେଇ ଗୋରୁ ଗାଈଗୁଡ଼ା ମଣିଷକୁ ଟିକିଏ ବସେଇ ଉଠେଇ ଦେଲେ ନାହିଁ । ମନେ ମନେ ସନିଆ ବିରକ୍ତ ହେଲା; ପୁଣି ଉଠି ପାଖ କଣ୍ଟି ବାଉଁଶ ବୁଦାରୁ ବିଡ଼ାଏ ଝଂଟା ଆଣି ମେଲା ବାଡ଼କୁ ବୁଜିଲା ।

ବାଡ଼ ବୁଜୁ ବୁଜୁ ଅନାଇଲା ଦି'ଟା ଛେଳି ଆସି ଲଙ୍କା ମରିଚ ଗଛଗୁଡ଼ା ଖାଇବାରେ ଲାଗିଚନ୍ତି । ସନିଆ ସେଇଠୁ ଥାଇ ଦି'ଟା ଢେଲା ଫୋପାଡ଼ି ଦଉଡ଼ି ଦଉଡ଼ି ଆସିଲା । ଛେଳି ଦି'ଟା ବାଡ଼ ସନ୍ଧିରେ ଗଳି ପଦାକୁ ପଳାଇଲେ ।

ଏତିକିବେଳେ ଲଇଷିଣିଆ ଆସି ପହଞ୍ଚିଥିଲା । ଲଇଷିଣିଆ ଶିକା, ବାଉଙ୍ଗି, ଝୋଟକେଇ ଦ'ଟା ଥୋଇଦେଇ କଥାସ୍ତ ଭିତରକୁ ପଶିଲା । ସନିଆର ବାପାକୁ ଦେଖି ମନେ ପଡ଼ିଲା, ଆରେ ଆଜି ତ ରବିବାର — ହାଟପାଳି । ବାଇଗଣ ତୋଳିବାକୁ ତାର ମନେ ନାହିଁ ।

ଲଇଷିଣିଆ ପଚାରିଲା, କିରେ ସନିଆ! ବାଇଗଣ ତୋଳିନୁ କିରେ ? ସନିଆ କହିଲା, ନାଁ — ଗାଇଗୁଡ଼ା ପଶି ପଷ୍ଟି ମଉଜ ବାଡ଼ ମେଲା କରି ଦେଇଚନ୍ତି — ସେଇଆକୁ ତ ବୁଜୁବୁଜୁ ଏତେବେଳ ।

ଲଇଷିଣିଆ କହିଲା, ଚାଲ୍ ଚାଲ୍ ଚଞ୍ଚଳ ଦ'ଟା ବାଇଗଣ ତୋଳିଦେଲୁ । ବାପ ପୁଅ ଦହେଁ ବାଇଗଣ ତୋଳିଲେ । ଘଣ୍ଟାକ ପରେ ଲଇଷିଣିଆ ମସ୍ତ ଏକ ବାଇଗଣ ଭାର ନେଇ ଚାଲିଗଲା ।

ସନିଆ ବାଇଗଣ ତୋଳିସାରିଲାବେଳକୁ ତାକୁ ଟିକେ ଥକ୍କା ଲାଗିଲା । ବଗିଚା ଭିତର ଛାଇମୂଳେ ଟିକିଏ ବସି ପଡ଼ିଲା । ଭାବିଲା, କାହିଁ, ଆଜି ତ ଫୁଲର ଦେଖାନାହିଁ — ସେ କଣ ଏତେ ଚଞ୍ଚଳ ଭୁଲିଗଲା । ମନ ମାନିଲା ନାହିଁ, ଉଠି ଛିଡ଼ାହେଲା — ଉଙ୍କି ମାରି ସେଇ ତୋଟାମାଳ ଭିତରକୁ ଅନାଇଲା । ଦେଖିଲା ତୋଟାମାଳ ଡେଇଁ ଫୁଲ ଏଆଡ଼େ ଆସୁଛି । ଫୁଲକୁ ଦେଖି ସନିଆ ମନ ବଗିଚା ପାଖ ସେଇ ଟଙ୍କା ବରଗଛ ମୂଳ ପରି ମୋଟ ହୋଇଗଲା । ସନିଆ ଭାବିଲା, ଫୁଲ ଆସିଲେ ମୋତେ କଥା କହିବ ନାହିଁ ।

ସେ ତା' କୁଡ଼ିଆ ଭିତରେ ଲୁଚି ଚୁପ ହୋଇ ବସିରହିଲା । ଫୁଲ ବଗିଚା ଧଡ଼ା ମେଲା କରି ଭିତରେ ପଶିଲା । ଅନେଇଲା

କେହି କୁଆଡେ ନାହାନ୍ତି । ଡାକିଲା, ସନିଆ ଭାଇ, ସନିଆ ଭାଇ ! ସନିଆ ଶୁଣିଲା ନାହିଁ । ଉତ୍ତର ନ ପାଇ ଫୁଲ ନିରାଶରେ ଫେରି ଯିବାକୁ ବସିଲା । ଏତିକିବେଳେ ସନିଆ ପଦାକୁ ଆସି ଛପି ଛପି ଯାଇ ପଛରୁ ତା ଆଖି ଦି'ଟା ବୁଜି ଧରିଲା । ଫୁଲକୁ ଚିହ୍ନିବାକୁ ଅଜଣା ରହିଲା ନାହିଁ । ହସି ହସି କହିଲା, ସନିଆ ଭାଇ ! ହାତ ଛାଡ଼ ।

ସନିଆ ହାତ ଛାଡିଦେଲା । ଫୁଲ କହିଲା, ସନିଆ ଭାଇ, ତମକୁ ନପାଇ ମନଦୁଃଖରେ ଫେରି ଯାଉଥିଲି । ସନିଆ କହିଲା, କାହିଁକି ଗୃହଦାନ ହେଲା କୁଆଡ଼େ ଥିଲୁ । ସନିଆ ଭାଇ ମଲା ଗଲା ଖବର ତ ଟିକିଏ ବୁଝିନାହୁଁ । ଫୁଲ ଅଭିମାନରେ କହିଲା, ସନିଆ ଭାଇ ସିମିତିକା ଅମଙ୍ଗଳ କଥା କହିବ ନାହିଁ । ସନିଆର ଓଠ ଫାଙ୍କରେ ଫୁଟି ଉଠିଲା ସରୁ ହସ । ସନିଆ କହିଲା, ଫୁଲ ମୋ'ଠି ତୋର ଏତେ ଲୋଭ ! ମୁଁ ବା ତୋର କିଏ ? ସନିଆ ଉତ୍ତର ପାଇବା ଆଶାରେ ଫୁଲ ଆଡ଼କୁ ମୁଗ୍ଧ ଆଖିରେ ଅନାଇ ରହିଲା । ଫୁଲ କଣ କହିବାକୁ ବସିଥିଲା—କିନ୍ତୁ ପରକ୍ଷଣରେ ସନିଆର ଗୁହାଁଣୀ ଦି'ଟା ତାକୁ ବଡ ବିବ୍ରତ କରି ପକାଇଲା । ସେ କିଛି କହି ପାରିଲା ନାହିଁ । ସରାଗଭରା ମୁହଁଟି ତାର ଲାଜରେ ଝାଉଁଳି ପଡ଼ିଲା ।

ସନିଆ ଫୁଲର ହାତ ଧରି ତା ଘର ଭିତରକୁ ଡାକିଲା । ଫୁଲ ଲାଜରେ ଗଲା ନାହିଁ । ଦୁଆର ମୁହଁରେ ବସିଲା । ସନିଆ ଘର ଭିତରେ ବସି ପଚାରିଲା, ଫୁଲ ! ତୁ ଏତେବଡ଼ ହେଲୁଣି—ତୋର ବାହାଘର କୋଉଠି ହେଉଛି । ଫୁଲ ହସିଲା, ପାହାନ୍ତି ମଉଳା ଗଙ୍ଗଶିଉଳୀର କରୁଣ ହସ ପରି ।

ଫୁଲ ମନେ ମନେ ଭାବିଲା, ବାହାଘର—କାହିଁ କେବେ ଦିନେ ସେ ଏ କଥା ତ ଭାବି ନାହିଁ । ଅଇଁଠା ମା' ଝିଅର ପୁଣି ବାହାଘର । ଯା'ର ଦି'ବେଳା ପେଟ ପୂରାଇ ଗଣ୍ଡାଏ ଖାଇବାକୁ ମିଳେ ନାଁ—ଆଖିର ଲୁହରେ ବେଦନାର ସୁଅରେ ଖାଲି ଦିନ କଟେ—ଦିନ କଟେ ନାଁ । ତ, ଫୁଲର ମନେ ହୁଏ ଗୋଟାଏ ଦିନ ଗୋଟାଏ ବର୍ଷ ।

ମୋର ସାଙ୍ଗରେ ଶୁକୁରି ମଲିକ ଝିଅ ହାସି, ତାଲବରିଆ ଝିଅ ପାରି, ଗୁରୁବାରିଆ ଝିଅ ଦୁଃଖୀ ସମସ୍ତେ କିଏ କୁଆଡ଼େ ବାହାହୋଇ ଗଲେଣି । ପାରି କୋଳରେ ବର୍ଷକର ଗୋଟିଏ ପୁଅ । ଦୁଃଖୀର କଣ ହେବ ବୋଲି ତା ମା' କହୁଥିଲା । ଆଉ ହାସି— ଗଲା ମଗୁଶିରରେ ତାର ବାହାଘର । ହମାକପାଳିଟା—ଶେଷରେ ବୁଢ଼ାବର ସାଙ୍ଗରେ ବିଧାତା ତାର ଜୀବନ ଛନ୍ଦିଲା । ଏକା ସାଙ୍ଗରେ ଆସିଥିଲୁ ହାତ ଧରାଧରି ହୋଇ 'ଏଇ ମରତ ରାଇଜକୁ; ହସି ଖେଳି, ନାଚକୁଦ ସୁଖରେ ଘର କରିବାକୁ । କାହିଁ କିଏ ? ସମସ୍ତେ କିଏ କୁଆଡେ ଚଡା କାଠି ରୁ' । ସ୍ୱାର୍ଥପର—ବଡ଼ ସ୍ୱାର୍ଥପର ଏଇ ମଣିଷ ଜାତି । କାହିଁ ଦୁଃଖବେଳେ କେହି ତ ଆହା ପଦେ କହୁ ନାହାଁନ୍ତି । ଛୋଟରୁ ବଡ଼ ହେଲି—ସବୁ ଦେଖିଲି । ଭାବୁଥିଲି ଏଇ ଦୁନିଆ କେଡ଼େ ସୁନ୍ଦର । ଜୀବନରେ ସୁଆଦ ଅଛି । କିନ୍ତୁ ନାହିଁ—ସବୁ ଫାଙ୍କି । ଖାଲି ବଞ୍ଚି ରହିବାର ମୋହ ମଣିଷ ଆଖିରେ ଲଗାଇଚି ଭେଲିକି ।

ଫୁଲକୁ ନୀରବ ଦେଖି ସନିଆ ପୁଣି ପଚାରିଲା, ଫୁଲ ଆଜି ନ ହେଲେ କାଲି—ଦିନେ ନା ଦିନେ ତୋର ବାହାଘର ହେବ । ସେତେବେଳେ ତୋର ମୋ କଥା ମନେ ଥିବ ତ ? ଫୁଲ କହିଲା,

ସଜନିଆ ଭାଇ, ଆଖିର ଲୁହକୁ ତଳି ଲୁଚରେ ନିଗାଡ଼ି ଦୁଃଖ କଷ୍ଟକୁ ଜୀବନର ସଙ୍ଗୋଲୀ କରି ଯାର ଦିନ କଟେ—ତାର ପୁଣି କେବେ ବାହାଘର । ଜୀବନରେ ଏତେ ବଡ ସୁଖ ସୁଆଦ—ସେ କଣ ମୋ ଭାଗ୍ୟରେ ଅଛି ?

ସଜନିଆ ଟିକିଏ ହସିଲା । କହିଲା, ସବୁଦିନେ କଣ ଅନ୍ଧାର ରାତି ଥାଏ । ଦିନ ଆସେ, ଦଗବୁଡ଼ା ଘନ ଅନ୍ଧକାର ଯାଏ ଉଭାଇ—ଜୋଚ୍ଛନା ହସରେ ।

ଫୁଲ କହିଲା, ହଉ ସେ ବେଳ ତ ମୋର ଅଛି ।

ସଜନିଆ କହିଲା, ବେଶି ଡେରି ନୁହେଁ ଲୋ ଫୁଲ—ଖୁବ୍ ପାଖେଇ ଆସିଲାଣି । ବସନ୍ତ ଆସିଲେ ପହିଲି ବଉଳ ଶୁଙ୍ଘି କୋଇଲି ଯିମିତି ଗାଇଦିଏ ସୁଆଦଭରା ଗୀତ—ସିମିତି ବାହାଘର ଦିନ ପାଖେଇ ଆସିଲେ ପ୍ରାଣରେ ଜାଗେ ଅଜଣା ଶିହରଣ । ଜୀବନଟା ଆପଣା ମନକୁ ମହକି ଉଠେ । ଏ ଦେହ ଆଉ କାହାର ବୋଲି ମନେ ହୁଏ । ସତ କହିଲୁ ଫୁଲ, ନୁହେଁ ।

ଫୁଲ ସଜନିଆର କଥା ପଦକ ଶୁଣି ଲାଜରେ ମୁଣ୍ଡର ଓଢଣୀ ଟିକେ ଟାଣିଦେଲା । କହିଲା, ସଜନିଆ ଭାଇ ତମେ ଭାରି ଜଣେ । ଏତିକି କହି ସେ ମୁହଁ ତଳକୁ ପୋତିଲା ।

ସଜନିଆ ହସି ହସି ପାଖକୁ ଘୁଞ୍ଚିଯାଇ ଫୁଲକୁ କୋଳରେ ଧରି ପକାଇଲା । ଫୁଲ ସଜନିଆ କୋଳରୁ ମୁକୁଳିବାକୁ ଚେଷ୍ଟା କଲା । ତାର ଚେଷ୍ଟାକୁ ଉପହାସ କରି ଦେହମୁଣ୍ଡରୁ ଲୁଗା ଖସି ପଡିଲା । ସଜନିଆ ଏହି ଅବସରରେ ତାକୁ ଚୁମ୍ବନ କରିବାକୁ

ଲାଗିଲା । ଫୁଲ କହୁନ୍ତି, ଛିଃ ଇଏ କଣ କରୁଚ । କିଏ ଦେଖିବ, ଛାଡ ।

ସଜନୀ ଛାଡ଼ିଦେଲା । ଫୁଲ ଲାଜରେ ଜଡ ସଡ଼ ହୋଇ ଡରି ଦେହମୁଣ୍ଡରେ ଲୁଗା ସଜାଡ଼ିଲା । ମୁହଁରେ ଭାଷା ନାହିଁ—ନୀରବ । ଚାଲିଯିବାକୁ ପାଦ କାଢିଲା । ସଜନୀ ଡାକିଲା; ଫୁଲ ! ତଥାପି ଫୁଲ ଶୁଣିଲା ନାହିଁ ।

ପୁଣି ସଜନୀ ଡାକିଲା, ମୋ ରାଣ ଫୁଲ—ଶୁଣ ।

ଫୁଲ ପାଦ ସେଇଠି ଅଟକି ଗଲା । ସଜନୀ ଆଡ଼କୁ ଅନାଇ ଟିକିଏ ହସିଲା । କହିଲା, କଣ କହୁନା ।

କାଲି ଆସିବୁ ।

ହଉ ।

ଫୁଲ ବିଦାୟ ନେଲା ।

× × × ×

ଇମିତି ଫୁଲ ଦ'ଦିନ ଚାରିଦିନ ଯାଇ ସଜନୀ କତିକି ଆସିଲା । ଦୁହିଁଙ୍କର ସ୍ନେହ ଦୁହିଁଙ୍କ ପ୍ରତି ବଢି ଉଠିଲା । ଦୁହିଁଙ୍କର ପାଗଳ ମନ ଛପି ଛପି ଦଉଡ଼ିଲା କଣ ପାଇବା ପାଇଁ—କିନ୍ତୁ କେହି କାହାକୁ ମନ ଖୋଲି କହିଲେ ନାହିଁ ।

ଫୁଲ ଆସେ । ସଜନୀ ଫୁଲ ବାଟକୁ ଅନାଇ ବସିଥାଏ । ଫୁଲକୁ ଦେଖିଲେ ସଜନୀ ମୁହଁରେ ହସ ଫୁଟେ । ଫୁଲ ହସେ । ସଜନୀ ଆଦରମିଶା କେତେ କଥା କହେ—ଫୁଲ ଶୁଣୁ ଶୁଣୁ କଥା ସରିଲେ ସଜନୀ ଫୁଲକୁ କୋଳକୁ ଆଉଜାଇ ସ୍ନେହ ସ୍ୱର୍ଗ ଉଜାଡ଼ି ଦଏ । ଫୁଲ ଲାଜ ଲାଜ ହୁଏ—କିନ୍ତୁ ବାଧା ଦେଇ ପାରେନା ।

ଫୁଲ୍ ନ ଆସିଲେ ସନ୍ନଆକୁ କିଛି ଭଲ୍ ଲାଗେନା—ମନ ମାରି ବସେ । ସନ୍ନଅକୁ ନ ଦେଖିଲେ ଫୁଲକୁ କୋଉ କାମରେ ମନ ଲାଗୁନା—ଭାତ ରୁଚେନା । ରାତିରେ ନିଦ ହୁଏନା—ଭାବନାରେ ଛଟପଟ ହୋଇ କୋଉଦିନ ହୁଏ ସକାଳ ।

ଇମିତି ଦୁହେଁ ଦୁହିଁଙ୍କି ଭଲ ପାଇଲେ । ନିସ୍ଥଟିଆ ପ୍ରାନ୍ତର ବୁକୁରେ ଦୁହିଁଙ୍କର ଜୀବନ ଛନ୍ଦ ଏକ ତାଳରେ ବାଜି ଉଠିଲା । କେହି ଜାଣିଲେ ନାହିଁ—କେବଳ ସରଗ ମରତ ଦେଖିଲା ଦୁହିଁଙ୍କ ଜୀବନର ଲୁଚକାଳି ଖେଳ ।

—ଛଅ—

ଛାୟା ଛବି ପରି ଦୋଟି ମାସ କଟି ଯାଇଚି ।

ପାଞ୍ଚ ଦିନ ହେଲା ଫୁଲ ବୋଉକୁ ଶୋଇ ଜର ଅସୁଚି । ଯେତେ ଭୁଟୁକା ଔଷଧରେ କାବୁ କରୁ ନାହିଁ । ଫୁଲ ମନରେ ଭଲ ନାହିଁ । ମା'ଟି—ତା ଜୀବନର ଶେଷ ଭରସା । ସେଇଟି ହଜିଲେ ସବୁ ଶେଷ । ତେଣିକି ଖାଲି ଆଖିର ଲୁହ ହେବ ସମ୍ବଳ, ବେଦନା ଧକ୍କା ମାରି ଠେଲି ଦେବ ପୁଣି ଦିନେ ଅସମୟରେ, ମରଣର କଅଁଳ ଶେଯ ଉପରକୁ । ମରଣରେ ହୁଏତ ଅଛି ଜୀବନର କଳ୍ପିତ ଶାନ୍ତି ଟିକକ । ଫୁଲ ଭାବି ଭାବି ଆଖିରୁ ଦ'ଫୋଟ ଲୁହ ନିଗାଉଛି । ...ଉଛୁ ...ଠରେ ଅଳପ

ଫୁଲ ଖାଇବା ପିଇବା ଭୁଲିଯାଇ ମା'ର ... ମୁହଁ ଶୁଖେଇ ସବୁବେଳେ ଜଗି ବସେ । ମା କୁ... ଅତେ ଗଢ଼ିଲା । ମୁହଁ ଶୁଖେଇଚୁ କାହିଁକି । ମୁଁ କଣ ଏତେ ଶୀଘ୍ର ଦୁଃଖୀର ଜୀବନ ଦୀପ ସହଜରେ ଲିଭେନାଁ ଲୋ । ...ଛି ସନିଆକୁ ଫୁଲ ଆଖିରେ ଲୁହ ପୂରି ଉଠେ । ମା' ହସେ—ଲୁହେ, କହୁ ପୁଣି ...ି ହସି

କେତେ ନେହୁରା କରି ଗାଁ ବଇଦ ବୈଷ୍ଣବ ଜାଥିଙ୍କୁ ଘରୁ ସେ ଦିନ ଡାକି ଆଣିଲା । ବଇଦ କଣ ବଟିକା ଗଣ୍ଡାଏ ଛ'ଡ଼ ଦେଇଗଲା । ସେଇଆକୁ ଖାଇ ଦିନକ ପରେ ମା'ର ଜର ଛାଡ଼ି ଆସିଲା ।

ଗୁରୁଦିନ ହେଲା ଫୁଲର ମା ଦେହ ଭଲ ଅଛି—ଆଉ ଜର ନାହିଁ । ସେ ଦିନ ସକାଳେ ଆକାଶରେ ସୂରୁଜ ଦେବତା ହସି ଉଠିଲେଣି । କଅଁଳ ଖରା ଗଛ ଗହଳି ବୁଦା ଭିତରେ ଛପି ଛପି ରଙ୍ଗ ପାଣି ଛୁଅଁୁଛି । ନେଳିଆ ସରଗ ଦରିଆରେ ଦଳ ଦଳ ପକ୍ଷୀ —ସମସ୍ତଙ୍କ କଣ୍ଠରେ ନୂଆ ଦିନର ଗୀତ ।

ଦି’ଟା ପାରା ଉଡ଼ିଆସି ଘର ଚାଳ ଉ‌ପରେ ଯୋଡ଼ିଏ ବସିଲେ । ଗୋଟାଏ ପାରା ଆଗ ଫଡ଼୍ କରି ଉଡ଼ିଗଲା । ଅନ୍ୟଟି ତାର ଆଡ଼କୁ ଚାହିଁଲା ସତ୍ରସ୍ତ ନୟନରେ । ପୁଣି ଉଡ଼ି ଯାଇଥିବା ପାରାଟି ଫେରି ଆସିଲା । ଦୁହେଁ ଘୁମୁରି ଘୁମୁରି ଗୀତ ଗାଇଲେ—ପୁଣି ଫଡ଼ କରି ଉଡ଼ିଗଲେ । ଫୁଲ ସେଇଆଡ଼କୁ ଚାହିଁ ସକାଳର ସୁନ୍ଦର ଦୃଶ୍ୟ ଦେଖୁଥିଲା ।

ବାସୀକାମ ସେତେବେଳକୁ ସରିଯାଇଥିଲା । ଫୁଲ ଭାବିଲା ... ଯିବ, ସନିଆ ଭାଇକୁ କେତେଦିନ ହେଲା ନ ଦେଖି ... କି ଭଲ ଲାଗୁନାହିଁ ।

...ରେ ଫୁଲ ବଡ଼ ଚୁରା ଲଟେଇ ଗଣ୍ଡାଏ ପଖାଳ ...ାଠାମାଳ ଭିତରକୁ ଗଲା ।

...କୁ କାହିଁକି ଆଜି ଟୋକାଟା ନିଚ୍ଛଟିଆ ଲାଗିଲା । ...କବେ ତ ଇମିତି ଲାଗେନାହିଁ । ଫୁଲ ଘଡ଼ିଏ ଭାବିଲା, ତାର କେତେ ସାଙ୍ଗ । ଏଇ ବଣୁଆ ଫୁଲ, ପତର, ଅରମା ବୁଦ୍ ବୁଦିକିଆ ଜଙ୍ଗଲ, ଗଛଲଟା, ସେ ମୁଣ୍ଡର କରଞ୍ଜିଆ କିଆବାଡ଼ । ଦୂରରୁ ଜଳ ଜଳ ଦିଶୁଛି ନଈପଠରେ ଗା, ଘାର, ଜେଙ୍ଗା ନଡ଼ିଆ ଗଛଗୁଡ଼ିକ । ମଝିରେ ଫାଙ୍କା—ଶୂନ୍ୟ । ଏହି ଶୂନ୍ୟତା

ଭିତରେ ବି ବେଳେବେଳେ ତାର ସାଙ୍ଗ ହୁଅନ୍ତି ଆସି ସହରର ଗଛଜର ଏଇ ପକ୍ଷୀଗୁଡ଼ାକ ।

ହଠାତ୍ ଦୂରରୁ ସୁ ସୁ ହୋଇ ପବନଟା ବହିଆସିଲା ତୋଟାମାଳ ପତର ଉଡ଼ାଇ—ବଣୁଆ ଫୁଲର ନାଲି ଟହଟହ ଓଠରେ ସବୁଚୁମା ଦେଇ । ଫୁଲ ଉପରେ ବସିଥିବା ପରଜାପତଟି ଫୁର୍ ଫୁର୍ ହୋଇ ଦୂରକୁ ଧୁଇଁଗଲା । ଫୁଲ ମୁଣ୍ଡ ଓ ଛାତି ଉପରୁ ଲୁଗା ଟା ଖସି ପଡ଼ିଲା । ସେପାଖ ବାଉଁଶ ବୁଦା ଗହଳି ରଡ଼ ରଡ଼ ଡାକି ଉଠିଲା ।

ଫୁଲକୁ କାହିଁକି ଆଜି ଟିକେ ଭୟ ଲାଗିଲା । ସେ ପାଖରେ ବାଉଁଶ ବୁଦାଗହଳି— ବଡ଼ ଅନ୍ଧାରୁଆ ଜାଗାଟା । ଦିନରେ ବି ଦିନେ ଦିନେ ଫୁଲ ପତର ଖସ ଖସ ଶୁଣିଲେ ଚମକି ପଡ଼େ । ଆଜି ଫୁଲକୁ ପତର ସାଉଁଟିବାକୁ କିବା ଗଛର ଶୁଖିଲା ଡାଳ ଭାଙ୍ଗିବାକୁ ଭଲ ଲାଗିଲା ନାହିଁ । ମନେମନେ ସ୍ଥିର କଲା, ଯାଉଛି ଆଗେ ସନିଆ ଭାଇ କତରୁ ଆସିବ, ସେଇଲା ବାଟରେ ଅଳପ ଦି'ଟା ଡାଳ ଧରି ନେଇଯିବ ।

ଦେହ ମୁଣ୍ଡରେ ଲୁଗା ସଜାଡ଼ି ଫୁଲ ବଗିଚୁଆଡ଼େ ଗଡ଼ିଲା ।

ଏଇ କେଇଦିନ ହେଲା ଫୁଲ ନ ଆସିବାରୁ ସନିଆକୁ ଆଉ କିଛି ଭଲ ଲାଗୁନାହିଁ । କୌଣସି କାମ କରୁ କରୁ ପୁଣି ଅନାଉଛି ସେଇ ତୋଟାମାଳ ଭିତରକୁ । ଫୁଲଟି ଯଦି ହସି ହସି ଫୁଲ ତାର ଆସୁଛନ୍ତି ଆଜି ! ଅନାଇ ଅନାଇ ସନିଆ ଆଖିରୁ ପାଣି ମରେ ।

ଦିନେ ଦିନେ ଭାବେ ଫୁଲ ଘରକୁ ଯାଇ ତାକୁ ଟିକେ ଦେଖି ଆସନ୍ତା । କିନ୍ତୁ ଏତେ ବଗିଚାରେ ରହିବ କିଏ ? ଦଣ୍ଡକରେ

ଉଦାସୀ ଗାଈ ବାଛୁରି ଦୁଃଖୀରୁ ଉଜାଡ଼ ଦେଉଥିବ । ମନର ଭାବନା ଛପିଯାଏ ମନଭିତରେ ।

ସେଦିନ ଫୁଲକଥା ଭାବି ଭାବି ସଜନିଆ ପଲ୍ଲୀ ଭିତରେ ମୁହଁ ସୁଖାଇ ବସିଥାଏ । ପାଖରେ ଦାଦାର ବଇଁଶୀଟା । ଟିକିଏ ଦୂରରେ ହେଁସ ଗୁଡ଼ାଟା । ଫୁଲ ଯାଇ ସଜନିଆ କଡ଼ରେ ଛିଡ଼ା-ହେଲା ।

ଫୁଲକୁ ଦେଖି ସଜନିଆ ଅଭିମାନରେ କଥା କହିଲା ନାହିଁ । ଫୁଲ କହିଲା, ସଜନିଆଭାଇ ! ମୋ ଉପରେ ରାଗିଚ । ବୋଉ ଦେହ ଯାର ଭଲ ନଥିଲା । ନିରମାଖୀ ଜୀବନର ସେଇଟିତ ଶେଷ ଭରସା, ତାକୁ ଅବହେଳା କରି ଆସନ୍ତି କପରି ?

ଫୁଲ କଥାପଦକ ଶୁଣି ସଜନିଆ ମୁହଁରୁ ଅଭିମାନ ଫାଟି ଓଠଫାଙ୍କରୁ ହସ ନିଗିଡ଼ିଲା । କହିଲା, ଫୁଲ ତୁ ନ ଆସିବାରୁ ମୁଁ ପରି ଭାବୁଥିଲି ତୋର କଣ ନିଶ୍ଚୟ ଘଟିଚି, ନହେଲେ ତୁ କଣ ସଜନିଆ ଭାଇକି ଭୁଲିଯାଉ ?

ଫୁଲ କହିଲା, ସଜନିଆ ଭାଇ ! ସବୁ ଦିନ କଣ ସମାନ ଥାଏ ଦିନକୁ ଦିନ ଅନ୍ତର । ଆଜି ତମେ ମୋତେ କେତେଭଲ ପାଉଛ, ଦିନେ ନ ଦେଖିଲେ ଅଭିମାନ କରୁଚ । କିନ୍ତୁ ପୁଣି ଦିନ ଆସିବ ମୋତେ ଦେଖିବାକୁ ତମର ମୋଟେ ମନ ହେବନାହିଁ । ତମେ ବାହାହେବ—ଘରସଂସାର କରିବ—ସେତେବେଳେ ?

ସଜନିଆ ମୁରୁକି ମୁରୁକି ହସି କହିଲା—ଫୁଲ, ଅତୀତକୁ କେହି କେବେ ଭୁଲିପାରେନା । କେତେ ଦିନର କେତେ ହସିଲା ସଞ୍ଜ ସକାଳର କରୁଣ ଇତିହାସ, ମଧୁର ଅନୁଭୂତି

ଲାଗି ରହିଥାଏ ଏଇ ଦରଦୀମିଶା ଖୁସିଲା ଛାତରେ । ତାକୁ କଣ ସହଜରେ ଭୁଲି ହୁଏ । ସେଇ ପୁରୁଣା ସ୍ମୃତିକୁ ଭାବି ଭାବି ଥରେ ପାଇ ବସିଲେ ଛାତରେ ଜାବୁଡ଼ି ଧରି ଜୀବନର ସବୁ ଦୁଃଖ ଜଞ୍ଜାଳ ଭୁଲି ହୋଇଯାଏ ।

ଫୁଲ କଥାକୁ ଛଳେଇ ଛଳେଇ କହିଲା, ଯା ହେଉ ସନିଆ ଭାଇ, ବାହାହେଲା ପରେ ତମେ ମୋ କଥା ମନେରଖିବ ମୋ କଥା ଭାବି ଭାବି ତମେ ସବୁ ଦୁଃଖ କଷ୍ଟ ଭୁଲିଯିବ । ତାର ମୁହଁରୁ ଏଇ କଥାପଦକ ଶୁଣି ମୁଁ ଭାରି ଖୁସି ।

ସନିଆ ହସି ହସି ଫୁଲ ହାତ ଦି'ଟା ଧରି କୋଳ ଭିତରକୁ ଟାଣି ନେଲା । ବର୍ଷା ଫୁଲ ପରି ତାର ତୋଷ ମୁହଁରେ ନିଜ ମୁହଁକୁ ଲଗାଇ ଦେଲା । ଫୁଲ ଦେହମନ ଅଜଣାରେ ଥରି ଉଠିଲା । ସନିଆ କୋଳରେ କି ମାଦକତା ଥିଲା କେଜାଣି, ଫୁଲ କ୍ଷଣକ ପାଇଁ ଭୁଲିଗଲା ଜୀବନର ସବୁ ଅବସାଦ ।

ଫୁଲକୁ କୋଳରେ ପୂରାଇ ତାର ଅଳସ ବାଳକୁ ସଜାଡ଼ି ସଜାଡ଼ି ସନିଆ କହିଲା, ଫୁଲ ମୋର ପରା ତୋର ସାଙ୍ଗରେ ବାହାଘର ହେବ । ମୁଁ ତୋ ଛଡ଼ା କାହାରିକୁ ବାହାହେବ ନାହିଁ । ସନିଆ ଯା କହେ ସେଇଆ କରେ ।

ଫୁଲ ଲାଜରେ ଓଢ଼ଣୀ ତଳେ ମୁହଁ ଲୁଚାଇଲା ।

ସନିଆ ତା ମୁହଁରୁ ଓଢ଼ଣୀ ଟାଣି ବାରମ୍ବାର ଚୁମ୍ବନ ଦେଲା ତେବେ ବି ମନଟା ତାର ବୋଧ ହେଉନାହିଁ । ଆଖିରେ ଜଳି ଉଠିଲା ଅଦମ୍ୟ ପିପାସା—ହୃଦୟରେ ଜାଗି ଉଠିଲା କଣ ପାଇବାର ଆଶା । ସନିଆ ପାଗଳ ପରି ଫୁଲକୁ

ଜାବୁଡ଼ି ଧରିଲା । ଫୁଲ୍ର ବେଶବାସ ଅସଂଯତ ହୋଇପଡ଼ିଲା । ଫୁଲର ଦୁର୍ବଳ ହୃଦୟ ସନିଆକୁ ବାଧାଦେଇ ପାରିଲା ନାହିଁ ।

ପଦାରୁ ଥାଇ ଚକରା ଡ଼ାକ ଡ଼ାକ ଆସିଲା, ସନିଆଭାଇ ସନିଆଭାଇ । ସନିଆ ଭୟରେ ଫୁଲକୁ ଛାଡ଼ି ଅଲଗା ହୋଇଗଲା । ଯୁଆନ ଟୋକୀଟାକୁ ନେଇ ପଲା ଭିତରେ ପଶିଛି—ଚକରା ଦେଖିଲେ ସର୍ବନାଶ । ଆଉ କାହାର ପାଟି ଶବଦ ଶୁଣି ଫୁଲ ଗୋଟେଣେ ଥରିଲା । ସନିଆ କହିଲା, ଫୁଲ ତୁ ଏଇ ବଉକୁ ହେଁସଗୁଡ଼ ତଳେ ଲୁଚିଯା । ଫୁଲ ଲୁଚିଗଲା ।

ସନିଆ ପଦାକୁ ଆସି ପଚାରିଲା, କଣ କରେ ଚକରା ! ଚକରା କହିଲା, ଅଜି ତୋ ଜମିଦାର ସାଆନ୍ତଙ୍କ ସାନପୁଅ ଜନମ ଦିନ । ଗାଁଲୋକଙ୍କୁ ନିମନ୍ତ୍ରଣ ହୋଇଛି, ଭୋଜିଭାତ ହେବ । ତୋ ବାପ କହି ପଠେଇଛି ପରିବା ଭାର ପଠେଇବାକୁ । ସନିଆ କହିଲା, ହଉ ତୁ ଯା, ମୁଁ ପରିବା ଭାର ପଠେଇ ଦେବି ।

ଚକରା କହିଲା, ସନିଆଭାଇ ଦେହଟା! କାହିଁକି ଭଲ ଲାଗୁନାହିଁ, ଯାଉଛି ତୋ ପଲାରେ ଟିକେ ଶୋଇବି ? ଚକରାକଥା ଶୁଣି ସନିଆ ବଡ଼ ମୁସ୍କିଲରେ ପଡ଼ିଲା । ତା ଛାତି ଧଡ଼ପଡ଼ହେଲା । କଥାକୁ ବୁଲେଇ କହିଲା, ଆରେ ବୋକା, ଶୋଇଲେ ବେଶି ଅଳସ ଲାଗିବ—ଜର ଆସି ଭାଲୁପରି ମାଡ଼ି ବସିବ । ତୁ ଯା···ବୁଲ, କାମ କର । ଦେହ ଫୁର୍ତ୍ତି ହେଲେ ଦେଖିବୁ କିପରି ଭଲ ଲାଗିବ । ଗଧ ହେଇଚୁକି—ଶୋଇବୁ ଗୋଟାଏ କଣ ? ସନିଆ ଚିଡ଼ିଲାରୁ ଚକରା ପଳାଇଲା । ଚକରା ଗଲାରୁ ସନିଆର ଛାତି ଟିକିଏ ଥମ୍ଭ ହେଲା ।

ଫୁଲକୁ ଡାକିଲା । ଫୁଲ ପଦାକୁ ଆସି ଲାଜରେ ଧନୀଆ ମୁହଁକୁ ଚାହିଁ ପାରିଲା ନାହିଁ । ଅତ ଆଡ଼ ହୋଇ ଚାଲିଯିବାକୁ ବସିଲା । ଧନୀଆ କହିଲା, ଫୁଲ ମୋରାଣୀ; କାଲି ଏତିକିବେଳେ ଆସିବୁ । ଫୁଲ ହୁଁ କି ହାଁ କିଛି କହିଲା ନାହିଁ, ସିଧା ସିଧା ଚାଲିଲା ।

ଧନୀଆ ବଗିଚା ପାଖ ସେଇ ଝଙ୍କା ବରଗଛ ଛାଇ ତଳେ ବସିପଡ଼ିଲା; ଆଙ୍କିଲା ମନେ ମନେ କେତେ କଳପନାର ଛବି ।

ତା' ଆରଦିନ ଫୁଲ ବୋଉର ଦେହ ପୁଣି ଖରାପ ହେଲା ।

ଛାଡ଼ି ଯାଇଥିବା ଜର ପୁଣି ଲେଉଟିଲା । ଫୁଲର ଭାବନାର ସୀମା ରହିଲା ନାହିଁ । ଦଉଡ଼ିଲା ପୁଣି ସେଇ ବଇଦ କତିକି; କିନ୍ତୁ ଫୁଲର ସବୁ ଚେଷ୍ଟାକୁ ଉପହାସ କରି ଜର ବଢ଼ିଲା ଦିନକୁ ଦିନ ।

ଅଠଦିନ ପରେ । ବୁଢ଼ୀ ଆଉ ଶେଯରୁ ଉଠି ପାରିଲାନାହିଁ । ବଇଦ କହିଲା, ଭଗବାନ ଭରସା—ଏଣିକି ମୋ ଆଶା ଛାଡ଼ । ଫୁଲ ଭୋ'କିନା କାନ୍ଦି ଉଠିଲା ।

ଭଗବାନ ବଡ଼ ଦାରୁଣ । ସେ ବି ଫୁଲର କରୁଣ ବୋବାଳି ଡାକ ଶୁଣିଲେ ନାହିଁ । ସେଇଦିନ ସଞ୍ଜ ପହରକୁ ବୁଢ଼ୀ ଆଖି ବୁଜିଲା । ମା ଝିଅର ମଣିଷ ମାଟି ଉପରେ ଢଳି ପଡ଼ିଲା । ତା' ପରେ ସବୁ ଅନ୍ଧାର । ଫୁଲର କରୁଣ କ୍ରନ୍ଦନ ଗଗନ ପବନକୁ ମୂର୍ଚ୍ଛିତ କଲା । ଗାଁ ଲୋକେ ଜମା ହୋଇ ପଡ଼ିଲେ । ଆହା; ବିଚରା ଜୀବନଟାର ଭରସା ତୁଟିଗଲା ।

ସମସ୍ତଙ୍କ ତୁଣ୍ଡରେ ମଲ୍ଲପରେ ଏଇ ସହାନୁଭୂତିମିଶା ଅହା ପଦକ । ଜଇଁ ଥିଲା ତଳେ କାହିଁ କେହି ତ ଦିନେ ଗରିବ ବୋଲି ଅହା ପଦେ ଶୁଣାଇ ନାହାନ୍ତି । ମଣିଷ ଭଣ୍ଡ ପ୍ରତାରକ । ମଲ୍ଲପରେ ତୁଣ୍ଡର ଅହା ପଦକ—ଖାଲି ଗୋଟାଏ ଛଳନା ।

କାହିଁକି ଏ ଛଳନା । ସମସ୍ତେ ଅସି ଥା'ଇ ହାତ ଧରାଧରି ହୋଇ ଏଇ ମାଟି ଗୋଡ଼ି କାଦୁଅ ସନ୍ତସନ୍ତିଆ ଭୂଇଁକି — ସମସ୍ତେ ପୁଣି ଦିନେ ଡାକହାକି ଆଖି ବୁଜିବା । କେହି ତ ରହିବା ନାହିଁ ଚିରଦିନ ପାଇଁ ଏଇ ମରତ ରାଇଜରେ । ଗରିବ — ବଡ଼ଲୋକ ସମସ୍ତେ ଭାଇଭାଇ—ଏକାରକ୍ତ — ମଣିଷ ଜାତି ସମସ୍ତେ । ତଥାପି ଏତେ ଗର୍ବ; ଅହଙ୍କାର, ଅଭିମାନ, କାହିଁକି ? ମନରେ ପ୍ରଶ୍ନ ଉଠେ ବାର ବାର ତମେ କି କେବେ ବୁଝାଇଛ ଦେବତା !

ଅନାଇ ଅନାଇ ପନ୍ଦରଟା ଦିନ ମୁହଁ ଲୁଗୁଇନ୍; ତଥାପି ଫୁଲ ଆସିଲା ନାହିଁ । ସନିଆ ମନ ଆଉ ଥୟ ହେଲା ନାହିଁ । ଭାବିଲା, ଫୁଲ କଣ ତାକୁ ଭୁଲ ବୁଝିଲା । ନାଁ, ନାଁ ଫୁଲ ତାକୁ ଏତେ ଭଲ ପାଏ—ସେ କଦାପି ଭୁଲ ବୁଝିବ ନାହିଁ ।

ଇମିତି ଭାବି ଭାବି ପୁଣି ସନିଆର ଦି'ଟା ଦିନ କଟିଲା । ମନ ବୁଝିଲା ନାହିଁ, ସେଦିନ ଦି' ପହରେ ଚକରକୁ ବଗିଚାରେ ବସାଇ ଘରୁ ଆସୁଛି ବୋଲି କହି ଆସି କୃଷ୍ଣପୁରରେ ଉଠିଲା । ପଚାରି ପଚାରି ଫୁଲ ଘର ପାଖରେ ଆସି ପହଞ୍ଚିଲା । ଡାକିଲା, ଫୁଲ ଫୁଲ, କିଛି ଉତ୍ତର ଆସିଲା ନାହିଁ । ଅନାଇଲା ପଦାରୁ ଜଞ୍ଜିର ଦିଆ ହୋଇଛି — କଥା କଣ କିଛି ବୁଝି ପାରିଲା ନାହିଁ ।

ପଚାରିବାରୁ ପଡ଼ିଶା ଘର ଲୋକ କହିଲେ, ଫୁଲ ନାହିଁ । ଗଲା ଗୁରୁବାର ତା ମା' ମରିଗଲା । ବିଚାରୀଟି କାନ୍ଦି କାନ୍ଦି ଦିନ କାଟୁଥିଲା । ଦି'ଦିନ ହେଲା ନିମାପଡ଼ାରୁ ତା ମାମୁ ଆସି ତାକୁ ସାଙ୍ଗରେ ନେଇ ଯାଇଛି । ସାନ ଭାଇଟି ବି ଯାଇଛି । ଆଉ ଏଠିକି ସେ ଲେଉଟିବ ନାହିଁ—ସେଇଠି ରହିବ । ମାମୁଁ ତାର ତାକୁ ବାହା ସାହା କରିବ—ସାନ ଭାଇଟିକି ପାଳିବ ।

ସନିଆର ମୁହଁଟା ବୁଲାଇ ଦେଲା । ସବୁ ତାକୁ ଦିଶିଲା ଅନ୍ଧାର । ସେହି ଅନ୍ଧାର ଭିତରେ ଫୁଲର ଶୁଖିଲା ମୁହଁଟି ଭାସିଉଠିଲା । ନିମିଷକରେ ଦୁହିଁଙ୍କର ଦର ଫୁଟିଲା ସ୍ନେହ ଶରଧା କଳିଟିକୁ ଅଦେଖା ହାତ ଆସି ଛିଣ୍ଡାଇ ଦଳିଦେଲା ।

## —ସାତ—

ବସନ୍ତ ଗଲା ଫଗୁ ଖେଳ ଖେଳି, ଏଇ ଧୂଳି ଧୂସର ମାଟି ଗୋଡ଼ି ଦେହରେ ମଳୟର ସୁରଭି ସଞ୍ଚାରି, ଗେଣ୍ଡୁ ଫୁଲର ନବ ପାଖୁଡ଼ା ପାଖୁଡ଼ାରେ ଶେଷ ସ୍ୱଗ ଦୀପ୍ତି ଖେଳାଇ । ବସନ୍ତ ପଛେ ପଛେ ଗଛ ଲତାର ଶିଖ ମଉଳା ପତରେ ପତରେ ବାଜି ଉଠିଲା ନିଦାଘ ଝାଞ୍ଜି ପବନର ଗୀତ ।

ବସନ୍ତ ଆଜି ଚାଲି ଯାଇଛି ବହୁ ଦୂରକୁ, ଅନାଇଲେ ଆଖି ପାଉ ନାହିଁ । ତା ସଙ୍ଗେ ସଙ୍ଗେ ସନିଆର ଜୀବନ ବସନ୍ତ ମୁହଁ ଲୁଚାଇଛି ଦୂରରେ······ବହୁ ଦୂରରେ । ନିମାପଡ଼ା କାହିଁ କେତେ ଦୂର—କେତେ ଗାଁ, ବିଲ, ନଈ, ପାହି ସେ ପଟରେ, ଏଠିକି ଦଶ କୋଶ ବାଟ । ଫୁଲ ଚାଲିଗଲା ଦିନୁ ସନିଆ କେତେଥର ଭାବେ, ସେ ନିମାପଡ଼ା ଯିବ; ଟରେ ଫୁଲକୁ ଦେଖି ଆସିବ । ନିଛାଟିଆ ଜୀବନର ନୀରବତାକୁ ଭଙ୍ଗ କରି ଯେ ଦିନେ ଅପେ ଅପେ ଅସି ତା ଜୀବନରେ ସାଥୀ ହୋଇଥି—ସେ କଣ ଆଜି ତାକୁ ଭୁଲି ଯାଇଥିବ । ନାଁ, କଦାପି ନୁହେଁ—ଯୁଅଡ଼େ ଥିଲେବି ଫୁଲ ତାର ।

ଦିନେ ଦିନ ସ୍ୱପ୍ନରେ ସନିଆ ଫୁଲକୁ ସ ନରେ ଦେଖେ । ଗତ ଜୀବନର ନିଛାଟିଆ ବଗିଚା ଭିତରର ଛବିଗୁଡ଼ା ସପନରେ

ରୂପ ପାଏ । ସଜନିଆ ଫୁଲକୁ କୋଳରେ ପୂରାଇ ସବୁ ସଙ୍ଗ ଅଜାଡ଼ି ଦିଏ ।

କେତେ ଥର ଭାବିଛି ସଜନିଆ ଜମାପଡ଼ା ଯିବ । କିନ୍ତୁ କୌଣସି ଦିନ ଯିବାକୁ ମନ ବଳାଇଲେ ପାଦ ଚଳେନା । ଭାବନା ବଦଳେ— ଅନ୍ୟ ରୂପ ଧରେ । ଫୁଲ ଯଦି ତାକୁ ନ ପଚାରେ, ପର ବୋଲି ଭାବି ଦୂର କରି ଦିଏ । କାହିଁକି ସେ ମାମୁଁଘରକୁ ଗଲା । ମୁଁ କଣ ତାର କେହି ନୁହେଁ, ମୁଁ କଣ ତାକୁ ଆଶ୍ରା ଦେଇ ପାରି ନଥାନ୍ତି । କାହିଁ ସେ ତ ମୋର ସାହାଯ୍ୟ ଟିକିଏ ଲୋଡ଼ିଲା ନାହିଁ । ଯିବା ପୂର୍ବରୁ ମୋତେ ଥରେ କହିଲା ନାହିଁ । ସେ ଯଦି ମୋତେ ପର କରି ଦେଲା—ମୁଁ ବା କାହିଁକି ଆଉ ତାର ପଛରେ ଧାଇଁବି ।

ଇମିତି ଭାବି ଭାବି ସଜନିଆ ଫୁଲକୁ ଭୁଲ ବୁଝିଲା, ଆଉ ତା ଖତକୁ ଗଲା ନାହିଁ । ଉପର ମନରେ ସିନା ଫୁଲକୁ ପର କରି ଦେଲା; କିନ୍ତୁ ଫୁଲ ବିରହରେ ଅନ୍ତର ଭିତର ଝଡ଼ଟା ବଢ଼ି ଉଠିଲା । କୌଣସି କାମଧନ୍ଦାରେ ମନ ଦେଲା ନାହିଁ । ଦିନ ରାତି ଖାଲି ଭାବିଲା—ଆଉ ଭାବିଲା ।

ସେ ଦିନ ସକାଳ ହେଉ ହେଉ ଚନ୍ଦନପୁର ଗାଁରେ ହାହାକାର ପଡ଼ିଗଲା । ଜଣା ନାହିଁ-ଶୁଣା ନାହିଁ । ଭଲଦେହରେ ଜମିଦାର ଗୋଲକ ବିହାରୀ ସାମନ୍ତରାୟ ଖାଇ ପିଇ ରାତିରେ ଶୋଇଲେ । ସେଠୁ ବାୟୁ ଉଠିଲା—ରାତି ବାରଟା ବେଳକୁ ଶେଷ । ଯିଏ ଶୁଣିଲେ ସମସ୍ତେ ହାୟ ହାୟ କଲେ । ଇମିତିକା [illegible] ।

ଲଇଝିଣିଆ ଏ ଖବର ଶୁଣିଲାକ୍ଷଣି ତା ଆଖିରୁ ଦି'ଧାର ଲୁହ ଗଡ଼ିପଡ଼ିଲା । ଜମିଦାର ସାଆଁନ୍ତେ ତାର କେତେ ଉପକାର କରିଛନ୍ତି । ସେ ଆଉ ସାଆଁନ୍ତଙ୍କର ଋଣ ଏ ଜୀବନରେ ଶୁଝି ପାରିଲା ନାହିଁ । ଲଇଝିଣିଆ ଭାବନା ଧୂଳି ଧୂଆଁ ପରି ମନ ଗଗନରେ ଉଡ଼ି ଉଡ଼ି ମିଳାଇଗଲା ।

ସନିଆ ବଗିଚାରେ ଶୀତଦିନିଆ ଫସଲର ଶେଷ ପର୍ବ ବଢ଼ି ଆସିଲା । ନିଦାଘର ଝାଞ୍ଜି ପବନରେ ଖଇଫୁଟା ଖରା ତାପରେ ଖେଣ୍ଟା ଗଛ ଆଉ ଥରେ ଶେଷ ଥର ପାଇଁ ଫଲଦେଇ ମଳିନତାର ହସ ଟିକେ ହସି ଦେଲା । ବଗିଚା ଉଜୁଡ଼ି ଗଲା । ଏଣିକି ଗାଈ ଗୋରୁ ଛେଳିଙ୍କୁ ସାତ ଖୁଣ ମାଫ୍ । ସେମାନେ ଡେଇଁ ଡେଇଁ ବଗିଚା ଭିତରେ ବୁଲିଲେ ।

ବଗିଚା ଉଜୁଡ଼ି ଗଲାଦିନୁ ସନିଆ ଏଣିକି ଘରଧନ୍ଦା ବୁଝେ । ଦିନେ ଦିନେ ବାପା ସାଙ୍ଗରେ ହଳ ନେଇଯାଏ । ନିତି ସକାଳୁ ଉଠି ଗୁହାଳ ସଫା କରେ । ଗାଈ ବଳଦଙ୍କ ଖାଇବା ଖବର ବୁଝେ । କାମ ମଝିରେ ବେଳେ ବେଳେ ଉଡ଼ି ଉଡ଼ି ଆସେ ପବନରେ ଫୁଲର ସ୍ମୃତିର ମଧୁର ବାସନା ଟିକେ; ଅନ୍ତରକୁ ବିନ୍ଧେ । ସନିଆ ଭାବନାରେ ଭୋର ହୋଇ ଘଡ଼ିଏ ବସେ । ବାପା ଆସି ପଚାରେ, କିରେ କଣ ଭାବୁଚୁ ? ସନିଆ ମନର ଭାବନା ବାଷ୍ପଟା ଏକା ଫୁତ୍କାରରେ ଲିଭିଯାଏ । ଉଠି ପୁଣି କାମରେ ଲାଗେ ।

ଜମିଦାର ସାଆଁନ୍ତେ ମଲାଦିନୁ ଲଇଝିଣିଆ ବସି ବସି ଭାବେ ସେ ବି ଦିନେ ସାଆନ୍ତଙ୍କ ପରି ଆଖି ବୁଜିବ । ଜୀବନ

ଗୋଟାଏ ପାଣି ଫୋଟକା । କାଲିର ମଣିଷ—ଆଜିକୁ ନାହିଁ, କିଏ କୁଆଡ଼େ ବାଟ କାଟି ଚାଲି ଯାଉଚନ୍ତି । ବୟସ ଯେତିକି ଆଗକୁ ଚାଲେ ମଣିଷ ସେତିକି ଅତୀତକୁ ଭଲି ଭଲି ସ୍ୱପ୍ନ ଦେଖୁଚି । କୈଶୋରର ଦରଜାପଡ଼ ପରି ଫୁଲୁ ଫୁଲ୍ ଦିନ ଗୁଡ଼ା, ଯୌବନର କଅଁଳ ସବୁଜ, ବୟସର ମଧୁର ପ୍ରହେଳିକା ମଉଛବ ଆଜି କାହିଁ ?

ସବୁ ଦିନ ଚାଲି ଯିବ—ଗାଁ ଦାଣ୍ଡ ସେଇ ଖୋଣ୍ଟା ଗଛ ପରି । ରିକ୍ତ ଜୀବନକୁ ନେଇ ମଣିଷ ବର୍ତ୍ତମାନ ଭିତରେ ଅତୀତର ଛବି ଦେଖି ଦେଖି ଖାଲି ଦୁନିଆରେ ମୁଣ୍ଡଟେକି ଥିବ । ତା ପରେ କେବେ ଦିନେ ମରଣ ଝଞ୍ଜା ରୂପେ ଆସି ମଣିଷ ଗଛଟିକୁ ହଲାଇ ହଲାଇ ଉପାଡ଼ିଦେବ ।

ଲଇସିଣିଆ ଭାବିଲା, ତାର ତ ଆଉ ବଳ ବଅସ ଆସୁ ନାହିଁ—ଯାଉଚି । କେବେ ଦିନେ ଜୀବନଟା ମରଣର ବହଳ ଛଣପ ଉପରେ ଢଳି ପଡ଼ିବ—କିଏ ଜାଣେ ? ହଳିଆ ବାହାଦରଟା କରିଦେଲେ ନିଶ୍ଚିନ୍ତ । ଗୋଟିଏ ବୋଲି ପୁଅ—ତା ସୁଖ ଶାନ୍ତି ଟିକେ ଦେଖିବ ନାହିଁ । ସୁନାର ବି ବଳ ବଅସ ତୁଟିଲାଣି । କାମ ଧନ୍ଦାକୁ ପାରୁନାହିଁ । ବୋହୂଟି ଆସିଲେ ହଣ୍ଡି ବାଢ଼ି ଦେବ । ତା ହାତପରସା ଟିକେ ଖାଇ ସେ ମଳି ବଅସରେ ଶାନ୍ତି ଲଭି କରିବ ।

ଭାବି ଭାବି ଲଇସିଣିଆ ସୁନାକୁ ସେ ଦିନ କହିଲା । ସୁନା ଶୁଣି ହସି ହସି କହିଲା, ମୁଁ ତ ସେଇ କଥା ତୁମକୁ କହିବ କହିବ ବୋଲି ଭାବୁଥିଲି । ମୁଁ ତ ଆଉ କାମକୁ ପାରୁନାହିଁ । ବୋହୂଟି

ଆଣିଲେ ସବୁ ଜଞ୍ଜାଳରୁ ଛୁଟି । ସନିଆର ବି ବୟସ ହେଲାଣି । ଏ କେଇଦିନ ହେଲା କାହିଁକି ତା ମନରେ ଭଲ ନାହିଁ । ତମେ ଚଞ୍ଚଳ ବାହାଘର କରିଲ । ସୁନା କଥା ଶୁଣି ଲଇସିଣିଆର ସନିଆ ବାହାଘର ପାଇଁ ମୁଣ୍ଡ ଧୁସିଇଲା ।

ବୈଶାଖ ତେଇଶ ତାରିଖରେ ସନିଆର ବାହାଘର ହୋଇଗଲା ନୀଳକଣ୍ଠପୁରର ଦାମ ମଲ୍ଲିକ ବଡ଼ଝିଅ ହାରୀ ସାଙ୍ଗରେ । ଝିଅଟି ଭାରି ସୁନ୍ଦରୀ—ସନିଆର ଲାଖି ବୋହୂଟିଏ । ଗାଁରେ ଯିଏ ଦେଖିଲା—ସିଏ କହିଲା । ହାରୀକୁ ବୋହୂ ରୂପେ ପାଇ ଲଇସିଣିଆର ମନଟା କୁଣ୍ଢେ ମୋଟ—ଆଉ ସୁନାର ଗୋଡ଼ ଦି'ଟା ତଳେ ଲାଗୁନାହିଁ ।

ସନିଆର ବାହା ହେଲା ଆଗରୁ ମନେ ପଡୁଥିଲା ଫୁଲି କଥା । ଦିନେ ସେ ଫୁଲିକୁ କହିଥିଲା, ଫୁଲି ମୁଁ ତୋ ଛଡ଼ା ଆଉ କାହାକୁ ବାହା ହେବି ନାହିଁ । କାହିଁ ସେ ଦିନ ?

ସମୟର ସୁଅ ତୋଡ଼ରେ ଗତ କଥା ସବୁ ଭାସିଯାଉଛି, ମଣିଷ ଯାଇ କୁଅରେ ପଡୁଛି । ଆଜିର ପଥର କାଲିକି ବାଲି-କଣାରେ ପରିଣତ ହେଉଛି । ସ୍ମୃତିଗୁଡ଼ା ଖାଲି ଦାଗି ମାଜି ହୋଇ ମନ ଉପରେ ଆଖି ମିଟିକା ମାରୁଛି ।

ହାରୀକୁ ବାହାହେଲା ପରଦିନଠାରୁ ସନିଆ ସବୁ ଭୁଲି ଯାଇଛି । ହାରୀ ଦେଖିବାକୁ ପରୀଟି ପରି ସୁନ୍ଦର—ସବୁବେଳେ ହସହସ ମୁହଁ ! ଘର କାମକୁ ଧୁରନ୍ଧର । ବେଳାକ କାମକୁ ଘଡ଼ିକରେ କରି ଦେବ । ଭାରି ଶାନ୍ତ । କୋଉ କାମରେ କୋଉ କଥାରେ ତାର ଓଜର ନାହିଁ ।

ଫୁଲକୁ ହସାଇ ସନିଆ ଜୀବନରେ ଯୋଉ ଦୁଃଖଟିକ ଘନେଇ ଆସିଥିଲା—ହୃଦୟରେ ଯୋଉ ଦରଜଟିକ ଆଘାତ ଦେଇଥିଲା—ସେ ଟିକକ ହାସକୁ ପାଇଲାଦିନୁ କୁଆଡ଼େ ହଜିଗଲା । ଜୀବନରେ ତାର ନୂଆ ମଳୟ ପରଶି ଗଲା । ହାସକୁ ପାଇ ସନିଅର ନୂଆ ଘର ନୂଆ ସଂସାର ମହକି ଉଠିଲା ।

## —ଆଠ—

ଦିନ ଗଡ଼ି ଚାଲିଛି । ସୁଖୀର ଜୀବନ ମଟର ପରି ଭୋଗ ବିଳାସର ଧୂଳି ଉଡ଼ାଇ ଆଭିଜାତ୍ୟର ପେଁକାଳି ବଜାଇ ଚାଲିଛି । ଦୁଃଖୀର ଜୀବନ ଶଗଡ଼ ପରି ଅଭାବ, ଅନାଟନ କାଦୁଅ ଚକଟା ଭିତରେ ମାଡ଼ି ମକଚି ଚାଲିଛି । ସମସ୍ତଙ୍କର ଗତି କିନ୍ତୁ ସେଇ ଆଡ଼କୁ ।

ଆଜି କାଲିକୁ କେତେ ତଫାତ—କାଲି ଆଜିକୁ କେତେ ଦୂର—ଭାବି ବସିଲେ ଏଇ ଅସରା ଅପାଶୋରା କଥା ମଣିଷ ଖାଲି ଭାବୁଥିବ କେତେ କାଳ, କେତେ ଯୁଗ ।

ସନିଆର ସୁଖର ସଂସାରରେ ସେ ଦିନ ଦୁଃଖର ଢେଉ ତୋଳି ଦେଇ ଘୋର ବିଦାୟ ନେଲା । କେଇଟା ଦିନ ଜରରେ ସେ ମୁହଁ ଲୁଚାଇଲା ସଞ୍ଜ ପହରର ସେଇ ପତଳା ଅନ୍ଧାର ତଳେ । ତା'ପରେ ଘୋଟି ଆସିଲା ରାତି—ଆଉ ନିବୁଜ ଅନ୍ଧକାର । ସନିଆ ପରିବାରର ଗୋଟିଏ ଦୀପ ହଜିଗଲା !

ସନିଆ ଦେଖୁଚି ବୋଉ ଗଲଦିନୁ ବାପା କେଜାଣି ଆଉ କମିଥକା ଦେଖାଯାଉଚନ୍ତି । ମୁହଁରେ ହସ ନାହିଁ, ସବୁବେଳେ ଅନ୍ୟମନସ୍କ, କଣ ଗୋଟାଏ ଭାବୁଚନ୍ତି । କାମ କଲାବେଳେ ଥକା ପଡ଼ି ଅଧିକ ବେଳ ବସି ପଡୁଚନ୍ତି । ପ୍ରାଣରେ ଆଉ ଉତ୍ସାହ, ଜୁଇଁ ତାଙ୍କ ସୁନା ସଂସାର ଉଜୁଡ଼ାଇବାର ସ୍ପୃହା ନାହିଁ ।

ସେଇଥିପାଇଁ ସନିଆ ଘରେ ଓ ବାହାରେ କାମ କଲାବେଳେ ତାହାଙ୍କର ସାହାଯ୍ୟ ଆଉ ବେଶି ଲୋଡ଼େ ନାହିଁ । ଦନେ ଯେତିକି ପାରେ ସେତିକିରେ କାମ ତୁଲାଇ ନିଏ । ବେଳେ ବେଳେ ତାହାଙ୍କଠାରୁ କାମ ବି ଛଡ଼ାଇ ନେଇ କରେ । କାମରୁ ଫେରି ଆସି ସନିଆ ହାସର ହସ ହସ ମୁହଁ ଦେଖିଲେ ସବୁ ଦୁଃଖ କଷ୍ଟ ଭୁଲିଯାଏ ।

ହାସ ବି ସେମିତି । ଘରର ହାନିଲାଭ ସେପେଇ ବାସଠୁ ଆରମ୍ଭ କରି ସବୁ କାମ ତୁଲାଇନିଏ । ଜମିଦାର ଘର ଡାକରା ଆସିଲେ ବେଳେ ବେଳେ ହାସ ଯାଏ । ଲିପାପୋଛା ଢୋଲହାକ ଦ'ପାଇଟି କରି ଦେଇ ଆସେ । ଜମିଦାରଙ୍କ ସ୍ତ୍ରୀ ହାସକୁ ଅତି ଆପଣାର କରି ଥାଆନ୍ତି । ନୂଆ ନୂଆ ହାସ ଲାଜ କରୁଥିଲା— ଶାଶୂ ମଲାଦିନୁ ସବୁ ଲାଜ ଛଡ଼ାଇ ପଦାକୁ ଆସିଛି । ଏଣିକି ନିଜ ଗୋଡ଼ରେ ସେ ଛିଡ଼ାହେବ । ନିଜ କାମ କରିବ । ନୂଆ ଚେତେଇ ବଡ଼ହୋଇ ଉଠି ଶିଖିଛି—ଆଉ ଗୋଟାଏ ଉପୁ କଣ ?

ଶଶୁରଙ୍କ ଖବର ଅନ୍ତର ହାସ ସନ୍ତୁବେଳେ ବୁଝେ; ସନିଆକୁ ଦେବତା ପରି ପୂଜା କରେ । ସାଇପଡ଼ୋଶୀ ଝିଅ ବୋହୂଙ୍କୁ ଆପଣାର ପରି କରେ । ବୁଢ଼ୀ ବୁଢ଼ୀଣୀ ମାଇପେ କହନ୍ତି ସନିଆବୋହୂ ଗୋଟାଏ ମଣିଷ—ଆଉ ମାନେ ତା କାଣି ଅଙ୍ଗୁଠିକି ସରି ହେବେ ନାହିଁ ।

ଲାଇଷେଣିଆ ତାର ଘର ଗୁଳର ସେଇ ବାଉଁଶ ଖୁଣ୍ଟକୁ ଆଉଜି ପିଣ୍ଡା ଉପରେ ବସି ବସି କଣ ଭାବେ । ବେଳେ ବେଳେ ତୋଳେଇ ତୋଳେଇ ସେଇଠି ଶୋଇପଡ଼େ । ସପନରେ

ଦେଖେ—ସୁନା ଯାଇଛୁ—ସେ ବ ଦିନେ ଯିବ । ମାୟା-ମମତା ସବୁ ମିଛ ।

ଦିନ କେଇଟା ଗଡ଼ି ଯାଇଚି ।

ଲଇଖିଣିଆ ଦି'ମାସ ହେଲା ଶ୍ୱାସରୋଗରେ ପଡ଼ି ଧାଣ୍ଡି ହେଉଚି, କୋଉ କାମକୁ ଆଉ ପାରୁନାହିଁ । ଘରେ ବସି ଖାଲି ଖୁଁ ଖୁଁ ହୋଇ କାଶୁଚି । ବେଳେ ବେଳେ ଦମକା ଉଠୁଚି—ବେଦମ ହୋଇ ପଡୁଚି ।

ସନିଆ ବାପା ପାଇଁ କେତେ ପଇସା ଖରଚ କଲାଣି । କାହିଁ କୋଉଥିରେ ରୋଗ ଟିକିଏ ଊଣା ହେଉନାହିଁ । ସନିଆକୁ ପାଣିପରି ପଇସା ଖରଚ କରିବାର ଦେଖି ଲଇଖିଣିଆ ବିରକ୍ତ ହୁଏ—ଚିଡ଼େ । କୁହେ, ଏଣିକି ତମ ଘର ତମେ ସମ୍ଭାଳ—ମୋ ଦିନକାଳ ପୂରି ଆସିଲା ବାବା । ଆଉ କାହିଁକି ପୋଡ଼ା କାଠରେ ଚନ୍ଦନ ଲିପୁଚ । ସନିଆ ଶୁଣେନା । ବାପାକୁ ଭଲ କରିବା ପାଇଁ ପ୍ରାଣପଣେ ଚେଷ୍ଟାକରେ ।

ସନିଆର ଅମାନିଆପଣ ଦେଖି ବେଳେବେଳେ ଲଇଖିଣିଆ ବୋହୂକୁ ଡାକେ । ପାଖରେ ବସାଇ ଗପେ—ମ, ସନିଅଟା ମୋର ବୋଲ ମାନିଲା ନାହିଁ, ବଡ଼ ଅମାନିଆ ହେଲା । ଆଜି କାଲିକା ଟୁଆ—ଯା ବୁଝିଥିବେ ସେଇଆ । ତୁ ତାକୁ ବୁଝାଇ ସୁଝାଇ ଦେ । ଦିନକାଳ ଖରାପ ଆସୁଚି । ଦି'ବେଳା ଗଣ୍ଡାଏ ଖାଇବାକୁ ମିଳିବନି । ପଇସାଗୁଡ଼ା କଣ ଇମିତି ଖରଚ ହୁଏ । ମୋର ବେଳ କାଲ ସରିଲାଣି । ଆଉ କାହିଁକି ମୋତେ ବନ୍ଧନରେ ଟାଣି ରଖୁଚ ।

ହାତ୍ କାନ୍ଦେ । କୁହେ, ବାପା, ଇମିତିକା କଥା କହିବାକୁ ତମର ତୁଣ୍ଡ ଲେଉଟୁଚି । ତମର ସମ୍ପତ୍ତି—ତମର ଏ ଘର ଦୁଆର—ପଇସା କଉଡ଼ି ସବୁ । ତମେ କମେଇଚ—ତମର ପାଇଁ ସେ ରହିଯାଉ; କଣ' ହେବ ରହି ? ଲାଇଛିଣିଆ ଶବ୍ଦେ ! କୁହେ, ମା ତୁ ବୁଝିନାହୁଁ । ଏଇ ପଇସାର ମୂଲ୍ୟ କେତେ ବେଶି ! ଏଇ ଭଙ୍ଗା ହାଡ଼ ଅଛି କାହିଁକି ? ଲହୁ ଲହୁ ଏକାଠି କରି ଖଟିଚି ବୋଲି । ଜୀବନରେ ମୋର ବହୁତ ଦୁଃଖ ଘନେଇଚି—କିନ୍ତୁ କୋଉଥିରେ ମୁଁ ଓଟରେଇ ହୋଇଚି ସତ ଭାଙ୍ଗି ପଡ଼ି ନାହିଁ । ବଞ୍ଚିଚି ଜୀବନ ସହିତ ଯୁଦ୍ଧ କରି । ବେଳ ଆସିଲେ ତମେ ବୁଝିବ ମା ।

ଦିନକୁ ଦିନ ଲାଇଛିଣିଆର ରୋଗ ବଢି ଉଠିଲା । ବଳିଲା ବଳିଲା ଅଙ୍ଗପ୍ରତ୍ୟଙ୍ଗ କଣ୍ଠାଗର ହୋଇଗଲା । ସନିଆ ବାପା ପାଇଁ କେତେ ପଇସା ଅଣ୍ଟି ବୁଜା ଉଡ଼େଇଲା । ବୋଉ ଯାଇଚି; ଏତେ ଚଞ୍ଚଳ ପୁଣି କଣ ସେ ବାପାଙ୍କୁ ଛାଡ଼ିଦେବ । ନା, ନାଁ । ସନିଆ ଭାବି ଭାବି ଖାଲି କାନ୍ଦିଲା । ହାରା ଆସି କେତେ ବୁଝାଏ, ତୁଃ ତମେ ମରଦ ପୁଅ—ସାହସ ଦେବା କଥା, କାନ୍ଦୁଚ । ସନିଆ ଆଖିରୁ ହାରା ଲୁହ ପୋଛିଦିଏ ।

ଦିନ ଯାଉଚି—ଦିନ ଆସିଚି ।

କିନ୍ତୁ ସନିଆ ଜୀବନରେ ଯୋଉ ଦିନ ଆସିଚି, ସେ ଦିନ ଲଦି ଦେଇଚି ତାଆର ଗୁରୁଭାର । ସନିଆର ବାପା ଚାଲି ଯାଇଚି, ମଣିଷ ଶାସନ ତଳେ ସେପାରି ସଭିଙ୍କୁ—ତାକୁ ପର କରି ।

ସନିଆର ସବୁ ପରିଶ୍ରମ ବିଫଳ ହେଉଛି । ଧନ ଇଙ୍ଗାଡ଼ି ସହରରୁ ବଡ ଡ଼ାକ୍ତର ଆଣି କିଛି ଫଳ ହେଉନାହିଁ । ଘରେ ଯା ପିତୃଅର୍ଜିତ ଧାନ, ଟଙ୍କା ଥିଲା ସବୁ ବାପା ପଛରେ ସାରି ହାତ ଉଧାରି ହେଇଛି ଦ'କୋଡ଼ି ପନ୍ଦର ଟଙ୍କା । ଅଳ୍ପ ବହୁତେ ପିତୃ କ୍ରିୟାକରି, ଜାତି ଭାଇଙ୍କି ଗଣ୍ଡାଏ ଖାଇବାକୁ ଦେଇଛି ।

ବାପା ମଲାଦିନୁ ସନିଆ ବସି ବସି ଭାବେ; ବୋଉ ଗଲା—ତୁଣି କେଇଟା ଦିନରେ ବାପା ବି ଗଲେ । ଘର ଖାଲି—କାହାଁନ୍ତି ସେ ଦିନର ମଣିଷ । ସବୁ ବୋଝ ମୋର ଉପରେ ଲଦିଦେଇ ସେମାନେ ନିଶ୍ଚିନ୍ତ ହେଲେ । ହାତ ଉଧାର ଦ'କୋଡ଼ି ପନ୍ଦର ଟଙ୍କା—ଆହୁରି ଅଳ୍ପ ଅଳ୍ପ କରି କେତେ ଲୋକଙ୍କର ଧାର ଉଧାର ଅଛି । ରାମସାହୁ ଦୋକାନରେ ପାଞ୍ଚଟଙ୍କା ହାତ ଅଣା ବାକି ହେଲାଣି । ସେ ବାଟରେ ଘାଟରେ ଯୋଉଠି ଦେଖୁଛି, ମାଗୁଛି; ଆଉ ଦ'ପଦ ଶୁଣାଉଛି, । ଗାଈଆଳ ଟୋକାଟା ମଦନା—ସେ ବି ଛ'ଣା ପଇସା ପାଇଁ ସେଦିନ ଦିଦେ କହିଦେଲା ।

କାହିଁକି ତାର ଇମିତି ହେଲା । ସେ ତ କେତେଡ଼ ସୁଖରେ ଚଳୁଥିଲା । ଏ ଅଚ୍ଛୁବ ସାହିରେ କେହି ତା' ପରି ସୁଖରେ ନ ଥିଲେ । ସବୁ ଅଦୃଷ୍ଟ । ବୋଉ ଗଲା—ବାପାଙ୍କ ବେମାର—ସେ ବି ଦିନେ ଆମକୁ ବିପଦକୁ ଠେଲି ଆଖି ବୁଜିଲେ । ସନିଆ ଭାବିଲାବେଳେ ହାରି ଆମି ପରୁରେ, କଣ ଏତେ ଭାବୁଛି ? ବାପା ମଲାଦିନୁ ତମେ ଝୁରି ଝୁରି କଣ୍ଟା ହେଇଗଲଣି । ଅଙ୍କ ନ ହେଲେ ଦିନେ ସେ ତ ଯାଇଥାଆନ୍ତେ । ଦୁନିଆ ତ ଇମିତି

ଲଗିବ । ଛିଃ, ମୋ ରାଣୀ ତମେ ସେସବୁ ଭୁଲିଯାଅ ! ହାରା ସନିଆର ହାତ ଧରି ବୁଝାଏ । ସନିଆ ନ ଶୁଣିଲେ ହାରା କାନ୍ଦେ । ପୁଣି ସନିଆର ଦୁର୍ବଳ ମନ ଟାଣ ହୁଏ ।

ଏ ଭିତରେ ଗୋଟାଏ ମାସ ବିତିଗଲାଣି; କିନ୍ତୁ ଚନ୍ଦନପୁର ଗାଁରେ ସମସ୍ତେ ଲଛମିଣିଆକୁ ଝୁରି ହେଉଛନ୍ତି । ଅହା ଲଇଦିଣିଆ ଭଳି ଲୋକଟାଏ ମିଳିବ ନାହିଁ । ବୋଲିହାକ ଶୁଣିବାକୁ କାନ ପାତି ବସିଥାଏ । କାହାକୁ ଟିକିଏ ହୁତ୍ ବୋଲି କହିବ ନାହିଁ । ଭଗବାନଙ୍କର ଭାରି ଅହନ୍ତା — ଭଲ ଲୋକଙ୍କ ଉପରେ ଆଗେ ଆଖି । ସନିଆ ଏ ସବୁ ଶୁଣିଲେ ତା ଆଖିରେ ଲୁହ ଝୁରିଉଠେ । ପୁଣି ଅପେ-ଅପେ ଆଖିରୁ ପୋଛିହୁଏ କାମ ଧନ୍ଦାରେ ଲାଗେ ।

ସେ ଦିନ ରାତିରେ—

ଘର ଭିତରେ ଡିବିରିଟା ମିଞ୍ଜି ମିଞ୍ଜି ହୋଇ ଜଳୁଥାଏ । ସ୍ୱାମୀ ସ୍ତ୍ରୀ ଦି' ପ୍ରାଣୀଙ୍କ ଭିତରେ କଥା ପଡ଼ିଥାଏ । ସନିଆ କହିଲା, ହାରା, ଧାନ ଅମଳ ହେଉ ହେଉ ଆହୁରି ତ ଦଶମାସ । ବାରି ଲୋକଙ୍କଠୁ ତ ଧାରି ଥାଇ । ଦିନ ରାତି ସେମାନେ ଖାଇ ଯାଉଛନ୍ତି । ସେମାନଙ୍କର ଦେଣା ସୁଝା ହେବ କିପରି ! ହାରା କହିଲା, ମୋତେ କିଛି ବୁଦ୍ଧି ବାଟ ଦିଶୁନାହିଁ । ତମେ ଯା କହୁଚ କର—ଘରେ ତ ଯା' ଥିଲା ସବୁ ଝାଡ଼ିଝୁଡ଼ି ।

ସନିଆ କହିଲା, ମୁଁ ଭାବିଚି ଏ ବଳଦ ଦି'ଟାକୁ ବିକି ଦେବି । ସେଇ ପଇସାରେ ଧାର ଉଧାର ସୁଝିଦେବି । କେହି

ଏତେ ଲଇଛିଣିଆ ପୁଅକୁ ଠାଉଁ ଠାଉଁ କରି କହିବାକୁ ନ ଥିବ ।

ହାରି କହିଲା, ବଳଦ ବିକିଲେ ଚାଷ ହେବ କିପରି, ଚଳିବା କିମିତି ? ଆଉ କଣ ସରଗରୁ ଆମ ପାଇଁ ଗଳିବ ।

ସନିଆ ହସିଲା । କହିଲା, ନାଁଲୋ ହଣ୍ଡି—ମୁଁ ଭାବୁଛି କଲିକତା ଯିବି । ସେଇଠି ଚାକିରି କରିବି । ଧନ କମେଇ ତୋ ପାଖକୁ ମାସକୁ ମାସ ଟଙ୍କା ପଠେଇବି ।

ହାରି ମୁହଁ ଶୁଖେଇ କହିଲା, ତମେ ମୋତେ ଏକଲା ଛାଡ଼ି ବିଦେଶ ଯିବ ? ନାଁ ନାଁ, ତା ହେବ ନାହିଁ । ଧାର ଶୁଝିବ ତ ମୋ ଦେହରୁ ସବୁ ଗହଣା ବିକି ଯାର ଯା' ଅଛି ଦେଇଦିଅ । ଏଇଠି ଖଟି ଖାଅ । କାହାପାଇଁ ତମେ ବିଦେଶ ଯିବ, ନ ଖାଇ ନ ପିଇ ଖଟି ଖଟି ଦେହ ରକତ ପାଣି କରିବ ।

ସନିଆ କହିଲା, ଛିଃ ଛିଃ କି କଥା କହୁଚୁ । ତୋତେ ଗହଣା ବୋଲି ବିକଟେ କରି ଦେଇ ପାରିବି ନାହିଁତ—ଓଲଟି ତୋର ବାପାଙ୍କର ସ୍ନେହର ଦାନକୁ ବିକି ଭାଙ୍ଗି ଖାଇବି ? ନାଁ ନାଁ, ତା ମୁଁ କଦାପି କରିବି ନାହିଁ । ତୁ ଜାଣିନୁ ହାରି, କଲିକତା ରୋଜଗାର କିମିତିକା । ଆମ ଏଇ ଗାଁର କେତେ ଲୋକ ଅଛନ୍ତି । ଖାଲି ଆମ ଏ ଅଞ୍ଚଳ ସାହିରେ ଅଧି ପଞ୍ଚାନି । କିଏ ରେଙ୍ଗୁନରେ ତ—କିଏ ଆସାମର ଚା ବଗିଚାରେ; କିଏ ମାଟିଆ ବୁରୁଜ ସୂତା କଳରେ ତ—କିଏ ଶ୍ରୀରାମପୁରର ଚଟକଳରେ ।

ଏଇ ଆମ ପରିଆ ବାଉରୀର ଘର ଜମି ବୋଲି ବିକଟେ ନ ଥିଲା । ଦିନେ ଖାଇଲେ ଦି'ଦିନ ଉପାସରେ ରହୁଥିଲା । ସେ

ପୁଣି ବିଦେଶ ଯାଇ ପଇସା କମେଇ ଜମି କଲା; ହାତକୁ ଦି' ହାତ ହେଲା । ଆମ ଗାଁ ଇନ୍ଦର ଭଣ୍ଡାରି କଲିକତା ଗଲା । ଦି'ଟା ବରଷ ଅନ୍ତେ ଟଙ୍କା ବୁଜୁଲା ଧରି ଗାଁକୁ ଲେଉଟି ଆସିଲା । ସେ ପୁଣି ହେଲା ଇନ୍ଦ୍ରମଣି ବାବୁ । ତାହାକ ମଦନା ଛୋଟା ପୁଅ ଅଦଆଠା—ସେ ପୁଣି ଗୃହବାସ ଛାଡ଼ି ଗଲା ଟାଟାନଗର । ଯାଞ୍ଚଠା ବରଷ ପରିନ—ଗାଁକୁ ବାହୁଡ଼ି ଆସିଲା କାନରେ ନୋଳି ପିନ୍ଧି, ଯୋତା ମଚ ମଚ କରି ।

ହାରି କହିଲା, ଆମର ସେ ଧନ ଦରକାର ନାହିଁ । ଦି'ଟାକୁ ତ ଏତେ ପାଞ୍ଚ । ଅଉରି ଯଦି ନ'ଟା ଛ'ଟ ଥାନ୍ତେ—କଣ ନ ହୁଅନ୍ତ ।

ସନିଆ ଓଠ ଫାଙ୍କରେ ସରୁ ହସ ଖେଳାଇ କହିଲା, ଅଇ ନ ହେଲେ କାଲି ସକାଳେ ତ ତୋ କୋଳରେ ଛୋଟ ଛୋଟ ଛୁଅ ଦୋ ଗୃହେଟି ହେବେ—ସେତେବେଳେ ?

ହାରି ମୁରୁକି ହସା ମାରି ଲାଜରେ ମୁହଁ ବୁଲାଇ କହିଲା, ତମର ଯୋଉ କଥା । ସନିଆ ଦେଖିଲା ହାରିର ଲାଜରା ମୁହଁଟି କେତେ ସୁନ୍ଦର ଦିଶୁଛି । ଅଜଣା ଆବେଗରେ ସେ ତାକୁ କୋଳକୁ ଟାଣି ଆଣିଲା । ତାର କଅଁଳ ଚିକ୍କଣ ଗାଲ ଦୁଇଟିରେ ଚୁମ୍ବନ ଦେଇ ଛାତିରେ ଭିଡ଼ି ଧରିଲା । କ୍ଷଣିକ ପାଇଁ ସବୁ ଆଲୋଚନା ଦୂରେଇ ଗଲା ।

ଶେଷରେ ସନିଆ ନିଜ କଥା ବଜାୟ ରଖି ବଳଦ ଦି'ଟା ବିକିଦେଲା । ଜମିତକ ଗୁହ କରିବାକୁ ଭାଗରେ ଲଗେଇ ଦେଲା । ଧାର ଉଧାର ସବୁ ସୁଝି କିଛି ଟଙ୍କା ହାରିକୁ ଦେଲା । ବାକିତକ

ସେ ସାଙ୍ଗରେ ଧରି ତାହାର ଅରକ୍ଷିତା ମଳିକ ସାଙ୍ଗରେ କଲିକତା ଆସିଲା ।

ଆସିଲାବେଳେ ହାରାକୁ କେତେ ବୁଝାଇ ସୁଝାଇ ଆସିଲା । ଟିକେଇ ଓ ତା ମା'କୁ ହାରାର ସବୁ ଖବର ଅନ୍ତର ବୁଝିବାକୁ ବାର ବାର କହିବୋଲି ଆସିଲା । ଟିକେଇ ମା' ବୁଢ଼ୀ କହିଲା, ସନିଆ ଏତେ କହୁଚୁ କଣ—ତୁ କଣ ମୋର ପର, ନାଁ ହାରା ପରଝିଅ ବୋଲି ସେ କଣ ମୋର ନିଜର ନୁହେଁ । ଯା ବାପ—ତୁ କିଛି ଭାବନା, ମୁଁ ସବୁ ହାନିଲାଭକୁ ତା ପାଖେ ପାଖେ ଅଛି । ଟିକେଇ ମା' କଥା ଶୁଣି ସନିଆ ନିଶ୍ଚିନ୍ତ ହେଲା ।

ଅଚ୍ଛବ ସାହୁର ସୁକୁରିଆ ପୁଅ ଅରକ୍ଷିତା ବାଲିଗଞ୍ଜରେ କୋଉ ଅଂଲୋ ଇଣ୍ଡିଆନ ସାହେବ ଘରେ ଚାକିରି କରେ; ବୋଲହାକ ଶୁଣେ । ଚାଳିଶ ଟଙ୍କା ଦରମା । ପଚିଶ ଟଙ୍କାରେ ନିଜ ଖରଚ ଚଳାଇ ଘରକୁ ମାସକୁ ମାସ ପଠାଏ ପନ୍ଦର ଟଙ୍କା । ତା'ରି ସାଙ୍ଗରେ ସନିଆ କଲିକତା ଆସିଲା । ଅରକ୍ଷିତା ସନିଆକୁ ଚାକିରି କରାଇ ଦେବ ବୋଲି ସାହସ ଦେଲା ।

ସନିଆ କଲିକତା ଆସିଲା ଦିନୁ ହାରାକୁ କୋଉ କାମରେ ମନ ଲାଗେନା; ନିଛାଟିଆ ଲାଗେ । ଯୋଉ ବାଟେ ଦେଇ ସେ ଚାଲି ଯାଇଥିଲା—ସେଇ ଆଡ଼କୁ ଘଡ଼ିଏ ଅନାଇ ରହେ । ନିତ ଦିନ ଠାକୁରଙ୍କୁ ଡାକେ, ଠାକୁରେ ମୋ ସ୍ୱାମୀଙ୍କୁ ବିଦେଶରେ ଟିକେ ସାହା ହୁଅ—ତାଙ୍କର ଆଉ ଆପଣାର ହେଇ କେହି ନାହାନ୍ତି ।

—ନଅ—

ଆଜି ପିଲୁଡାକେ ଦନ ପନ୍ଦରଟା ଗ୍ଲଗଲଣି ।

ମଟର୍‌, ରେଲ, ଟ୍ରାମ ଚଢ ସନିଆ ଅରକ୍ଷିତା ସାଙ୍ଗରେ ଆସି କଲିକତାରେ ପହଞ୍ଚିଛି । ଅରକ୍ଷିତା ତା କାମରେ ହାଜର ଦେଇ ସାରିଲଣି । କିନ୍ତୁ ସନିଆକୁ କେଉଁଠି ଏ ପର୍ଯ୍ୟନ୍ତ ଗ୍ଲକଗ ଖଣ୍ଡିଏ ଜୁଟିନାହିଁ । ଅରକ୍ଷିତା କେତେଆଡ଼େ ଆଖି ପକାଉଛି । ସନିଆ ଗାଁର ଜଣାଶୁଣା କେଇ ଜଣଙ୍କ କତକ ନାଇଡ ଦଉଡ଼ୁଛି ।

ମାସେ ବିତିଗଲା । ତଥାପି ସନିଆକୁ ଗ୍ଲକରିଟିଏ ଜୁଟିଲା ନାହିଁ । ପଇସା କଉଡ଼ି ଯା କିଛି ସାଙ୍ଗରେ ଆଣିଥିଲା—ସବୁ ଅଳ୍ପେ ଅଳ୍ପେ ସରିଯିବାକୁ ବସିଲା । ସନିଆ ମନଦୁଃଖର ସୀମା ରହିଲା ନାହିଁ । ଖାଲି ଭାବିଲା, ବାପା କଥା ନ ମାନି ସେ କଲିକତା ଗ୍ଲଆସି ବଡ ଭୁଲ କରିଛି ।

ସନିଆ ଗ୍ଲଲ ଆସିଲାଦିନୁ ହାଡ଼କୁ ଘରଟା ଖାଲି ଖାଲି ଲାଗେ । କୌଣସି ଧନ୍ଦା କରୁ କରୁ ସନିଆ କଥା ମନେ ପଡ଼ିଲେ ସେ ଘଡ଼ିଏ ଗୁମ୍‌ମାରି ବସେ, ଆଉ ମନକୁ ମନ କଣ ଭାବେ । ସେ ଥିଲେ ଏ ଘର ଖଣ୍ଡିକ ପୂରି ଉଠୁଥାନ୍ତା—ତାଙ୍କର ହସହସ ମୁହଁର ମଧୁର କଥାପଦକ ସବୁ ଦୁଃଖ ଅଭିମାନ ଦୂର କରି ଦଅନ୍ତା ।

ମୁଣ୍ଡବାଳ ଅଲରା କରି ଛୁଣ୍ଡା ମଇଳା ଲୁଗା ଖଣ୍ଡେ ପିନ୍ଧି ଡ଼େଇଁ ଡେଇଁ ଆଠ ବରଷର ଝିଅଟି ଆସି ପଚାରେ, କଣ ଭାବୁଚୁ ନୂଆବୋଉ ? ହାସର ଭାବନା ଯାଏ ମିଳାଇ—ଦେଖେ କଡ଼ରେ ତାରପଦ । ପଦ କୁହେ, ନୂଆବୋଉ ତମେ ଖାଲି ଦିନରାତି କଣ ଏତେ ଭାବୁଛ ? ଆଜି କଣ ଚୂଲି ଲଗେଇବ ନି ?

ହାସ ଦେଖେ, ସତେତ ବେଳ ଗଡ଼ିଗଲାଣି—ସଞ୍ଜ ହବାକୁ ଆଉ ବେଶି ଡେରି ନାହିଁ । ଡାଆଣିଆ ଖରାର ଫିକା ଆଭାଟିକ ଲିଭି ଲିଭି କଳା ପାଲଟୁଛି । ଦୂର ଦିଗବଳୟ ପାହାଡ଼ କାନ୍ଥି ତଳେ ସନ୍ଧ୍ୟାରାଣୀ ତା'ର କଳା ବେଣୀରେ ତାରା ଫୁଲଟାଏ ଖୋସିଦେଲାଣି ।

ହାସ ଧଡ଼ପଡ଼ ହୋଇ ଉଠିଲା । କହିଲା, ପଦଲୋ ବେଳ ଗଲାଣି । ତୁ ଯିବୁଟି, ମେ ଘରୁ ଜାଳ ଟକଟାଏ ଆଣି ଚୂଲି ମୁଣ୍ଡରେ ରଖିବୁ । ମୁଁ ଯାଉଚି ସଞ୍ଜ ବାଳିଦିଏ । ପଦ ଚାଲିଗଲା ।

ହାସ ସଞ୍ଜବେଳେ ଚଉଁରା କଡ଼ରେ ସଞ୍ଜଦେଇ ଘଡ଼ିଏ ମୁଣ୍ଡ ବାଡ଼େଇଲା । ବିଦେଶରେ ଥିବା ତାର ସ୍ୱାମୀଙ୍କ ଶୁଭ ମନାସି ମନର ବେଦନା ଅଜାଡ଼ି ଦେଲା । ତାପରେ ଘରକୁ ଆସି ଚୂଲି ଲଗାଇଲା । ପଦ କହିଲା, ନୂଆବୋଉ ! ପାଣି ତାତିଲାଣି ତମେ ଯା ଚାଉଳ ଧୁଅ । ମୁଁ ବାଇଗଣ ଦି'ଟା ବନେଇ ଦଉଚି । ଆଜିପରି ବଡ଼ି ବାଇଗଣ ଭୁଣା କରିବ ବୋଲି କହୁଥିଲ ? ହାସ ହସି ହସି ଉଠିଯାଏ ଚାଉଳ ଧୋଇବାକୁ—ପଦ ଦରବା କାଟେ ।

ଇମିତି ସବୁବେଳେ ସବୁ କାମରେ ପଦ ଆସି ହାସକୁ ସାହାଯ୍ୟ କରେ; ରାତିରେ ହାସ କଡ଼ରେ ଶୁଏ । ହାସର ବୋଲ ହାକ ଶୁଣେ, କେତେ ପାଇଟି କରିଦିଏ ।

ପଦ୍ମ ପଢ଼ୁଣା ଘର ବିକଳ ମଲିକ ଝିଅ । ବାପା' ମା ତାର ମରି ଯାଇଛନ୍ତି—ଅଛନ୍ତି ଦାଦି ଆଉ ଖୁଡ଼ି । ତାଙ୍କର କତିରେ ପଦ୍ମ ଝିଅଟି ଘର ଚଲେ । ଖୁଡ଼ି ତାକୁ କଉଥିରେ ଅଣାହେଲା କରେନା । ଗଞ୍ଜିବଘର; ଦାଦି ତାର ମୂଲ ଲାଗେ । ମୂଲପଇସା ନେଇ ନିତ ସଞ୍ଜକୁ ଫେରିଆସେ । ଗୁଣ୍ଡଲି, ତେଲ, ଲୁଣ କିଣେ । ଖୁଡ଼ି ବି ତାର ଜାଲି କରି ଯାଏ । ଗାଁରେ କାର ନିମନ୍ତ୍ର ପରବରେ ଘରଲିପି ପଇସା କମାଏ । ଦୁଃଖେ ସୁଖେ ଗରିବ ସଂସାରଟି ଚଳିଯାଏ ।

ହରିଆ ଗଲା ଦିନକପରେ ଗାଧୁଆ ତୁଠରେ ପଦ୍ମ ବୋଉ ଖୁଡ଼ିକୁ ହାସି ଚୁପି ଚୁପି କହିଲା, ନାନୀ ସେତ ବିଦେଶ ଗଲେ—ମୁଁ ଘରେ ଏକଲା । ଭାରି ଡ଼ର ଲାଗୁଛି—ଟିକିଏ ପଦ୍ମିକି ମୋ କତିରେ ଶୋଇବାକୁ ପଠେଇବ । ପଦ୍ମବୋଉ ଖୁଡ଼ି କହିଲା, ମଲା ପଦ୍ମି ମୋ ଝିଅ—ଆଉ କଣ ତୋ ଝିଅ ନୁହ । ମୋ କତିରେ ରୁହନ୍ତା—ନହେଲେ ତୋ କତିରେ ରହିବ । ଏଇ କଥାକୁ ଏତେ ଚୁପ୍ ଚୁପ୍ କଣଲୋ ?

ସେଇ ଦିନରୁ ପଦ୍ମି ନିଇତ ଆସେ । ହାସି ନିଜ ନଣନ୍ଦ ପରି ପଦ୍ମକୁ ସ୍ନେହ କରେ । ପଦ୍ମି ମଧ୍ୟ ନୂଆବୋଉ ନୂଆବୋଉ ବୋଲି ପାଣି ପିଏନା ।

ଇମିତ ହାସିର ଦିନ କେଇଟା ଗଡ଼ି ଗଡ଼ି ଦି' ମାସ ବିତିଗଲା ।

ହରିରେ ଖାଲି ଖଣ୍ଡିଏ ଚିଠି ଆସିଥିଲା । ଲେଖିଥିଲା, ମୁଁ ଭଲରେ ଆସି କଲିକତାରେ ପହଞ୍

ଏଯାଏ କେଉଁଠି ଯୁଟିନାହିଁ । ଯୋଉ ଟଙ୍କା କେଇଟା ନେଇ ଆସିଥିଲି—ସେଇଥିରେ ସୁଖେ ଦୁଃଖେ ଚଳାଚଳ କରୁଥିବ । ଠାକୁରଙ୍କ କୃପାରୁ ମୁଁ ଭଲରେ ଅଛି । ମୋ ପାଇଁ କିଛି ଭାବିବ ନାହିଁ ।

ସେଇ ଚିଠି ଖଣ୍ଡିକ ପାଇଲା ଦିନୁ ହାବୁ ନିଇତ ଠାକୁରଙ୍କୁ ଡାକେ । କମିତ ସେ ଗୃହସ୍ଥଙ୍କର ଦ'ପଇସା ହାତରେ ରଖନ୍ତୁ । ମନଟା ତାର କୋଉଥିରେ ଲାଗେନା । ଯୋଉ କାମ କଲାବେଳେ ଖାଲି ତାଙ୍କର କଥା ମନେପଡ଼େ ।

ପଦାରୁ ବାଡ଼ି ଠୁକ୍ ଠୁକ୍ କରି ଟେକସ ମା'ବୁଢୀ ଆସି ଡ଼ାକେ, ବୋହୂ କଣ କରୁଚୁ । ହାବୁର ଭାବନା ଚହଲି ଚହଲି ମିଳାଇଯାଏ । କହେ, ନାଁ । ମାଉସୀ କଣ କରିବି—ଏଇ ଧାନ ଦ'ଟା ଉଁ ସୋଉଚି । ଗୁଡ଼ଲ ବୋଲି ବେକଟେ ନାହିଁ ଘରେ । ପଦ ବୋଉ ଖୁଡ଼ିର ଢିଙ୍କିଟା ଗୁଡ଼ଲ ଧାର ହେଲଣି ।

ବୁଢୀ ପଚାରେ, ଅଲୋ ବୋହୂ, ସହିଆ ଆଉଭାଷା ପତର କିଛି ଦେଇଥିଲା ? ଟଙ୍କା କଉଡ଼ି କିଛି ପଠେଇଚି ?

ହାବୁ ମୁହଁ ଶୁଖେଇ କୁହେ, ନାଁ ମାଉସୀ, ସେଦିନୁ ଗଲେଣି, ସେଇ ଭାଷା ଖଣ୍ଡିକ ଛଡା ଆଉ ଭାଷାପତର ନାହିଁ ।

ବୁଢୀ କୁହେ, ମଲା, ସେଦିନୁ ଗଲାଣି, ଯୋଏ ଟଙ୍କା ପଇସାର ନାଁ । ନାହିଁ । ଘରେ ପୁଣି ଚଳନ୍ତି କମିତ ? ଆଉ କଣ କଲିକତାରେ ଖାଲି ବସି ଖାଇବାକୁ ଯାଇଚି ।

ହାସ ହସି ହସି କୁହେ, ମାଉସୀ ସେ ଟଙ୍କା ନ ପଠେଇଲେ ମୋର ଦୁଃଖ ନାହିଁ । ସେ କଷ୍ଟ କରି ହନ୍ତସନ୍ତ ହେଲେ ମୋର ଦୁଃଖ । ଟଙ୍କା କମେଇ ସେ ଯେଉଁଠି ସୁଖରେ ରହନ୍ତୁ । ମୁଁ କଣ ଏ ପେଟଟା ପୋଷି ପାରିବି ନାହିଁ ? କଣ୍ଟିଆ ଘରେ ଖଟି ଖଟି ମାଇପେ ପୁଣି ଚଳୁଛନ୍ତି କିମିତି ? ସେ ସୁଖରେ ରହିବା ଶୁଣିଲେ ସେଇ ମୋର ସୁଖ ।

ବୁଢ଼ୀ କୁହେ, ହଉଲେ ମା କେତେଦିନ ଏଇ ମନ ଠାଣି କରି ରହିବୁ—ମୁଁ ପୁଣି ଦେଖିବି । ବାଡ଼ି ଭରଦେଇ ବୁଢ଼ୀ ଉଠେ ।

ହାସ କୁହେ, ମାଉସୀ ବସୁନା । ଏଇ ଆସିଲ କି ନାହିଁ—ପୁଣି ଉଠିଲଣି ।

ବୁଢ଼ୀ ତା ପାକୁଆ ଓଠରେ ହସ ଟିକେ ମାରି କୁହେ, ନାଁ ମା ଯାଉଛି—ତେଣେ ଘରକାମ ପଡ଼ିଛି । ଚକରା ସକାଳୁ କଣ ଖାଇ କୁଆଡ଼େ ଯାଇଛି; ଆସିବଣି କି କଣ । ସେ ଯୋଉ ଉଦ୍ଦଣ୍ଡି ଲୋ ମା, ଟିକିଏ ଡେରି ହେଲେ ହାଣ୍ଡି କୁଣ୍ଡେଇ ଭାଙ୍ଗି ଏକାକାର କରିବ । ଯାଉଛି—ପୁଣି ବେଳ ହେଲେ କାଲି ଆସିବି ।

ହାସ କୁହେ, ଆସିବ ମାଉସୀ । ବୁଢ଼ୀ ମୁଣ୍ଡ ଟୁଙ୍ଗାର ବାଡ଼ି ଠୁକ୍ ଠୁକ୍ କରି ଚାଲିଯାଏ ।

ଚକରା ମା'କୁ ବୟସ ହେଲାଣି ଅସି ଉପର ଦୋଢ଼ ପାଞ୍ଚ । ତଥାପି ବୁଢ଼ୀ କୋଉ କାମକୁ ହଟେନା । ବୁଢ଼ୀର ଗୋଟିଏ

ବୋଲି ପୁଅ ଚକରୀ; ଗାଁ ନନ୍ଦ ଜେନା ଘରେ ଗୃହକର୍ମ କରେ । ଗାଈ ଗୋରୁ ଖବର ବୁଝେ—ଘାସ ଆଣେ—ବଗିଚ୍ଚ ଜଗେ—ଘରଧନ୍ଦା କରେ । ମାସକୁ ପାଞ୍ଚ ଟଙ୍କା ଆଉ ଖାଇବାକୁ ଘରକୁ ଧାନ ପନିପରିବା ଆଣେ । ସେଇଥିରେ ମା' ପୁଅ ଚଳି ଯାଆନ୍ତି । ବୁଢ଼ୀର ଆଉ କେହି ନାହାନ୍ତି—ସମସ୍ତେ ଯାଇଚନ୍ତି ମରି ହଜି ।

ବୁଢ଼ୀ ଅଛୁବ ସାହି ଭିତରେ ଗୋଟିଏ । ସମସ୍ତଙ୍କ ଭଲ ମନ୍ଦରେ ବୁଢ଼ୀ ଉପରେ ପଞ୍ଚ କଥା କହେ । କିଏ ତାକୁ ଡୁଗ ବୋଲି କହିଲେ ତା ନାଁରେ ବୁଢ଼ୀ ମିଛ ସତ ଚୁଗୁଲି କରି ଗାଁ ଖଣ୍ଡକରେ ହାଟ କରେ । ସେଇଥିପାଇଁ ଗାଁ ମାଇପେ ସମସ୍ତେ ତାକୁ ଡରନ୍ତି । ତାକୁ ଦେଖିଲେ ବାଟ ଭାଙ୍ଗି ଅନ୍ୟ ବାଟରେ ଚାଲି ଯାଆନ୍ତି ।

ଅତନଇ ଅନେଇ ଡନ୍ନ ନ ମାସ କଟିଗଲା । ସନିଆ କତରୁ କିଛି ଚଠି କି ଟଙ୍କା ପଇସା ଅସିଲା ନାହିଁ । ହାରି ହାତରେ ସେଉଁ କେତେଟା ଟଙ୍କା ଥିଲା—ଧୀରେ ଧୀରେ ସେ ସବୁ ତେଲ, ଲୁଣ, ପନିପରିବାରେ ସରି ଅସିଲା । ହାରି ପଦର ଦାଢ ହାତରେ ସବୁ କଥା ଲେଖି କଲିକତାକୁ ଭିଷା ଦେଲା ।

ସନିଆ କତରୁ ଉତ୍ତର ଅସିଲା, ସେ ଏପାଏ ଗୃହକର୍ମ ଖୋଜି ପାଇ ନାହିଁ, ବଡ଼ ଦୁଃଖରେ ଅଛି । ଚିଷା ପାଇ ହାରି ଆଖିରୁ ଅଜାଣତରେ ଦ'ଟୋପା ଲୁହ ଗଡ଼ିପଡ଼ିଲା । ଭାବିଲା କାହିଁକି ସେ ନିଜ ଗାଁ ମାଟି ଘର ଦୁଆର ଛାଡ଼ି ବିଦେଶ ଗଲେ—ଏଇଠି କଣ ପେଟ ଗୃଖଣ୍ଡକ ପୁରୁ ନ ଥାନ୍ତା । ବିଦେଶରେ କୋଉଠି ଯିବା ଦୁଆର ତା ଦୁଆର ହେଉଥିବେ,

ନ ଖାଇ ନ ପିଇ କୋଉ ଦିନ ଉପାସରେ ରହୁଥିବେ । କିଏ ଥିବ ଦେଖିବାକୁ ନା ବୁଝିବାକୁ । ବାପା, ସାଆନ୍ତ କେହି ବଦେଶି ମାଡ଼ି ନ ଥିଲେ—ସେ କଣ ଘର ଦୁଆର କର ନ ଥିଲେ, ଧନ କମେଇ ନ ଥିଲେ ।

ଇମିତ ଭାବି ଭାବି ହାବ୍‌ର ଦିନ କଟିଲା । ସେ ଦିନ ଜମିଦାର ଘର କଣ ଗୋଟା ପରବ ଦାଖେଇ ଆସୁଥାଏ । ଜମିଦାର ସାଆଁତାଣୀ ଖବର ପଠେଇଲେ ହାବ୍ କତକା ଘର ଲିପି ଯିବାକୁ ।

ପାଖରେ ଗୋଟିଏ ବୋଲି ପଇସା ନ ଥାଏ । ହାବ୍ ଭାବିଲା, ସାଆଁତାଣୀଙ୍କ ଘର ଲିପାରୁ ମଜୁରି କିଛି ମିଳିଯିବ, ସେଇଥିରେ ଏଇଲାଗେ ଦିନ କେଇଟା ଚଳିଯିବ । ଖବର ପାଇଲାଣି ହାବ୍ ଡେରି ନ କରି ସକାଳୁ ଯାଇ ଜମିଦାର ଘରେ ହାଜର ହେଲା । ହେତେବେଳେକୁ ଗଛ ଲତା ସନ୍ଧିରୁ ସକାଳର କଅଁଳ ଆଲୁଅ ଝରି ପଡୁଛି । ପକ୍ଷୀଗୁଡ଼ା ସରଗ ବାଇକରେ ଦଳ ଦଳ ହୋଇ ମେଳା ବାନ୍ଧୁଛନ୍ତି ।

ହାବ୍‌କୁ ଦେଖି ସାଆଁତାଣୀ କହିଲେ, ସଜାଆବୋହୂ ! ଆଜି ଯା, ସେ ପାଖ ଖଞ୍ଜାଟା ଲିପିଦେ । ଏତିକି ବେଳେ ସାଆନ୍ତାଣୀଙ୍କ ବଡ଼ପୁଅ ରବିବାବୁ ଆସି ପହଞ୍ଚିଲେ । ହାବ୍ ମୁନ୍ଦରେ ଓଢଣା ଟାଣି ସେ ପାଖ ଖଞ୍ଜାଆଡ଼େ ଚାଲିଗଲା ।

ରବି ସ୍ତ୍ରୀଲୋକଟିକୁ ଦେଖି ପଚାରିଲା, ବୋଉ, ଏ କିଏ ? ବୋଉ ଉତ୍ତର ଦେଲେ, ଏ ପରା ଆମ ସଜାଆ କଣ୍ଡରାର ବୋହୂ ।

ବୋଉ କଥା ଶୁଣି ରବିକୁ ଆଶ୍ଚର୍ଯ୍ୟ ଲାଗିଲା । କଣ୍ଢେଇ ପରେ ଝୁଣି ଏମିତ ସୁନ୍ଦରୀ ହୋଇ ଅଛନ୍ତି । କି ସୁନ୍ଦର ଚଳ ଚଳ ତାର ଫୁଲଟି ପରି ମୁହଁଟି । ରବିର ଆଖି ଆଗରେ ବାରବାର ସେଇ ଛବିଟି ନାଚି ଉଠିଲା । ତାର କରୁଣ ମନରେ କ୍ଷଣିକ ପାଇଁ ଲାଗିଲା ନାଇଁ— ହୃଦୟଟା ଚଞ୍ଚଳ ହୋଇ ଉଠିଲା ।

ଓଳିଆ ଆସି ଝାଣ୍ଡା ଗାଧୁଆ ବେଳ ହେଲାଣି । ହାସ ଘର ଲିପି ଗୁଳେଇ । ପଛରୁ କିଏ କହିଲା, ଆଜି ସେତିକି ଥାଉ— କାଲି ଲିପିଲେ କଣ ହେବନି ? ହାସ ଗୁଣ୍ଡି ଦେଖେ ସାଆନ୍ତାଣୀଙ୍କ ପୁଅ ରବିବାବୁ ଏକ ନୟନରେ ତାର ଆଡକୁ ଚାହିଁଚନ୍ତି । ହାସକୁ ଅଡୁଆ ଲାଗିଲା । ଘର ଲିପୁ ଲିପୁ ହାତଟା ତାର ଗଲା ଅଟକି । ଲାଜରେ ଓଢଣା ଟାଣି ଜଡ଼ସଡ଼ା ହେଲା । ରବିବାବୁ ହସି ହସି କତିକି ଆସି କହିଲେ, ସଜିଆ ଭାଇବୋହୂ ତମେ—ମୋର ହେବ ନୂଆ ବୋଉ । ଏତେ ଲାଜ କରୁଚ କଅଣ ମ ?

ହାସର ମୁହଁ ଖୋଲି ପଦେ କହିବାକୁ ତୁଣ୍ଡ ଲେଉଟିଲା ନାହିଁ । ଦେଖିଲା ବେଳ ବହୁତ ହେଲାଣି । ବାଟ ଛାଡ଼ି ଘର ମୁହାଁ ଧରିଲା । ଖୋଜେ ବାଟ ଆସି ପଛକୁ ଅନାଇଲା, ରବିବାବୁ ସେମିତ ତାର ଆଡକୁ ଚାହିଁ ରହିଚନ୍ତି ।

ତା ଆରଦିନ ହାସ ପୁଣି ଘର ଲିପିବାକୁ ଆସିଲା । ଆଜି ଟିକେ ଚଞ୍ଚଳ ହାତ କଲେ ଏ ଗଞ୍ଜାଟା ସରିଯିବ—ମନକୁ ମନ ଭାବି ହାସ କାମରେ ଲାଗିଲା । କିନ୍ତୁ କୁଆଡ଼େ ଥିଲେ ଘଡ଼ିକ ପରେ ପୁଣି ରବିବାବୁ ଆସି ପହଞ୍ଚିଲେ । ହାସ ସାଙ୍ଗରେ ହସି ହସି କେତେ ରକମ କଥା କହି ଗେଲ ଖେଳିବାକୁ ଲାଗିଲେ ।

ହାସକୁ ଭାରି ଅଡ଼ୁଆ ଅଡ଼ୁଆ ଲାଗିଲା । ଭାବିଲା, ମୁହଁ ଖୋଲି ସବୁ କହିଦେବ । ପରନ୍ତୁ ଅ ବୋହୂ ସାଙ୍ଗରେ ଗେଲ ଖେଳିବାକୁ ତମକୁ କିଣ ଭଲ ନ ଲାଗେ ରବିବାବୁ । କିନ୍ତୁ ବଡଲୋକଙ୍କୁ ଉତ୍ତର ନାହିଁ କି—ସବଗକୁ ନାଗୁରୀ ନାହିଁ । ହାସର ତୁଣ୍ଡ ଫିଟିଲା ନାହିଁ । ସେ ସେଇଠି ଲାଜରେ ଜୁଡ଼ୁ ବୁଡ଼ୁ ହୋଇ ଛିଡାହେଲା । ରବିବାବୁ ଟିକିଏ ପରେ ଚାଲି ଆସିଲେ । ହାସ ପିଣ୍ଡରେ ପ୍ରାଣ ପଶିଲା ।

ତା ପର ଦିନ ହାସ ଏ ଖଞ୍ଜାଠା ଲିପିସାରି ବାଡ଼ି ସେପଟ ଘୁଷୁରୀ ଖଞ୍ଜାଠା ଲିପୁଥାଏ—ଲିପୁ ଲିପୁ ସଦାକୁ ଟିକିଏ ଅନାଉ-ଥାଏ । ମନେ ମନେ ଭାବିଲା, ଆଜି ଯଦି ରବିବାବୁ ଆସି ଗେଲ ଖେଳନ୍ତି—ତେବେ ସାଆଁତାଣୀଙ୍କି ଜଣାଇ ଦେବ । ଗରିବ ହେଲୁ ବୋଲି ଆମର କଣ ମାନ ଇଜ୍ଜତ ଟିକିଏ ନାହିଁ । ମନ କଥା ମନରେ ଅଛି, ଘଡିକ ପରେ ରବିବାବୁ ଆସି ପହଞ୍ଚିଲେ ।

ହସି ହସି ପଚାରିଲେ, ନୂଆବୋଉ ଏଇ ଛିଡ଼ା ଲୁଗାଟା ପିନ୍ଧିଚ—ତମର କଣ ଆଉ ଲୁଗାପଟା କିଛି ନାହିଁ । ହାସ କିଛି ଉତ୍ତର ଦେଲା ନାହିଁ । ରବିବାବୁ ହସି ହସି କହିଲେ, ନୂଆ-ବୋଉ ମୋତେ ଯଦି କଥା ନ କହିବ, ତେବେ ସକାଅ ଭାଇଙ୍କ ଘରେ ଚକାଇବି । ହାସ ଲାଜ ସରମ ଛାଡ଼ି ଏଥର ମୁହଁଖୋଲି କହିଲା, ରବିବାବୁ ଆମେ ଦୁଃଖିଲୋକ—ପଟା ଛିଡ଼ା ଲୁଗା ଆମକୁ ନୂଆ ପରି । ତମ ବଡ଼ଲୋକ ଆଖିକି ଦିନ ଲାଗେଠା । ଯେମିତି ସୁନ୍ଦର—ଗରିବଙ୍କ ଆଖିକି ଛିଡ଼ା ଲୁଗାଠା ବି ସେମିତି ସୁନ୍ଦର ।

ରବିବାବୁ ସରାଗମିଶା ହସି ହସି କହିଲେ, ତୁମେ ଯା କୁହ ନା, ଆବୋଉ, ଭଲ ନ ଥାଉ ଲୁଗା ପିନ୍ଧିଲେ ତମର ଏଇ ସୁନ୍ଦର ରୂପକୁ ଭାରି ଭଲ ମାନୁଛି । ତୁମକୁ ଯୋଉଦିନ ମୁଁ ସେ ଘରେ ଦେଖିଲି, ସେଇଦିନଠୁଁ ତମର ରୂପକୁ ମୁଁ ଭୁଲି ପାରୁନାହିଁ ।

ଏଇ ବେଦିକ କଥା ଶୁଣି ହାସିର ସର୍ବାଙ୍ଗ ଜଳି ଉଠିଲା । କହିଲା, ରବିବାବୁ ତମେ ଏଠୁଁ ଯାଅ—ମୋତେ ମୋ କାମ କରିବାକୁ ଦିଅ । ନ ଯିବ ଯଦି ମୁଁ ସାଆଁତାଣୀଙ୍କି ଡାକିବି । ଗରିବ ହେଲୁ ବୋଲି କଣ ଆମର ମାନ ଇଜ୍ଜତ ଟିକିଏ ନାହିଁ ? ହାସି କଥା ଶୁଣି ରବିର ମୁହଁଟା କାଳି ପଡ଼ିଗଲା । ଚୁପ୍ କରି ସେ ଅନ୍ୟଆଡ଼େ ଚାଲିଗଲା ।

ରବିବାବୁ ଚାଲି ଗଲାରୁ ହାସି ମନେ ମନେ ଭାବିଲା, କାଲିଠାରୁ ଆଉ ଏ ଯାଗା ମାଡ଼ିବି ନାହିଁ । ନ ଖାଇ ନ ପିଇ ମରିବି ପଛେ ପେଟ ପାଇଁ ନିଜ ମୁହଁରେ କାଳି ବୋଳିବି ନାହିଁ । ଗୋଲଖ ସାଆଁନ୍ତେ କେବେଠୁ ମଲେଣି—କିନ୍ତୁ ସମସ୍ତେ ତାଙ୍କୁ ସ୍ମରି ହେଉଚନ୍ତି—ଗୁଣ ବାହୁନୁଚନ୍ତି । ଏକା ଗଛର ଗୁଣ— ତାଙ୍କର ପୁଅ ଏଇ ରବିବାବୁ' ପୁଣି ଇମିତି । ଛିଃ ଛିଃ, କୁଳରେ କଳଙ୍କ ବୋଳୁଚି ।

ଭାବନା ବଦଳିଲା । କାହିଁକି ବା ମୁଁ ଏଠିକି ଆସିଥାନ୍ତି । ମୋ ପେଟ କଣ ପୂରୁ ନ ଥିଲା । ସେ ବିଦେଶକୁ ଧନ କମେଇବାକୁ ଚଳେନି ଯେ, ମୋତେ ଇମିତି ହନ୍ତସନ୍ତ କରି ମାରିବାକୁ ଗଲେ । ହାସି ଆଖିରୁ ଥପ୍ ଥପ୍ ହୋଇ ଦି'ଟୋପା ଲୁହ ଗଡ଼ିପଡ଼ିଲା ।

## —ଦଶ—

ବୁଲି ବୁଲି ସନିଆ ତିନି ମାସପରେ କଲିକତା କର୍ପରେଶନରେ ଚାକିରି ଖଣ୍ଡେ ପାଇଲା । ସଞ୍ଜବେଳେ ଗ୍ୟାସବତି ଲଗାଇବ—ତିନି ଚାରି ଘଣ୍ଟାର କାମ ମାସକୁ ତିରିଶ ଟଙ୍କା । ସଞ୍ଜ ପହରକୁ ଛାଡ଼ିଦେଲେ ଦିନମାନ ଆଉ କିଛି କାମ ନାହିଁ । ସନିଆକୁ ଦିନମାନ ଖାଲି ବସି ରହିବାକୁ ଭାରି ବାଢ଼ ମାଡ଼ିଲା ।

ପୁଣି ସେ ଆଉ ଖଣ୍ଡିଏ କାମରେ ମୁକରର ହେଲା । ଗୋଟିଏ ପଞ୍ଜାବ ଅଫିସରେ । ପିଅନ କାମ—ମାସକୁ ଚାଳିଶ ଟଙ୍କା । ଦଶଟାରୁ ଚାରିଟା ପର୍ଯ୍ୟନ୍ତ ଡ଼ିଉଟି ସାରି ସନିଆ ପୁଣି ଆସି ସଞ୍ଜକୁ ଗ୍ୟାସବତୀ ଲଗାଏ । ରାତି ସାଢେ ସାତ ଅଠ ବେଳକୁ କାମ ସାରି ବସାକୁ ଫେରିଯାଏ ।

ବଜାର ସଉଦାକରି ସନିଆ ହାତରେ ରୋଷାଇ କରେ । ରୋଷେଇ କରି ଖାଇ ଖାଇ ରାତି ଏଗାର ବାର ବାଜେ । ରୋଷେଇ କଲାବେଳେ ସନିଆର ହାରି କଥା ମନେପଡେ । କାଲିପରି ଲାଗୁଚି—ଦେଖୁ ଦେଖୁ ତିନିଟା ମାସ ଚଢ଼ିଗଲଣି । ମାଇପିଲୋକ—ଠଇଥା କଡ଼ିଡ଼ି ଅନ୍ଧାରରେ କଣ କରୁଥିବ—କିମିତି ଚଳୁଥିବ, ଠାକୁରେ ଜାଣନ୍ତି । ମନଟା ତାର ଗୋଳେଇ ଘାଣ୍ଟି ହୁଏ ।

ସନିଆ ଦିନ ଗଣି ଦେଖେ ଏ ମାସ ପୂରୁ ପୂରୁ ଆହୁରି ପନ୍ଦର ଦିନ ବାକି । ଦିରମା ଗଣ୍ଡାକ ପାଉ ପାଉ ଆଉ ମାସ ସାତ ଛାଟିଏ ।

ନିତି ସେ ଦିନ ଗଣେ । ହାସ୍ତ ଚିନ୍ତାରେ ଦିନେ ଦିନେ ତାକୁ ଭାତ ରୁଚେନାଁ । ଭାତଥାଳି କଡ଼ରେ ଖାଇବସିଲାବେଳେ ହାସ୍ତର ଛଳ ଛଳ ଆଖି ଦୁଇଟି—ଛପିଲା ସଜଗୋଲାପ ପରି ମୁହଁଟି ଭାବନା ଦରପଣରେ ନାଚି ଉଠେ । ଅରକ୍ଷିତା କହେ; କିରେ ସନିଆ ଖାଉନୁ—ଭାବୁଛୁ କଣ ? ସନିଆ ଦରଦମିଶା ଗଳାରେ କୁହେ, ଅରକ୍ଷିତା ଭାଇ ଆଜି କାହିଁକି ଘରଦ୍ୱାରକଥା ମନେପଡୁଛି—ଖାଇବାକୁ ଇଚ୍ଛା ହେଉନି । ଅରକ୍ଷିତା ହସେ । କୁହେ, ସନିଆ ପିଲା କାହିଁମୁକୁ ଝୁରି ହେଲେ ବିଦେଶ ସହିବନିରେ—ଭାବି ଭାବି ବେମାରରେ ପଡ଼ିଯିବୁ । ସେ ସବୁ ମନରୁ ପୋଛିଦେ । ତେବେ ଯାଇ ବିଦେଶ କରିବୁ—ପଇସା କମେଇବୁ । ଅରକ୍ଷିତାର କଥା ପଦକ ସନିଆର ବାଉଳା ମନକୁ କାବୁ କରେ ।

ଗ୍ଲେଟିଆ ପୁରୁଣା କୋଠାଟିଏ । ଗୁରୁଅଡ଼େ ଖଣ୍ଡିଆ ଖାପରା । ବର୍ଷାଦିନେ ଛାତରୁ ପାଣି ଝରେ ! ତାରି ଭିତରେ ଗୋଟିଏ ଅଣଓସାରିଆ ବଖରାରେ ! ଅରକ୍ଷିତା ଓ ସନିଆର ଚଟେଇପରି ବସା । ସେଇଥିରେ ସେଖେଇ, ଶୁଆ ଉଠା ବସା । କୋଠା ଆଗରେ ଗୋଟାଏ ଗ୍ୟାସବତି ଖୁମ୍ବ । ମିଞ୍ଜି ମିଞ୍ଜି ଆଲୁଅ ଆଉ ଛୁଇର ସମାବେଶ । ଅନ୍ଧାର ରାତିରେ ଦାଢ଼ ମାଢ଼ ପଡ଼େ—ଭୟ ଲାଗେ ।

ଟିକିଏ ଦୂରରେ ଛିଅରତା ମୁନିବର ଘର । ଘରର ବାହାରେ ଭିତରେ ବିଜୁଳିବତୀର ସମାବେଶ । ସୁନ୍ଦର ତିନିତାଲା କୋଠା—ଭୋଗବିଳାସର ସାଆଁଡିଆ ରୁଚି ଗୁଳିରେ ମୁଣ୍ଡ ଟେକିଛି ଉପରକୁ । ସନିଆ ସେଇ ଆଡ଼କୁ ଚାହିଁ ଚାହିଁ ଭାବେ, ସେମାନେ କେଡ଼େ ସୁଖରେ ଅଛନ୍ତି । ଜୀବନର ସ୍ୱର୍ଗସୁଖଟିକି ସେଇମାନେ ଯେପରି ଦୁନିଆରେ ଭୋଗ କରୁଚନ୍ତି । ଚିନ୍ତା ନାହିଁ—ଦିକ ନାହିଁ । ଅଭାବ ଅସୁବିଧାର କରୁଣ ଚିତ୍କାର ସମାନଙ୍କର ମେରୁଦଣ୍ଡ ଭାଙ୍ଗି ଦେଉନାହିଁ । ମଉଜ ମଜ୍‌ଲିସରେ ଧନ କାଟିବାକୁ ଅଛି ଗଣି ଗଣି ଟଙ୍କା ।

ଆଉ ଆମେ—ଆମେ ଯେପରି ଏଇ ନର୍ଦ୍ଦମାର କୀଟ—ନାଁ ନାଁ, ତାଠୁ ଅଧିକ ହୀନ, ପେଟପୁରା ଗଣ୍ଡାଏ ଖାଇବାକୁ, ମନପୁରାଇ ଖଣ୍ଡେ ପିନ୍ଧିବାକୁ ପାଉନୁ ନାହିଁ; ଅଳିଅଗଦା ପରି ପଡ଼ି ରହିଛୁ ଏକ କବଳିଆ ହୋଇ ଯେପରି ସମାଜରେ ଦେଶରେ ବଞ୍ଚି ରହିବାର ଗୌରବ ଆମର ନାହିଁ ।

ତଥାପି--

ଅନ୍ତର ଭିତରୁ କିଏ ଯେପରି କହିଉଠେ—ତଥାପିରେ ଭାଇ ଆମର ଦେହ ମିହନତରେ ଗଢାହୁଏ ବଡ଼ଲୋକର ଗୃହ, ଅଟ୍ଟାଳିକା । ଆମର ରକ୍ତ ଶୋଷି ବଢ଼ିଉଠେ ପୁଞ୍ଜିପତିର ଗଣି ଗଣି ଧନ । ଆମର ମୃତ୍ୟୁରେ ସେମାନଙ୍କର ଗୌରବ ମୁଣ୍ଡ ଟେକେ ଉପରକୁ । ହଜାର ହଜାର କୁଲିମଜୁରିଆ ବଡ ଆଶାନେଇ ଆସିଥାନ୍ତି ଏଇ ବଡ଼ ସହରକୁ । କଳକାରଖାନା, ରାସ୍ତାଘାଟ ସବୁଆଡ଼େ ସେଇମାନେ ବିଛୁଡି ପଡ଼ନ୍ତି; କିନ୍ତୁ ମରଣର ଆଶୀର୍ବାଦ ନେଇ

କିଏ କେଉଁଠି ତଳପଡ଼ନ୍ତି ତାର କିଏ ହିସାବ ରଖେ ? ନାଁ ଏଇ ବଡ଼ ସହର ତାଙ୍କର ମୃତ୍ୟୁରେ ଟିକିଏ ଅଶ୍ରୁ ନିଗାଡ଼ି ଦିଏ ? ଓଲଟି ତାଙ୍କର ମରଣକୁ ଉପହାସ କରି ଧନୀକର ମଟର ଛୁଟିଯାଏ—ହର୍ଣ୍ଣ ପେଁ ପେଁ ବାଜେ, ଯେପରି ଦରିଦ୍ରର ଦାରିଦ୍ର୍ୟତାକୁ ଉପହାସ କରେ ।

ସନିଆର ଭାବନା ଇମିତି ନାନା ରୂପ ଧରେ । ଦିନଗୁଡ଼ା ମଉଳା ଫୁଲରଙ୍ଗର ପାଖୁଡ଼ା ପରି ଝଡ଼ି ପଡ଼େ—ତାର ଭିତରେ ସନିଆର ବିଦେଶୀ ଜୀବନ ଆଗକୁ ଗଡ଼ିଚଲେ ।

ସନିଆ କରପରେସନରେ କାମ କଲାଦିନୁ ତାର କେତେ ଲୋକ ଜଣାଶୁଣା ହୋଇଗଲେଣି । ସମସ୍ତଙ୍କୁ ସେ ଭାଇ ବୋଲି ଡାକି ଆପଣାର କରିନିଏ । ସମସ୍ତଙ୍କୁ କୁହେ, ଭାଇ ମୁଁ ଭାରି ଗରିବ—ମୋର କେହି ନାହିଁ—ମୋତେ ଯେପରି ତମେମାନେ କରୁଣାରୁ ବଞ୍ଚିତ ନକର । ସମସ୍ତେ ସନିଆର କଅଁଳ ମଧୁର ବଚନରେ ଭୁଲିଯାନ୍ତି, ସନିଆକୁ ଭଲ ପାଆନ୍ତି ।

ଯୋଗି ଜେନା—ଜାତିରେ ବାଉରି । ଲମ୍ବା ପାଞ୍ଚ ହାତର ମଣିଷଟାଏ । ପନ୍ଦର ବରଷ ହେଲା ସେ କଲିକତାରେ ହାନିଲାଭ ଭଲ ମନ୍ଦ ସବୁ ଚାକିରି କରିଛି । ଯୋଗି ଜେନା ସନିଆକୁ ଖୁବ ଭଲ ପାଏ । ନିତି ସଂଗରେ କାମ କଲାବେଳେ ଦୁହିଁଙ୍କର ଭେଟ ହୁଏ । ଦୁହେଁ ଘଡ଼ିଏ ଦୁଃଖସୁଖ ହୁଅନ୍ତି । ତା' ପରେ ଚାଲି ଯାଆନ୍ତି ଯେ ଯୁଆଡ଼େ—

ସେଦିନ କଥା ପଡ଼ୁ ପଡ଼ୁ ସନିଆ ପଚାରିଲା, ଆଚ୍ଛା ଯୋଗିଭାଇ, ଏତେଦିନ ହେଲା ଆମେ ସାଙ୍ଗହେଲେଣି—କିନ୍ତୁ ତମ ଘର ଠିକଣା ତ କେଉଁଠି କହିନାହିଁ । ଯୋଗି ଯେନା ହସି ହସି କହିଲା, ଆମଘର କଟକ ଜିଲ୍ଲାର ନିମାପଡ଼ା । ନିମାପଡ଼ା ନାଁ ଶୁଣି ସନିଆର ମନଟା ଧାଇଁଲା ଅତୀତକୁ, ଭାସି ଉଠିଲା ଆଖି ଆଗରେ ତୀତର ଅନ୍ଧାର ଭିତରୁ ଗୋଟିଏ ମନଭୁଲାଣିଆ ଛବି । କି ସୁନ୍ଦର ତାର ରୂପ—ଜୋଛନାପରି ସ୍ନିଗ୍ଧ, ମଧୁର ଆଉ ମୃଦୁ—ସେଇ ତା'ର ମାନସୀ ଫୁଲ । ଫୁଲର ଖବର ଅନେକଦିନୁ ସେ ରଖିନାହିଁ । ମା' ମଲା ପରେ ଗଲା ମାମୁଘରକୁ । ତା ପରେ କଣ ହେଲା; କୁଆଡ଼େ ଗଲା କିଛି ଜାଣିନାହିଁ । ଆଜି କାହିଁକି ଜାଣିବାକୁ ତାର ଆଗ୍ରହ ହେଲା । କହିଲା, ଯୋଗିଭାଇ ଗୋଟାଏ କଥା ପଚାରିବି, କହିବ ?

କଣ କହୁନୁ ।

ଆମ ଗାଁ କଡ଼କୁ କୋଶେ ବାଟ—କୁସୁପୁର । ସେଇଟି ଫୁଲି ବୋଲି ଥିଲା ଗୋଟିଏ ଝିଅ । ପିଲାବେଳୁ ବାପକୁ ଖାଇଥିଲା—ଥିଲା ତାର ମାଆଟି, ଆଉ ଗୋଟିଏ ସ୍ନେହଭାଇ । ଭାରି ଗରିବ, ମା ତାର ମୂଲ ଲାଗି ତାକୁ ପୋଷି ପାଳି ମଣିଷ କଲା । କିନ୍ତୁ ଦିନେ ଅସମୟରେ ବି ଯମର ତା' ମା ଉପରେ ଆଖି ପଡ଼ିଲା । ମା ମଲା ପରେ ଶୁଣିଲି, ନିମାପଡ଼ାରୁ ତା ମାମୁ ଆସି ନେଇଯାଇଛି । ଭାଇ ଭଉଣୀ ଦିହେଁ ମାମୁର ଆଶ୍ରା ନେଇ ସେଠି ସବୁଦିନେ ରହିବେ, ଆଉ କୁସୁପୁର ମାଡ଼ିବେ ନାହିଁ । ମାମୁଘରକୁ ଗଲାପରେ ଫୁଲର କଣ ହେଲା କିଛି ଖବର ରଖିନି—ତମେ କିଛି ତା' କଥା ଜାଣ ?

ସନିଆ କଥା ଶୁଣି ଯୋଗି ଜେନା ମୁରୁକ ମୁରୁକ ହସିଲା; କହିଲା; ଜାଣେରେ ସନିଆ ସବୁ ଜାଣେ । ଆମ ଗାଁର ଟିକିନିଖି ଖବର ପରା ମୋ ମନରେ ଥୁଆ । ଯେଉଁ ବରଷ ଫୁଲକୁ ତା ମାମୁଁ ଜମାପଡ଼ା ନେଇ ଆସିଲା—ସେଇ ବରଷ ଆମ ଗାଁ । ପାଖ ଗାଁରେ ହେଲା ତାର ବାହାଘର । ଫୁଲ ଯାଁକୁ ବାହାହେଲା ସେଇ ଗୁରୁବାର ମଲିକ ତିନି ଭାଇ; ପଦିଆ ନିଧିଆ ଆଉ ଗୁରୁବାରୀ । ଗୁରୁବାରୀ ସବାସାନ ବାହାହେଲା ଦି'ମାସ ଅନ୍ତେ ଗୁରୁବାରୀ ଆସିଲା କଲିକତା । ଖେଦିରପୁର ଡକ୍‌ରେ କୁଲି କାମ କଲା । ଦି'ତିନି ମାସ ରୋଜଗାର କରି ଘରକୁ ଟଙ୍କା ପଠାଇଲା । ତା ପରେ ଖେଦିରପୁର ଛାଡ଼ି କୁଆଡ଼େ ପଳାଇଗଲା, କିଛି ପତ୍ତା ମିଳିଲା ନାହିଁ । କିଏ କିଏ କହିଲେ ସେ ଗୋଟାଏ ବଙ୍ଗାଳୁଣି ମାଇକିନା ସାଙ୍ଗରେ ପଡ଼ି କୁଆଡ଼େ ପଳାଇଛି ।

ଏ ଖବର ପହଞ୍ଚିଲାକ୍ଷଣି ଫୁଲ ମୁଣ୍ଡରେ ବଜ୍ର ପଡ଼ିଲା । ନ ଖାଇ ନପିଇ ଗୁରୁବାରୀଅକୁ ଝୁରି ଝୁରି ଦିନୁ ଦିନ କ୍ଷୀଣ ହୋଇ ଗଲା । ଗୁରୁବାରୀଆ ଗଲାପରେ ବଡ଼ ଯାଁମାନେ ଫୁଲକୁ ଆଉ ଭଲ ପାଇଲେ ନାହିଁ, ଦି' ବେଳା ଗଣ୍ଡାଏ ପେଟପୁରା ଖାଇବାକୁ ଦେଲେନାହିଁ । ଫୁଲ ପ୍ରାଣ ବିକଳରେ ଦିନେ ରାତି ଅଧରେ ଘର ଛାଡ଼ି କୁଆଡ଼େ ପଳାଇଲା । ଗାଁଲୋକେ ଖୋଜି ଖୋଜି ଦି'ଦିନ ପରେ ଦେଖିଲାବେଳକୁ ନଈ ଭିତରେ ଫୁଲର ଶବ ଭାସୁଛି । ଇମିତି ବିଚାରୀର ଜୀବନଲୀଳା ସରିଗଲା ।

କଥା ଶୁଣୁ ଶୁଣୁ ସନିଆ ଆଖିରୁ ଦି'ଧାର ହୋଇ ଲୁହ ଗଡ଼ି ପଡ଼ିଲା । ଯୋଗି ଜେନା ପଚାରିଲା, କରେ ସନିଆ କାନ୍ଦୁଛୁ

'କାହିଁକି ? ଫୁଲ ତୋର କଣ ହୁଏକି ? ସନିଆ ଆଖିରୁ ଲୁହପୋଛୁ କହିଲା, ସେ ମୋର କିଛୁ ନୁହେଁ —ପୁଣି ସବୁ ।

ଯୋଗିଜେନା ସନିଆ କଥାର ମାନେ କିଛୁ ବୁଝି ପାରିଲା ନାହିଁ । ତାର ମୁହଁକୁ ବଲବଲ ହୋଇ ଚାହିଁ ରହିଲା ।

ସନିଆ ଫୁଲ ସାଙ୍ଗରେ ପରିଚୟ ହେବା ଦିନଠାରୁ ସବୁକଥା ଗୋଟି ଗୋଟି କରି କହିଲା । ଯୋଗି ଜେନା କହିଲା,ସନିଆ ତୁ ତାକୁ ଏତେ ଭଲ ପାଉଥିଲୁ—ନ କହି ନ ଜଣାଇ ମାମୁଘରକୁ ଗଲାବୋଲି ତାର କଣ ଉଚିତ ଦୋଷ ହେଲା ଯେ ଆଉ ତୁ ତାକୁ ଠିକେ ପଚାରିଲୁ ନାହିଁ । ସନିଆ ଯୋଗିଜେନା କଥାର କିଛୁ ଉତ୍ତର ନ ଦେଇ ଉଠିଲା । କହିଲା, ଯାଉଛି ଯୋଗି ଭାଇ ଅନେକ ବେଳ ହେଲାଣି—ପୁଣି କାଲି ଦେଖା ସାକ୍ଷାତ । ତୁହେଁ ଶୁଇଆଡ଼ ଚାଲିଲେ ।

ବସାକୁ ଫେରି ସନିଆର ଆଜି କୌଣସି କାମରେ ମନ ଲାଗିଲା ନାହିଁ । ଖାଲି ଫୁଲର କରୁଣ କାହାଣୀ ତାର କାନ ପାଖରେ ବାଜି ଉଠିଲା । ନ ଖାଇ ନ ପିଇ ଶୋଇଲା । ସପନରେ ସେ ଦେଖିଲା ଫୁଲର ମଲା ଦେହଟା ନଈ ପାଣିରେ ଭାସି ଭାସି ଚାଲିଛି । ସନିଆ ଚମକି ପଡ଼ିଲା ନିଦଟା ଚୁଡ଼ କରି ଭାଜିଗଲା । ଦେଖିଲା ଘର ଭିତରଟା ଅନ୍ଧାରରେ ବିକଟାଳ ରୂପ ଧରିଛି । ରାତିର ନିସ୍ତବ୍ଧତାକୁ ଭଙ୍ଗ କରି ବାହାରେ ପବନ ସୁର ଧରିଛି ।

ସପନ ଆଉ ଜାଗରଣରେ ସାରା ରାତିଟା ସନିଆର କଟିଲା ।

## —ଏଗାର—

ସେହିଦିନ ଠାରୁ ହାବି ଆଉ ଜମିଦାର ଘର ଲିପିବାକୁ ଗଲାନାହିଁ । ପଦିକି ପଠେଇ ପନ୍ଦରଦିନର ମଜୁରି ପାଉଣାଟିକ ସାଆଁ ଟାଣୀଙ୍କଠାରୁ ନେଇ ଆସିଲା । ସେଇଥିରେ ଦୁଃଖେ କଷ୍ଟେ ଦିନ କଟେଇଲା ।

ସେଦିନ ଦି'ପହରେ । ଠାଣ ଖରାର ଅଣ୍ଟା ନଇଁକି ପଡ଼ିଲାଣି । ଆକାଶଟା ଦେଖାଯାଉଛି ତମ୍ବାଳିଆ—ତମ୍ବାଳିଆ । ଘରଚଟିଆ ଚଢ଼େଇ ଦି'ଟା ଉଡ଼ି ଉଡ଼ି ଆସି ଘର ଚାଳ ଉପରେ ବସି ନାଲି କାରଣିରେ ହୋରି ଖେଳୁଛନ୍ତି ।

ହାବି ଘର ଓଲୋଉଛି । ପଦାରୁ ଡାକ ଶୁଭିଲା ସନିଆ ବୋହୂ ଘରେ ଅଛୁ । ହାବି ଗଲା ବାହାରି ଜାଣିଲା ଚକରାମା ବୁଢ଼ୀ, ଘରଓଲା ଛାଡ଼ି ପଦାକୁ ଆସି ବୁଢ଼ୀର ହାତ ଧରି ଘର ଭିତରକୁ ନେଇଗଲା । ତର ତର କରି ମସିଣା ଖଣ୍ଡେ ପକେଇ ଦେଇ କହିଲା, ମାଉସୀ ବସ—ମୁଁ ପାନ ଖଣ୍ଡେ ଆଣେଁ ।

ଚକରାମା' ବୁଢ଼ୀ କହିଲା, କାଲେ ବୋହୂ ମୁଁ କଣ କୁଣିଆ ହୋଇଛି କି ଏତେ ମସିଣା ପକେଇ ଚର୍ଚ୍ଚ କରୁଛୁ । ବୁଢ଼ି ହାଡ଼

ଲୋକ—ବଳ ବୟସ ଗଲଣି । ଆଉ ବା କେଇଟା ଦିନ, ଖାଲି ବୋହୂ ଡମରମାନଙ୍କ ଲୀଳା ଟିକେ ଦେଖିବାକୁ ଯାଉଛି କର ଜୀବନଟା ରହିଛି ।

ପାନ ଭାଙ୍ଗ, ଭାଙ୍ଗ, ହାସ ପଚାରିଲା, ମାଉସି ଚକଷର ବାହାଘର ଏ ବରଷ କରିବ ନାହିଁକି ?

ଚକଷମା ମୁହଁ ଶୁଖାଇ କହିଲା, କୋଉଠି ଯୁଟୁଛି ଲୋ ମା' । ତାର ତ ଆଉ ବାପ, ଦାଦି କି ଭାଇ କୁଟୁମ୍ବ କେହି ନାହାନ୍ତି । କିଏ ତା ପାଇଁ ଟିକିଏ ଆଖି ପକେଇବ । ଗୋଟି ଗୋଟି ସମସ୍ତେ ଗଲେ ଲୋ ମା—ମତେ ଖାଲି ହନ୍ତସନ୍ତ କରି ମାରିବାକୁ ଛାଡ଼ି ଦେଇଗଲେ । ଚକଷ ବାହା ହେବ—ହାତକୁ ଦି' ହାତ ହେବ ତା ଲୀଳା ମୁଁ ଆଉ ଦେଖି ପାରିବି ନାହିଁ । ଏକୋଇରବଳା ବଣିକେଶନ ଲୋ ମା—ତାର ଆଉ କିଏ ଅଛି ? କହୁ କହୁ ଚକଷମା' ବୁଢ଼ୀ କାନ୍ଦି ପକାଇଲା ।

କଥା କହୁ କହୁ ଚକଷମା' ବୁଢ଼ୀ ସକେଇ ହବା କଥା ଗାଁରେ ସମସ୍ତେ ଜାଣନ୍ତି ।

ହାସ ଘାଳଖିଲି ମୋଡ଼ୁ ମୋଡ଼ୁ କହିଲା, ମଲା ଛାଡ଼, ଆହୁରି ଅରକ୍ଷିତ ବାହା ହେଉଚନ୍ତି, ଘରସଂସାର କରୁଚନ୍ତି ! ଚକଷ ଇମିତ କଣ ହେଇଚି କି ?

ବୁଢ଼ୀ ଆଖିରୁ ଲୁହ ପୋଛୁ ପଚାରିଲା, ସଜଆ ଟଙ୍କା ପଇସା ପଠେଇଚି କି ଲୋ ବୋହୂ ? ହଁ ପଠେଇ ନ ଥିବ—ଢେର ଦିନରୁ ଗଲଣି ।

ହାସ୍ୟ ପାନ ଖଣ୍ଡକ ବୁଢ଼ୀ ହାତକୁ ଦେଇ କହିଲା, ନାଁ ମାଉସୀ, ଟଙ୍କା ପଇସା ପଠେଇ ନାହାନ୍ତି । ଭାଷା ବି ଖଣ୍ଡେ ଦେଇ ନାହାଁନ୍ତି । ମୋ ମନଟା କାହିଁକି ଗୋଳେଇ ଘାଣ୍ଟି ହେଉଚି ।

ବୁଢ଼ୀ ମୁହଁଟାକୁ କୁଞ୍ଚୁଲେଇ ଥକେଇ କହିଲା, ମଲା ସେଦିନୁ ଗଲାଣି—ଟଙ୍କା ପଇସା ପଠେଇନାହିଁ । ପୋଡ଼ାମୁହାଁଟା କଣ ଖାଲି ବସି ଖାଇବାକୁ ଯାଇଚି ।

ମାଉସୀ, ପୋଡ଼ାମୁହାଁ କହିବାକୁ ତମର ସତ ବଳୁଚି । ରକତ୍ ପର୍ ସେ ପର୍ ଅରକ୍ଷିତ—ତାଙ୍କର ଆଉ କିଏ ଅଛୁ ? ହାସ୍ୟ ଆଖିରେ ଲୁହ ଛଳ ଛଳ ହେଲା ।

ମଲା ମୁଁ କଣ ଟିକିଏ କହିଲିକି ଆଖିରେ ଲୁହ ଟଳମଳ କରୁଚୁ । ହଇଲୋ ମା' ଭଲ ମଧ୍ୟରେ ଦ'ପଦ କହିଲେ ଆମ କଥା ଯଦି ଖରାପ ଲାଗିଲା—ଆମଠି ଥାଉ । ଏତିକି କହି ବୁଢ଼ୀ ଉଠିଗଲା ।

ହାସ୍ୟ ଲୁହ ପୋଛି ବୁଢ଼ୀ ହାତ ଧରି କହିଲା, ମାଉସୀ ରାଗିଲ ନାଁ କଣ ?

ବୁଢ଼ୀ ହସି ହସି କହିଲା, ନାଲୋ ବୋହୂ ତୋ ଉପରେ ରାଗିବି କାହିଁକି । ସପନା ସାହୁ ଦୋକାନରୁ ତେଲ ଲୁଣ କାଲିରେ ଖାଉଥିଲି ଯେ ତାର ଟଙ୍କାଏ ଛ'ଣା ହେଲାଣି । ପାଖରେ ଗୋଟାଏ ପଇସା ନାହିଁ । ବେଲଦେଖି ସତିଆ-ନାଶିଆ ସପନାଟା ଯୋଉଠି ଦେଖୁଚି ଠାଉଁ ଠାଉଁ କରି ଖାଉଚି । ଦତେ ଯେମିତି

ତା ବାପର ଶରଦ୍ଧ ଷାଠିଏ ଧାରୁଛି । ମନେ ମନେ ଥିର କରି ଆସିଥିଲି ତୋ କଥକୁ । ସନିଆ ଯଦି କଲିକତାରୁ ଟଙ୍କା ପଠେଇ ଥିବ—ଦେଢ଼ଶହ ଟଙ୍କା ଉଧାର ନେବ । ଆଗେ ତା ପଇସାତକ ଛୁଣ୍ଡାଇ ଦେଇ ଘରକୁ ଯିବି । ଯୋଗ ଖରାପ ଲୋ ମା, ସନିଆ ତ ଟଙ୍କା ଦେଇ ନାହିଁ; ଯାଏ ଆଉ କା କଥରେ ଦେଖେ । ତା ପଇସାତକ ନ ଦେଲେ ସେ ଆଉ ରଖି ଥୋଇ ଦେବ ନାହିଁ । ଗାଢ଼ ଲୋ ମା, ପାହୁଲାଟାଏ କାହାକୁ ଛାଡ଼ିବ ନାହିଁ । ତା ନାଁ ଧରିଲେ ଦିନମାନ ଟୋକେ ପାଣି ମିଳିବ ନାହିଁ । ମଲାପରେ ଯମ ତାକୁ କୋଉଠି ଠାବ ଦେବ କେଜାଣି ?

କହି କହି ବୁଢ଼ୀ ବାଡ଼ି ଠୁକ୍ ଠୁକ୍ କରି ଚାଲିଗଲା ।

ବୁଢ଼ୀ ଚାଲି ଗଲାରୁ ହାସ ଟିକିଏ ହସିଲା । ମନକୁ ମନ କହିଲା, ବେଳ ଗଲାଣି, ମୁଁ ଠିଆ ଠିଆ ହେଉଛି କଣ ?

ଚଞ୍ଚଳ ଦାଣ୍ଡଟା ଖରକି ପକେଇ ହାସ ସଞ୍ଜ ବଳି ବସିଲା ।

ସୂରୁଯ ଦେବତା ମା'କୋଳକୁ ବାହୁଡ଼ି ଗଲେଣି । ସଞ୍ଜ ଅନ୍ଧାର ମାଡ଼ି ଆସୁଛି ନଈ ଉଛୁଳା ବଟି ପରି । ଗୋଠେଇ ଘରୁ ଧୂଆଁ ସବୁ ଘର ମଥାନ ଉପରେ ଖୁମ୍ପି ତୋଳୁଛି ଆକାଶକୁ । ଆଉ ଟିକିଏ ପରେ ତାରା ଫୁଲପକା କଳା ଶାଢ଼ୀ ପିନ୍ଧି ରଜନୀ ରାଣୀ ହସି ଉଠିବ ।

ହାସ ଚଉଁରା କଡରେ ସଞ୍ଜ ଦେଇ ମୁଣ୍ଡିଆ ମାରିଲା । ଘରକୁ ଉଠି ଆସିଲା ବେଳକୁ କିଏ ନାଁ ଧରି ପଛରୁ ଡାକିଲା । ପଛକୁ ଚାହିଁ ସଞ୍ଜ ଅନ୍ଧାରରେ ଦୋ ଦୋ ଚିହ୍ନା ହେଲା । କଥକା ଆସିଲାରୁ ହାସ ଦେଖିଲା ଜମିଦାରଙ୍କ ପୁଅ ରବିବାବୁ ।

ଅବେଳାରେ ରବିବାବୁଙ୍କୁ ଦେଖି ହାରି ଚମକି ପଡ଼ିଲା । ଆସିବାର ଉଦ୍ଦେଶ୍ୟ କଣ ବୁଝିପାରିଲା ନାହିଁ । ମୁହଁ ଖୋଲି ପଚାରିଲା, କୁଆଡ଼େ ଆସିଛନ୍ତି ?

ରବିବାବୁ ଥା ଥା ମା ମା ହୋଇ କହିଲେ, ଆସିଛି ତମର କଥକ ନଅତବାଜ । ତମକୁ ଥରେ ଦେଖିବାକୁ । ଯେଉଁଦିନ ତମକୁ ଆମ ଘରେ ପ୍ରଥମ ଦେଖିଲି—ସେଇ ଦିନଠୁ ତମର ରୂପ ଶୋଭାକୁ ସବୁବେଳେ ଇଚ୍ଛା ହେଉଛି ମନ ଚାହିଁ ଦେଖିବାକୁ । ଆଉ ଆମ ଘରକୁ କାହିଁକି ଯାଉ ନାହିଁ—ମୋ ଉପରେ କଣ ରାଗିଚ ନ ଅବୋଉ ?

ହାରି କହିଲା, ରବିବାବୁ ! ଗରିବ ମାଇପ ସବୁରି ଶାଳୀ । ତାଙ୍କର ଗୋଟାଏ ମାନ ମହତ, ରାଗ ଅଭିମାନ କଣ ? ତା ନ ହେଲେ ତମେ କଣ ଇମିତି ଏକଲା ସୁଯୋଗ ପାଇ ଏଇ ଅବେଳଟାରେ ମୋର କଥକୁ ଦଉଡ଼ି ଆସିଥାନ୍ତ !

ରବିବାବୁ ହସି ହସି କହିଲେ, ତମେ ମୋତେ ଭୁଲ ବୁଝନା ନ ଅବୋଉ । ମୁଁ ତୁମକୁ ଟଙ୍କା ପଇସା ସବୁଥିରେ ସାହାଯ୍ୟ କରିବି । ନିଅ ଏ ଶାଢ଼ୀଟା ରଖ । ଦେଖନି କି ସୁନ୍ଦର ହେଇଛି । ତମର ଏ ଦେହରେ ଖାସା ମାନିବ ।

ହାରି ବିରକ୍ତ ହୋଇ ଶାଢ଼ୀଟା ଫୋପାଡ଼ି ଦେଇ କହିଲା, ଦରକାର ନାହିଁ ତୁମର ଟଙ୍କା ପଇସା, ଶାଢ଼ୀ । ଆମ ଚିରାଫଟା ଶାଢ଼ୀ ଆମକୁ ସୁନ୍ଦର । ଏଇ ଅର୍ଥର ଲୋଭ ଦେଖେଇ ତମେ ମୋର ସର୍ବନାଶ କରିବାକୁ ଆସିଚ ରବିବାବୁ । ଯେମିତି ତମର ପରି ବଡ଼ଲୋକ ଶହ ଶହ ନିରୀହ ଗରିବ ପରିବାରର ସର୍ବନାଶ

କରନ୍ତୁ । ତମେ ଏଠୁ ଚଞ୍ଚଳ ଚାଲିଯାଅ । କିଏ ଦେଖିଲେ, ମୋ ସଂସାରରେ ନିଆଁ ଲଗିଯିବ । ତମ ଗୋଡ଼ ଧରୁଛି—ଚଞ୍ଚଳ ବିଦାହୁଅ ।

ତଥାପି ରବିବାବୁ ଅଟଳ । ଘୁଞ୍ଚିଯାଇ ହାସିର ହାତଟା ଧରି ପକାଇ କହିଲେ, ନୂଆବୋଉ କେହି ଦେଖିବେ ନାହିଁ—କେହି ଜାଣିବେ ନାହିଁ । ସବୁ ଚୁପି ଚୁପି ହେବ । ତମେ ମୋତେ ଦୂର କର ଦିଅନା—ଭରସା ଦିଅ ।

ହାସି ରାଗରେ ଜଳି ଉଠିଲା । ହାତଟା ଛଡ଼ାଇ ଦେଇ କହିଲା, ଗୋଲକ ମଉସା ପୁଅ ତୁମେ ରବିବାବୁ—ତମେ ପୁଣି ଏଡ଼ିକି ନିର୍ଲଜ । ମୁହଁରେ ନୂଆବୋଉ ଡାକୁଚ—ପୁଣି କୋଉ ଆଶା ନେଇ ଏଠିକି ଦଉଡ଼ି ଆସିଚ ? ଛିଃ ଛିଃ; ବଡ଼ ଭାଇର ସ୍ତ୍ରୀ ପ୍ରତି ତମର କଣ ଏଇ ବ୍ୟବହାର ଶୋଭାପାଏ । ଆମେ ଛୋଟ ଜାତି—ତୁମଠୁ କେତେ ତଳେ । ସବୁ କଥାରେ, ସବୁ କାମରେ, ଦେଶରେ, ସମାଜରେ, ତମେ ଆମକୁ ଦୂରେଇ ରଖ—ପୁଣି ଆଜି କୋଉ ଅଭିଳାଷ ନେଇ ଛୁଟି ଆସିଚ ? ଧନ୍ୟ ତମ ବଡ଼କୁଳ । ତମେ ମୋର ସର୍ବନାଶ କରନା ରବିବାବୁ—ଚଞ୍ଚଳ ଚାଲିଯାଅ । ଭଲରେ ନ ଶୁଣିଲେ, ନ ଗଲେ ଏଇ ଯୋଉ ଝାଡୁଣି ପଡ଼ିଚି—ସେଇଥିରେ ବାଡେଇ ବାଡ଼େଇ ବିଦା କରି ଦେବି । ତେବେ ଯାଇ ଜାଣିବ ତମ ବଡ଼ଲୋକଙ୍କ ପରି ଗରିବ ଛୋଟ ଜାତିଙ୍କର ମାନ ଅଛି—ଇଜ୍ଜତ ଅଛି ।

ରବିବାବୁ ହାସିର ପ୍ରଚଣ୍ଡ ମୂର୍ତ୍ତି ଦେଖି ଧୀରେ ଧୀରେ ଅନ୍ଧାରରେ ମିଳେଇଗଲେ । ହାସି ଘର ଭିତରେ ଆସି ନଥକର ବସି ପଡ଼ିଲା ! ମୁଣ୍ଡଟା ତାର ଝାଇଁ ଝାଇଁ ହେଇଗଲା ।

ପଦାରେ ପୁଣି ବାଡ଼ି ଠୁକ୍ ଠୁକ୍ ଶୁଭିଲା । ହାସ ଉତ୍ତର ନଦେଇ ଉଠି ଆସି ଦେଖେ ଚକର ମା' ବୁଢ଼ୀ । ଚକର ମା'କୁ ଦେଖି ହାସ ଛାତଣୀ ଉପରେ ଥର ଉଠିଲା । କୁଆଡ଼େ ଆସିଚ ପଚାରିବାକୁ ତୁଣ୍ଡ ଖୋଲିଲା ନାହିଁ ।

ଚକର ମା' କହିଲା' ଆଲୋ ବୋହୂ, ଏ ଜମିଦାର ପୁଅ ରବିଟାକୁ କଣ ତୋ ଘର କତରେ ଦେଖିଲି, ଏଠିକି ଆସିଥିଲା କି ?

ହାସ କହିଲା, ନାଁ ମାଉସୀ, ରବିକୁ ତ ମୁଁ ମୋଟେ ଚିହ୍ନି ନାହିଁ । ଆଉ ସେ ତ ବଡ଼ଲୋକ । ସେ ବା କାହିଁକି ଗରିବ ଘରକୁ ପାଦ ପକାଇବେ ଏ ଅବେଳଟାରେ ।

ଚକର ମା' ବୁଢ଼ୀ ମୁରୁକି ମୁରୁକି ହସିଲା । କହିଲା, ବୋହୂ ତୁ ମତେ ଲୁଚଉଚୁ । ଆଲୋ ତୁ ଡାଳେ ଡାଳେ ଗଲେ ମୁଁ ପତରେ ପତରେ । ଦୁନିଆଁରି ରଙ୍ଗଢ଼ଙ୍ଗ ଦେଖି ମୁଣ୍ଡବାଳ ଧଳା ହୋଇ ହେଲଣି—ତୁ ମୋତେ କଥାରେ ଠକିଦେବୁ । ରବି ସାଙ୍ଗରେ ଲୁଚି ଲୁଚି ଭାବ ଲଗେଇଚୁ ନାଁ—ସେଇଥିପାଇଁ ସନିଆ ପୁଅକୁ ମୋର ବିଦେଶ ତଡ଼ି ଦେଲୁ ।

ହାସ ମୁଣ୍ଡରେ ବଜ୍ର ପଡ଼ିଲା । ସେ କହିଲା, ମାଉସୀ, ବୋହୂ କରନା ବୋଲି କଣ ଝିଅ ଜନମ କରନାହଁ । ପରଝିଅ ବୋଲି ଇମିତ ମିଛ ସତ ଲଗେଇ କହୁଚ । କହୁ କହୁ ହାସ ଆଖିରୁ ଧାର ଧାର ହୋଇ ଲୁହ ଗଡ଼ିପଡ଼ିଲା ।

ଚକର ମା' କହିଲା, ହଉ ଲୋ ମା; ଆମ କଥା ଯଦି ଗନ୍ଧେଇଲା ଆମଠି ଥାଉ । ଦବୁଟି ମତେ ଗୃହଳ କୁଆଁଏ ଉଧାର—କାଲି ଧାନ କୁଟିଲେ ଦେଇଯିବି ।

ହାବୀ ଆଖିରୁ ଲୁହ ପୋଛୁ କୁଆଁଏ ଗୁଡ଼ଳ ଅଣି ଚକରୀ ମା' ଲୁଗା କାନିରେ ଦେଲା । ଗୁଡ଼ଳ ଗଣ୍ଡାକ ବାନ୍ଧି ଚକରୀ ମା' ବାଟେ ବାଟେ ଚାଲିଗଲା ।

ଚକରୀ ମା' ଚାଲି ଗଲାରୁ ହାବୀ ବସି ବସି ଘଡ଼ିଏ ଭାବିଲା । ଯୋଉଥିପାଇଁ ଡରୁଥିଲି ସେଇ ବିପଦ କାହାଙ୍କ ଜୀବନରେ କଳାମେଘ ପରି ଘୋଟି ଆସିଲା । ହଉ, ଉପରେ ଭଗବାନ ଅଛନ୍ତି । ବେଦନାରେ ଭାରହୋଇ ଉଠିଲା ତାର ମୁଣ୍ଡ—ଆଖିରୁ ଝରି ପଡ଼ିଲା ଲୁହ ।

ହାବୀର ଆଜି ଶେଯପେଇ କରିବାକୁ ମନ ବଳିଲା ନାହିଁ । ଶୋଇ ଶୋଇ ଖାଲି ଆଖିରୁ ଲୁହ ନିଗାଡ଼ିଲା । ଭାବିଲା, ରାତି ପାହିଲେ କାଲି ତାଙ୍କ କଡ଼କ୍କା ଚିଠି ଦେବି—ସେ ନ ଆସିଲେ ମୁଁ ଆଉ ଏ ଅଲୋଡ଼ା ଜୀବନ ରଖିବି ନାହିଁ ।

ପଦ ଆସି ଡାକିଲା, ନୂଆ ବୋଉ, ନୂଆ ବୋଉ !

ହାବୀ କହିଲା, ପଦ ମୁଁ ଏଇଠି ଶୋଇଛି; ଏଇ ଘରକୁ ଆ ।

ପଦ ଦଉଡ଼ି ଯାଇ ପଚାରିଲା, ନୂଆବୋଉ, ସଞ୍ଜ ବେଳଠାରୁ ଶୋଇଛ କାହିଁକି—ରାନ୍ଧିବ ନାହିଁ କି ?

ନାଁ ଲୋ ପଦ; ଆଜି କାହିଁକି ଦେହଟା ଭଲ ଲାଗୁନାହିଁ । ଜର ଜର ଲାଗୁଛି ।

ଗୋଡ଼ ହାତ ଚିପି ଦେବି ନୂଆବୋଉ ?

ନିରାଶାରେ ଆଶାର କ୍ଷୀଣ ଆଲୋକ ଜଳି ଉଠିଲା । ଏତେ ଦୁଃଖରେ ହାବୀ ଅନୁଭବ କଲା, ପଦଟି ଅଛି ତାର ବେଦନା

ଲୁଚିବାକୁ । ପଦ୍ମକୁ କୋଳକୁ ଟାଣି ଆଣି ହୀରା କହିଲା, ପଦ୍ମ ଲୋ; ଆର ଜନମରେ ତୁ ଥିଲୁ ମୋର ଭଉଣୀ । ନଇଲେ ଏ ଜନମରେ ପର ହେଇ ମୋତେ ଏତେ ଆପଣାର କରନ୍ତୁ କାହିଁକି ?

ହୀରା ଆଖିରୁ ଝରିପଡ଼ିଲା ବ୍ୟଥାର ଧାରେ ଧାରେ ଆନନ୍ଦର ଅଶ୍ରୁ । ପଦ୍ମକୁ କୋଳରେ ପୂରାଇ ସେ ଜୀବନର ସବୁ ଦୁଃଖ ଜଞ୍ଜାଳ ପାଶୋରି ପକେଇଲା ।

—ବାର—

ଯୋଗି ଜେନା ଠାରୁ ସଜିଆ ଫୁଲ ଖବର ଶୁଣିବା ଦିନଠାରୁ ସବୁବେଳେ ତାର୍ ହାସି କଥା ମନେପଡ଼େ ।

ନିସ୍ପୃହା ସରଳାଟିକୁ ସେ ଛାଡ଼ି ଆସିଛି କାହିଁ କେତେ ଦୂରରେ । କିଏ ଅଛି ତାର ଭଲମନ୍ଦ ବୁଝିବାକୁ । ଯେତେହେଲେ ପର କଣ ଆପଣାର ହେବେ । ଶହ ଶହ ଓଡ଼ିଆ ଭାଇ ନାଇଁଛ ଏଇଠି ଘର ଦୁଆର କରି ଚିର ପ୍ରବାସୀ ଜୀବନ କରି ନେଇଛନ୍ତି । କା'ର କା'ର ଜୀବନଦୀପ ଲିଭି ଯାଉଛି କାଳ ଝଡ଼କୁ । କିଏ କିଏ ରଣ୍ଡ୍ରରଙ୍ଗି ସର୍ବସ୍ୱାନ୍ତ ହେଉଛନ୍ତି । ଗାଁରେ ତରୁଣୀ ପତ୍ନୀ ପିଲା କୁଟୁମ୍ବ ସ୍ୱାଙ୍କର ଅଭାବରେ ଝୁରି ଝୁରି ଚାଲି ପଡୁଛନ୍ତି—ତାର ହିସାବ କିଏ ରଖୁଛି ? ବିଦେଶକୁ ଆସିଲାବେଳେ ଯୋଉ ଆଶା ନେଇ ମଣିଷ ଆସେ—ସେ ଆଶା ସେ ଆକାଂକ୍ଷା, ଏଇ ବିଦେଶ ମାଟିରେ ଗୋଡ଼ ଦେଲାକ୍ଷଣି ମଣିଷ ଭୁଲିଯାଏ କାହିଁକି ?

ଧୋବ ଧୋବଳିଆ ସହର ଆଭିଜାତ୍ୟର ଜୟ ପତାକା ଉଡ଼ାଇ ଚାଲିଛି । ଚାରିଆଡ଼େ ଆନନ୍ଦ, ଆଲୋକ, ମଉଜ, ମଜଲିସ । ସ୍ୱାର୍ଥ ଭିତରେ ଭାସି ଯାଏ ମଣିଷ । ଭୁଲିଯାଏ ତାର ଦିନମାନର ହାଡ଼ଭଙ୍ଗା

ଖାଉଣି । ଆବେଗରେ ଅନ୍ତର ଭିତରୁ କିଏ ଯେପରି କହି ଉଠେ କି ସୁନ୍ଦର ଏ ବିଦେଶ ମାଟି !

କିନ୍ତୁ ଗାଁରେ ପଡ଼ିଛି ଭାବନା । କାର ବୁଢ଼ାବାପା ଭାବୁଛି ପୁଅ ତ ଟଙ୍କା ପଠେଇଲା ନାହିଁ—ଚଳବୁଲା ହେବ କିମିତି ? କାର ତରୁଣୀ ପତ୍ନୀ ଭାବୁଛି, ସେ ତ ସେଆଡ଼େ ରହିଲେ ମୁଁ କାହିଁକି ଘର ଜୀବନଟା ଧରି ରଖିବି ? କାର ବୁଢ଼ୀମା' ଦିନ ଗଣୁଛି ପୁଅ-ତାର ବିଦେଶରେ ମରି ନାହିଁ—ବଞ୍ଚିଛି । ସେ ନିଶ୍ଚେ ଲେଉଟି ଆସିବ ।

ଇମିତି ଭାବିବା ପାଇଁ ସେ ଜଣେ ପୁଅ ଭାଇଙ୍କି ବିଦେଶ ପଠେଇଥିଲେ । କାହିଁ କିଏ ମନରେ ରଖୁଛି ? ଏଇ କଥା ମନରେ ରଖୁଥିଲେ ଫୁଲର କଣ ସର୍ବନାଶ ହେଇଥାନ୍ତା ? ଇମିତି ଭାବି ଭାବି ଶେଷରେ ସନିଆ ମନଟା ଆସି ହାରି କଡରେ ପହଞ୍ଚେ । ତାକୁ ଏକଲା ପାଇ ପୁଣି କିଏ ସର୍ବନାଶ କରିବାକୁ ଧାଇଁ ଆସିବେ ନାହିଁ ତ ! ଇମିତି ସନିଆର ମନ ଭାବନାରେ ଅଥୟ ହୁଏ ।

ସେଦିନ ଅଫିସକୁ ଆସି ସନିଆ ଖଣ୍ଡେ ଚିଠି ପାଇଲା । ହାରି ଚିଠି ଦେଇଛି ଭାବି ମନରେ ତାର ଅଜଣା ଛନ୍ଦ ବାଜି ଉଠିଲା । ହୃଦୟ ଯଣିକପାଇଁ ପୁଲକରେ ସ୍ପନ୍ଦିତ ହେଇଗଲା । ପଢ଼ିଲା—

"ଗଙ୍ଗା କାଳୀଙ୍କ ଶ୍ରୀଚରଣେ ଶରଣ,

ତମେ ସେଠି ନିଶ୍ଚିନ୍ତରେ ରହିଲ—ମୁଁ ହିନିମାନୀ ଏଠି ଭାବିଭାବି ମରିବି କାହିଁକି ? ମୁଣ୍ଡଟାତ ସେଠି ପଡ଼ି ରହିଲା—ଗଣ୍ଡଟା କାହିଁକି ଏଠି ଛଟପଟ ହେବ ? କା' ପୁଆଡ଼େ—ସା'

ସିଅଟେ । ତମେ କଣ ଯୂଆ ଜାଣନା । ଏଠି ଥିଲାବେଳେ ଏତେ ଆଦର କରୁଥିଲ—ବଦେଶ ଯାଇ ଏକଦ୍ୱାରେ ମନରୁ ପୋଛିଦେଲ । ମୁଁ ଅଭାଗିନୀ ତମର କି ଦୋଷ କରିଥିଲି ଭଲା ?

ବିବାହ ବେଦୀରେ ଅଗ୍ନି ସାକ୍ଷୀରଖି ବାପା ମୋତେ ତମ ହାତକୁ ଟେକି ଦେଇଥିଲେ; କଣ ଇମିତି ଏକଲା ହାଣିମାନଙ୍କର ଦୁଃଖକଷ୍ଟରେ ଛାଡ଼ିଯିବାକୁ ? ଏଇଠି କଣ ପେଟ ଚୁଖଣ୍ଡକ ପୂରି ନଥାନ୍ତା ? ତମେ ମୋର ସାନକୁହା ନ ମାନି ବଦେଶ ଗଲ । ତମେ ଗଲାଦିନୁ ଗାଁରେ ମୋର ଶିରି କେହି ଦେଖି ପାରୁନାହାନ୍ତି, କାନ୍ଦି କାନ୍ଦି ଦିନ ଯାଉଚି ।

ମୋରାଣ—ତମେ ଗାଁକୁ ଫେରିଆସ । ଏଇଠି ହାଡ଼ମାଟି ହାଡ଼ରେ ଲଦି ତମେ ଯୋଉ ଦି'ପଇସା କମେଇବ—ସେଇଥିରେ ମୁଁ ଶାଗଭାତରେ ଦିନ କାଟିନେବି । ଖିରିପୁରି ଆମର ଲୋଡ଼ା ନାହିଁ । ତମେ କତରେ ଥିଲେ ମୋତେ ଦୁଃଖ କଷ୍ଟ ମୋଟେ ବାଧିବ ନାହିଁ । ବାରବାର କହି କହୁଚି ଚିଠି ପାଇ ବସିଲା ଥାନରୁ ଉଠି ଆସିବ । ନ ଆସିଲେ ହାସକୁ ଆଉ ପାଇବ ନାହିଁ । ଇତି ।"

ଚିଠିଟା ପଢ଼ି ସନିଆ ଭୟରେ ଚମକି ପଡ଼ିଲା । କଣ ହେଇଚି—ହାସ କାହିଁକି ଇମିତି ଚିଠି ଲେଖିଚି । କିଛି ନା କିଛି ହେଇଚି । ଭାବିଲା; ଆଉ ଡିଲେମାନି ରହିବ ନାହିଁ । ଯିବ—ଜାଣୁ ଜାଣୁ କଣ ହାସକୁ ହରାଇ ବସିବ ?

ତା ଆରଦିନ ସନିଆ ଦରମା ଗଣ୍ଡାକ ପାଇ ସଞ୍ଜକୁ ବସାକୁ ଆସି ଗଣ୍ଠିରିପଟର ସଜାଡ଼ିଲା । ଅରକ୍ଷିତା ଆସି ପଚାରିଲା; କିରେ, ଗଣ୍ଠିର ବାନ୍ଧୁଚୁ କାହିଁକି—କୁଆଡ଼େ ଯିବୁକି ?

ସନିଆ ହସି ହସି କହିଲା, ଘରକୁ ।

ଅରକ୍ଷିତା କହିଲା; ଚାକିରି କରିବା ଦି'ଟା ମାସ ହେଇନି— ଘରକୁ ବାହାରିଲୁଣି । କରେ ଇମିତକା ଚାକିରି ଆଉ ଛୁଟିବନା । ସ୍ୱାସ୍ଥ୍ୟ ତୋର ଖରାପ ହେଉଛି କିରେ ସନିଆ ?

ସନିଆ ହସି ହସି କହିଲା, ଅରକ୍ଷିତା ଭାଇ, ଚାକିରି ବଡ଼ ନୁହେଁ—ବଡ଼ ଜୀବନ । ଜୀବନ ଥିଲେ କେତେ ଚାକିରି ଆସିବ—ଯିବ ।

କ'ଣ ହେଉଛି—ପୁଣି କେବେ ଆସିବୁ

ଜାଣି ହେଉଛି ସେ କଥା ପରେ ଚିଠି ଦେବି ଅରକ୍ଷିତା ଭାଇ । ତେବେ ଆଉ ଆସିବି କି ନାଁ ସନ୍ଦେହ । ଘର ଏକଲା ହେଲେ ଠ, କଥା ସରିଲା ' ଯାଉଛି ଅରକ୍ଷିତା ଭାଇ, ଯୋଗିଭାଇଙ୍କ ଆଉ ଦେଖା କରି ପାରିବି ନାହିଁ । ତାଙ୍କୁ ମୋ କଥା କହି ଦଣ୍ଡବତଟା ଦେବୁ ।

ସନିଆ ଅରକ୍ଷିତା ପାଦତଳେ ମୁଣ୍ଡ ନୋଇଁଲା ।

ଅରକ୍ଷିତା ଆଖିରେ କେଜାଣି କାହିଁକି ଲୁହ ପୂରି ଉଠିଲା । ଅଢ଼େଇ ଦିନର ବନ୍ଧନ । ତଥାପି ମାୟା କାଟି ଚାଲିଗଲା ବେଳେ ମଣିଷ ବଡ଼ ଦୁର୍ବଳ ହୋଇପଡ଼େ । ଆଖିର ଲୁହରେ ମନର କୋହ କ୍ଷଣିକ ପାଇଁ ହାଲୁକା ମାରି ଜୀବନ ଦରିଆରେ ମିଳାଇ ଯାଏ ।

## —ତେର—

ଚକରା ମା' ଅଦ୍ଭୁତ ସାହସରେ ରଷ୍ଟ୍ର କର ଦେଇଛି ହାସ୍ୟ ଜମିଦାର ପୁଅ ରବି ସାଙ୍ଗରେ ଅଛି । କଥାଟା ଆସ୍ତେ ଆସ୍ତେ ଅଦ୍ଭୁତ ବର୍ଷି ତେଉଁ ଗାଁ ଭିତରକୁ ଚିପିଗଲାଣି । କିନ୍ତୁ ସମସ୍ତେ ପଛରେ ଫୁସ ଫୁସ ହେଉଛନ୍ତି । କିଏ ଭରସି କର ଜମିଦାରଙ୍କ ପୁଅ ରବିବାବୁଙ୍କ ନାଁରେ କହି ପାରୁ ନାହାଁନ୍ତି । କି ଏ କିଂ କଥାଟାକୁ ନାଁ ପସନ୍ଦ କର ଉଡ଼ାଇ ଦେଉଛନ୍ତି । ଖାନଦାନ, ବୁନିଆଦି ଘର ପୁଅ—ସେ ଯିବ ଏଇ କଣ୍ଡୁରୁଣୀଟା ସାଙ୍ଗରେ ପ୍ରେମ କରିବାକୁ ! କିଏ କିଏ କଥାଟାକୁ ସତ ନ ମଣିଲେ ବି କହୁଛନ୍ତି ହଁ, ହେଲେ ହେଇଥିବ, କଳିକାଳ—ଯୁଗ ଓଲଟା ।

ହାସ୍ୟକୁ ସାହସରେ କିଏ କିମିତ ଦେଖେଇ ଦେଖେଇ କହନ୍ତି । ହାସ୍ୟ ସବୁ ଶୁଣେ, କାହାରିକୁ କିଛି କୁହେନା । ଭାଗ୍ୟ ଯେତେବେଳେ ଖରାପ ପଡ଼େ, ସେତେବେଳେ ମଣିଷ ଭଲ କାମରେ ବି ଚୁର୍ଣ୍ଣି ପଡ଼େ । ଦେଖାଣାହାରିଏ ହସନ୍ତି—ହି ମିଛ ହସୁଥାଆନ୍ତି ସମସ୍ତେ । ଯାଏ କେତେ—ଆସେ କେତେ ? ଉପରେ ଭଗବାନ ଅଛନ୍ତି, ସେ ତ ମଣିଷର ବଡ଼ ସାକ୍ଷୀ ।

ସେ ଦିନ ରାଧୁ ଆସିଲା । ଖାଇ ବସିଲା ବେଳକୁ ହାସ୍ୟ ପାଖିକି କାହିଁକି ଗୁଣ୍ଡା ଗଲାନାହିଁ । ସ୍ୱାମୀ ଭାବନାରେ ଆଖିରୁ

ଦ'ଧାର ଲୁହ ତୋରାଣିରେ ମିଶିଗଲା । ହାରା ଭାତ କଂସାଟା ଢୋଚରେଇ ପକେଇ ହାତ ଧୋଇ ଉଠିଆସିଲା ବେଳକୁ ଦେଖିଲା ଆଗରେ ସନିଆ, ତା'ର ପ୍ରାଣର ଦେବତା—ହୃଦୟର ଧନ ।

ହାରା ଆଖିରେ ଜଳି ଉଠିଲା ଅଶାର ଆଲୁଅ, ମୁଖ ମଣ୍ଡଳରେ ଫୁଟି ଉଠିଲା ଆନନ୍ଦର ଦୀପ୍ତି । ହସି ହସି ସ୍ୱାମୀ ଗୋଡ଼ତଳେ ମୁଣ୍ଡ ନୋଇଲା । ସନିଆ ଆବେଗରେ ହାରାର ହାତଧରି କୋଳକୁ ଟାଣିନେଲା । ପଚାରିଲା, ହାରା ତୋ ରୂପ ଶୁଖି କଳାକାଠ ହୋଇଛି କାହିଁକି ? ହାରା କିଛି ଉତ୍ତର ଦେଇ ପାରିଲା ନାହିଁ । ତା ଆଖିରୁ ଆନନ୍ଦାଶ୍ରୁ ଦ'ଧାର ହୋଇ ଗଡ଼ି ପଡ଼ିଲା । ସନିଆ ହାରା ଆଖିରୁ ଲୁହ ପୋଛି ଦେଉ ଦେଉ ଘର ଭିତରେ ଭିଡ଼ି ଧରିଲା । ହାରାର ଲୁହ ଧୁଆ ମୁହଁଟି ଲାଜରେ ନଇଁ ପଡ଼ିଲା ତଳକୁ ।

ରାତିରେ ସନିଆର ଗୋଡ଼ ମୋଡ଼ି ଦେଉ ଦେଉ ହାରା ନିଜର ଦୁଃଖଭରା କାହାଣୀ ସବୁ କହି ବସିଲା । କିମିତି ବିଦେଶ ଗଲାଦିନୁ ସେ ପଇସା କଉଡ଼ି ଅଭାବରେ କଷ୍ଟରେ ଚଳିଛି— କିମିତି ଚକରା ମା' ବୁଢ଼ୀ ମିଛ ସତ କହି ଗାଁସାରା ତା ନାଁରେ ଅପବାଦ ବୋଲିଛି । ସନିଆ ସବୁ ଶୁଣି ଉପର ମନରେ କିଛି କହିଲା ନାହିଁ; କିନ୍ତୁ ମନ ଭିତରେ ହାରା ଉପରେ ସନ୍ଦେହର ଛଳାଛାଇ ଖେଳି ବୁଲିଲା ।

ସବୁ କଥା କହିସାରି ହାରା ସନିଆ କୋଳରେ ଢଳି ପଡ଼ିଲା । ବହୁଦିନ ବିଚ୍ଛେଦ ପରେ ଦୁଇଟି ଜୀବନ ଏକାଠି ଛନ୍ଦି ହୋଇଗଲା—ଜୀବନ ବୀଣାର ନୂଆ ସୁରରେ ସୁରେ ତାଲ ମିଳାଇ ।

ଉପର ମନରେ ସିନା ସନିଆ ହାରିକୁ କିଛି କହିଲା ନାହିଁ ; କିନ୍ତୁ ଦିନ ଗଡ଼ିବା ସଙ୍ଗେ ସଙ୍ଗେ ଗାଁରେ ସମସ୍ତଙ୍କ ମୁହଁରୁ ସ୍ତ୍ରୀର ଅପବାଦ ଶୁଣି ସନିଆ ମୁଣ୍ଡଟା ଗୋଳମାଳ ହୋଇଗଲା । ସେ ଗାଁଲୋକଙ୍କ ମିଥ୍ୟା ଅପବାଦରେ ନିଜକୁ ଓ ନିଜର ବିବେକକୁ ହରାଇ ବସିଲା । ହାରି ପ୍ରତି ତାର ଭୁଲ ଧାରଣା କ୍ରମେ କ୍ରମେ ଦୃଢ଼ହୋଇ ଉଠିଲା ।

ଏଣିକି ସନିଆ ହାରିକୁ ଭଲ କରି ପଦେ ଅଧେ କଥା କହିଲା ନାହିଁ, ଆଗପରି ଆଦର ସୋହାଗ କଲାନାହିଁ । କଥା କଥାକେ ହାରି ଉପରେ ଚିଡ଼ିଲା । ହାରି ସ୍ୱାମୀର ମତିଗତି ଦେଖି ଖାଲି କାନ୍ଦିଲା । ଯେତେ ଚେଷ୍ଟାକଲା ସ୍ୱାମୀର ମନ ବଦଳାଇବାକୁ ପାରିଲା ନାହିଁ ।

ସେଦିନ ହାରି ମୁହଁଖୋଲି ସଫା ସଫା ପଚାରିଲା, ଅଚ୍ଛା ତମେ ମୋତେ ଇମିତି କରିଛତା ଦେଉଚ କାହିଁକି ? ମୋ ଉପରେ କଣ ଅବିଶ୍ୱାସ କରୁଚ—ମୁଁ କଣ ତମର ସ୍ତ୍ରୀ ନୁହେଁ—ମୁଁ କଣ ତମର ମନକଥା ବୁଝିବାକୁ ହକ୍‌ଦାର ନୁହେଁ ?

ସନିଆ ବିଦ୍ରୁପମିଶା ହସ ହସି କହିଲା, ତୁ ମୋର କେହି ନୁହେଁ । ମୋ ସ୍ତ୍ରୀ ମରିଯାଇଛି । ତୁ ଅସତୀ—କୁଳଟା । ମୋତେ ଦେଉଛୁ ଠକିବାକୁ ଚେଷ୍ଟା କରୁ—ସେତିକି । ଆଉ ବିଶ୍ୱାସରେ ବିଷ ଦେବାକୁ ଚେଷ୍ଟା କରନା—ମୋ ଘରୁ ବାହାରିଯା ।

ହାରି କଇଁ କଇଁ ହୋଇ କାନ୍ଦି ଉଠି ସନିଆର ଗୋଡ଼ ଧରି କହିଲା, ମୋତେ ବିଶ୍ୱାସ କର ସ୍ୱାମୀ ! ମୁଁ ତମର ପାଇଁ ନିଜକୁ

ଅନ୍ୟ ନାଟକରେ ବଳ ଦେଇନାହିଁ । ଗାଁଲୋକଙ୍କ କଥାରେ ପଡ଼ି ମୋତେ ପରକରି ଦିଅନା ।

ସନିଆ ବିରକ୍ତ ହୋଇ ଗୋଡ଼ରେ ହାରିକୁ ଦୂରକୁ ଠେଲି ଦେଇ ବାହାରକୁ ପଳାଇଲା । କହିଲା, ତୁ ଅଲକ୍ଷଣୀ—ଏ ଘରୁ ବିଦାୟ ନେଲେ ମୋର ମଙ୍ଗଳ ।

ହାରି ତଳେ ଲୋଟିପଡ଼ିଲା, ମୁଣ୍ଡଟା ତଳେ ବାଜି ରକ୍ତ ବୋହିଲା । କଇଁ କଇଁ ହୋଇ ପିଲାଙ୍କ ପରି ବହେ କାନ୍ଦିଲା ।

ଘଡ଼ିଏ ପରେ ଆଖିରୁ ଲୁହ ପୋଛି ଭାବିଲା, ମୁଁ ଅଲକ୍ଷଣୀ; ମୁଁ ରହିଲେ ତାଙ୍କର ମଙ୍ଗଳ ନାହିଁ । ଆଉ କାହିଁକି ଏ ଘରେ ରହିବ ? ଯାଉଚି—ଯିବ ବାପଘରକୁ । ଝିଅ ଜନମ କରିଛନ୍ତି, ସେ କଣ ଟିକିଏ ମୁଣ୍ଡ ଗୁଞ୍ଜିବାକୁ ଥାନ ଦେବେ ନାହିଁ । ନଦେଲେ ନଈ ପୋଖରୀକୁ ଡେଇଁ ପଡ଼ିବି, ଆଉ ଏ ଅଲୋଡ଼ା ଜୀବନ ରଖିବି ନାହିଁ ।

ହାରି ଆଗକୁ ପାଦ କାଢ଼ିଲା । ଖଣ୍ଡେ ବାଟ ଆସି ପୁଣି ଘରକୁ ଗୃହିଁଲା, ଫେରିଯିବାକୁ ମନ ହେଲା । ହେଲେହେଲେ ସ୍ୱାମୀଘର, ମାୟାମମତା ତୁଟାଇ ଯିବାକୁ କଣ ସ୍ତ୍ରୀର ମନ ବଳେ ? ଅବୁଝା ମନ ବୁଝିଲା ନାହିଁ—ପୁଣି ଲେଉଟିଲା ବାପଘର ଆଡ଼େ ।

ହାରି ଗୃଲିଲା—ଟିକିଏ ଆଗରେ ତାର ଗାଁର ଧୂଳି ଧୂସରିଆ ସଡ଼କ ।

ସନିଆ ଘରକୁ ଫେରି ଦେଖିଲା ହାରି ନାହିଁ । ମନକୁ ମନ କହିଲା, ଯାଉ ଯୁଆଡ଼େ ଇଚ୍ଛା ସିଆଡ଼େ—ତା ପରି ସ୍ତ୍ରୀର ଦରକାର

ନାହିଁ । ଯାଇ ଯାଇ ଯିବ ବା କୁଆଡ଼େ ? ସେଇ ବାପଘରେ ରହିବ—ରହୁ । ତା ମୁହଁ ଆଉ ମୁଁ ଚାହିଁବି ନାହିଁ ।

ଗାଁରେ ସ୍ପଷ୍ଟ ହେଲା, ସନିଆ ସ୍ତ୍ରୀକୁ ଘରୁ ବାହାର କରିଦେଇଛି । କେଜାଣି ଗୋଟାଏ ଖିଆଲରେ ସନିଆ ସିନା ହାସକୁ ସେଦିନ ଘରୁ ତଡ଼ିଦେଲା—କିନ୍ତୁ ଦି'ଦିନ ପରେ ସେଇ ମନ ପୁଣି ତାର ବାଟକୁ ଫେରିଲା ।

ଘରକୁ ଫେରିଲାବେଳକୁ ସନିଆକୁ କ'ଣ ଅଭାବ ଜଣାଗଲା । ଘରଟା ନିଶୁନ ପଡ଼ିଛି—ଚାରିଆଡ଼େ ଜନିଷପତ୍ର ହତଶିରି ହୋଇ ପଡ଼ିଛି । ସଞ୍ଜ ହେଲେ ଆଉ କିଏ ସଞ୍ଜବତୀ ଜାଳୁନାହିଁ । ଆଉ ତ କାହାର ପାଦର ପାହୁଡ଼ ଶବ୍ଦ ଶୁଭୁନାହିଁ । ଖାଇ ବସିଲାବେଳେ ଆଉତ କିଏ ଏଇଟା ଖା, ସେଇଟା ଖା, ବୋଲି ଅଳି କରୁନାହିଁ । ରାତିରେ ଶୋଇଲା ବେଳେ ଆଉ କିଏ ପାଦର ପରଶ ମନର ଜ୍ୱାଳା ବୁଝୁନାହିଁ । ସନିଆ ଆଖିରୁ ଲୁହ ଝରିଲା ।

ପୁଣି ଭାବିଲା ଗାଁଲୋକଙ୍କ କଥାରେ କଣ ସତ ଅଛି ? ସତ ହୋଇଲେବି ତାକୁ ଘରରେ ରଖି ଦଣ୍ଡ ଦେଇଥିଲେ କଣ ହୋଇ ନଥାନ୍ତା । ଯେତେ ଗାଳିଦେଲେ ଜମା ସେ ଛଳ କରେନା, ହସି ମନର ରାଗକୁ ପାଣି କରିଦିଏ । ଦିନରାତି ତାର ଖାଲି ମୋର ଚିନ୍ତା —ମୁଁ କିମିତି ଗଣ୍ଡାଏ ଭଲରେ ଖାଇବି ପିଇବି । ନିଜେ ଉପାସ ରହି ମୋ ସେବା କରିବାକୁ ଯା'ର ଦିନ ଅଣ୍ଟେନା—ସେ ପୁଣି ଅନ୍ୟ ନିକଟରେ ନିଜକୁ ଦଳିଦେଲା କିପରି ? ନାଁ ନାଁ, ହାସ କୁଳଟା ନୁହେଁ । ଭୁଲକରିଛି ମୁଁ—ମୁଁ ତାକୁ ବିନା ଦୋଷରେ ତଡ଼ି ଦେଇଛି ।

ହାଗକୁ ଝୁରି ଝୁରି ସନିଆ ପେଟପୁରି ଖାଇଲା ନାହିଁ କି ପିଇଲା ନାହିଁ । ଖାଲି ଭାବି ଭାବି ପାଗଳପରି ହେଲା । ଦିନରାତି ମାରବରେ ବସି ଘରକଣରେ ଲୁହ ଢ଼ାଳିଲା ।

ସେଦିନ ସକାଳୁ କିଏ ଆସି ଦାଣ୍ଡ କବାଟ ଜଞ୍ଜିର ଖଡ଼ ଖଡ଼ କଲା । ସନିଆ କବାଟ ଖୋଲି ଦେଖେ ବଲିଆ—ରବିବାବୁଙ୍କ ଚାକର । ପଚାରିଲା, କିରେ ତୁ କୁଆଡ଼େ ?

ବଲିଆ କାଗଜ ଖଣ୍ଡେ ସନିଆ ହାତକୁ ବଢ଼ାଇ ଦେଇ କହିଲା, ଏ ଚିଠି ଖଣ୍ଡିକ ରବିବାବୁ ଦେଇଚନ୍ତି । ଚିଠି ଖଣ୍ଡିକ ଦେଇ ବଲିଆ ଚାଲିଗଲା ।

ରବିବାବୁଙ୍କ ଚିଠି—ପୁଣି ତା କତିକି ! ସନିଆକୁ ଟିକିଏ ଆଶ୍ଚର୍ଯ୍ୟ ଲାଗିଲା । ଚିଠି ଖୋଲି ପଢ଼ିଲା ।

"ସନିଆ ଭାଇ,

ତମେ ଜାଣିବା ବୁଝିବା ଲୋକ ହୋଇ ଶେଷକୁ ଏଇଆ କଲ ? ଗାଁ ପଡ଼ିଶା—ଅଞ୍ଚଳ ସାହି ଭିତରେ ସମସ୍ତେ କହନ୍ତି ତମେ ବୁଦ୍ଧିଆ । କିନ୍ତୁ ଗାଁଲୋକଙ୍କ କଥାରେ ପଡ଼ି ତମେ ନିଜ ସ୍ତ୍ରୀକୁ ସନ୍ଦେହ କରି ଘରୁ ତଡ଼ିଦେଲ ।

କିନ୍ତୁ ଜାଣିରଖ ସନିଆଭାଇ, ସ୍ତ୍ରୀ ତମର ଅସତୀ ନୁହେ । ଛୋଟକୁଳରେ ଜନମ ହେଲେ କଣ ହେଲା, ଭଗବାନ ତାକୁ ଛୋଟ ଆଖି ଦେଇ ନାହାନ୍ତି । ମୁଁ କ୍ଷଣିକର ଉତ୍ତେଜନାରେ ତାକୁ ଭୁଲପଥକୁ ଟାଣି ଆଣିବ ବୋଲି ବସିଥିଲି । କିନ୍ତୁ ସେ ଆସି ନାହାନ୍ତି—ମୋର ଆଦର୍ଶ ହୋଇ ଦୂରେଇ ଯାଇଚନ୍ତି ।

କ୍ଷଣିକର ଭୁଲ ପାଇଁ ଆଜ ମୁଁ ଅନୁତାପ କରୁଛି । କିନ୍ତୁ ତମେ ଜାଣି ଜାଣି ଭୁଲ କରନା ସନିଆଭାଇ—ନୂଆବୋଉକୁ ଫେରାଇଆଣ । ନିଜର ମନର ଭୂତ ନିଜକୁ ଡରେଇଛି । ହୃଦୟ ଠାଣ କଲେ ସବୁ ଅନ୍ଧାର ଚାଲିଯିବ—ଭୂତ ଆଉ କୁଆଡୁ ? ଦେଖିବ ଜୀବନକୁ ସୁନ୍ଦର କରି ସୃଷ୍ଟି କରିବ ସୁଖର ରୂପାଥାଳିଆ ଗୃହ । ବେଳ ଥାଉଁ ଥାଉଁ ଚେଷ୍ଟା କରବ ସନିଆଭାଇ । ଇତି

—ରବି ।"

ରବିର ଚିଠି ପାଇ ସନିଆ ଆଖିରୁ ଧାର ଧାର ହୋଇ ଲୁହ ଗଡ଼ି ପଡ଼ିଲା । ବିନା ଦୋଷରେ ସେ ତାକୁ ଘରୁ ତଡ଼ି ଦେଇଛି, ନିଜର କ୍ଷଣିକର ଭୁଲରେ ସେ ମାନ ଇଜ୍ଜତଟିକ ତଳେ ପକାଇଛି ।

ନାଁ ନାଁ, ମୁଁ ତାକୁ ଫେରାଇ ଆଣିବ । ଜାଣୁ ଜାଣୁ ତା ଜୀବନ ଫୁଲଟାକୁ ଅବହେଳା କରି ଦୂରକୁ ଫିଙ୍ଗି ଦେବି ନାହିଁ । ସନିଆ ଭାବି ଭାବି ପାଗଳ ପରି ଦଉଡ଼ିଲା—ତାକୁ ଫେରାଇ ଆଣିବାକୁ ।

## —ଚଉଦ—

ନୀଳକଣ୍ଠପୁର ଚନ୍ଦନପୁରଠୁ ତିନି କୋଶ ବାଟ, ସିଧାସଳଖ ସଡ଼କ ରାସ୍ତା । ବୈଶାଖ ମାସର ଖରା ନିଆଁ ବାଣ ପରି ଝରିପଡୁଛି ତଳେ । ଝାଳରେ ଜୁଡ଼ୁବୁଡ଼ୁ ହୋଇ ସନିଆ ଛୁଟିଛି ।

ଆଗରେ ଦିଶିଲା ନୀଳକଣ୍ଠପୁର—ଛୋଟିଆ ଗାଁଟି । ହେଇ ଦିଶିଲା ତାର ନୁଆଁଣିଆ ଘର ଗୁଳ—ଡେଙ୍ଗା ଗଛ କେଇଟାର ଉଚ୍ଚ ମଥାନ । ସନିଆର ମନେ ପଡ଼ିଲା ଅତୀତ ଜୀବନର ରଙ୍ଗିନ ପୃଷ୍ଠାରୁ ଦରଭୁଲା ଗୋଟିଏ ଛବି ।

ଦିନେ ସେ ଦୈବବଶରେ ଆସିଥିଲା ଏଇଠିକି । ଏଇ ଗାଁର ପାଣିପବନରେ ଥିଲା ସେଦିନ ଭଲ ପାଇବାର ଢେଉ । ଏଇ ଗାଁର ମାଟିଗୋଡ଼ି ଦେହରେ ଥିଲା ସେଦିନ ଅଦିନ ମଳୟର ପରଶ । ମନରେ ଥିଲା ତାର ନୂଆ ନିଶା—ସେଦିନ ସେ ବରି ନେଇଥିଲା ହାସିକୁ ତା ଜୀବନର ସାଥୀ କରି । ଏଇ ଗାଁ ଦୁହିଙ୍କ ପ୍ରାଣର ବନମୟୂରେ ସେ ଦିନ ତୋଳିଥିଲା ନବ ବସନ୍ତର ପୁଷ୍ପାଞ୍ଜଳି ।

କିନ୍ତୁ ଆଜି ! ଦିନେ ସେ ହାସିର ଦେହକୁ ଜୟ କରିଥିଲା—ଆଜି ସେ ଆସିଛି ହାସିର ମନକୁ ଜୟ କରି ନିଜର

ଭଙ୍ଗାଟୁଟା ସଂସାରକୁ ସଜାଡ଼ି ନେବାକୁ; ନିଜର ଭୁଲ ପାଇଁ ହାର ମାନିବାକୁ । ସନିଆର ଭାବନା ଛୁଟିଲା ଆଗକୁ—ଆଖିରେ ଜମି ଆସିଲା ଦି'ଟୋପା ଲୁହ ।

ଯୋଗି ମଲିକ—ସନିଆର ଶ୍ୱଶୁର । ନୀଳକଣ୍ଠପୁର ଅଚ୍ଛବ ସାହି ଭିତରେ ଯୋଗି ମଲିକ ଜଣେ ଜାଣିବାଶୁଣିବା ଲୋକ । ଭଲରେ ମନ୍ଦରେ ସବୁବେଳେ ଯୋଗି ମଲିକକୁ ଖୋଜା । ସେଇଥି-ପାଇଁ ଯୋଗି ମଲିକ ନିଜକୁ ଗର୍ବ ଅନୁଭବ କରେ, ଆମବଡ଼ିମା ଦେଖାଏ । ଏକବାଗିଆ ଲୋକଟା—ଯା ବୁଝିଥିବ ସେଇଆ ।

ଝିଅକୁ ତାର ସନିଆ ବାହାର କରି ଦେଲାଦିନୁ ତା ଛାତିତରେ ଅଗ୍ନି ଅସିଚି । ମନର ରାଗ ମନରେ ମାରି ଝିଅକୁ ଘରେ ରଖିଚି । ଗାଁରେ ହାରି ନାଁରେ କିଏ କେତେ ରକମ କହୁଚନ୍ତି । ଯୋଗି ମଲିକ କାନକୁ ସବୁ ଆସିଲେ ବି ନ ଶୁଣିଲାପରି ରହୁଚି । ଜ୍ୱାଇଁ ଉପରେ ମନେ ମନେ ରାଗି ଖପାହେଇଚି ।

ସନିଆ ଘର ଦୁଆର ମୁହଁରେ ନିଜ ଶ୍ୱଶୁରକୁ ଭେଟି ପ୍ରଣାମ କଲା । ଯୋଗି ମଲିକ ପଚାରିଲା, କିରେ କୁଆଡ଼େ ? ସନିଆ ସବୁ କଥା ଟିକେ ଟିକେ ଜଣାଇ ହାରିକୁ ସାଙ୍ଗରେ ନେଇଯିବାକୁ କହିଲା । ଯୋଗି ମଲିକ ସନିଆର କଥା ଶୁଣି ହସି ଉଠିଲା । କହିଲା, କୋଉ ସାହସରେ ତୁ ମୋ ଝିଅକୁ ଘରୁ ତଡ଼ିଦେଇଚୁ । ଯୋଗି ମଲିକ କଣ ତା ଝିଅକୁ ଗଣ୍ଡାଏ ଖାଇବାକୁ ଦେଇ ପାରିବ ନାହିଁ ? ଘରୁ ବାହାର କରି ଦେଇ ମୋ ମୁହଁରେ କାଳି ବୋଳିଚୁ—ଆଉ ପୁଣି କାହିଁକି ଏଠିକି ଦଉଡ଼ି ଆସିଚୁ । ମୁଁ ଝିଅକୁ ଆଉ ପଠେଇ ପାରିବି ନାହିଁ—ଯୋଉ ବାଟେ ବାଟେ ଆସିଚୁ, ସେଇ ବାଟେ ବାଟେ ଫେରିଯା ।

ସନିଆ ହାତଯୋଡ଼ି କହିଲା, ବାପା, ମୋର ଭୁଲ ହୋଇଛି— କ୍ଷମାଟେ କ୍ଷମାକର । ମୁଁ ତୁମର ପୁଅ, ପୁଅର ଭୁଲରେ ବାପ କଣ କ୍ଷମା ଦିଏନା । ପୁଅ ଭୁଲକୁ ସଜାଡ଼ିବା ପାଇଁ ବାପ କଣ ବାଟ ଦେଖାଇ ଦିଏନା ।

ତଥାପି ଯୋଗିମଲିକ ଶୁଣିଲା ନାହିଁ । ସଫା ସଫା କହିଦେଲା, ହାସ ଆଉ ବଞ୍ଚିଥିବାଯାଏ ତୋ ଘର ମାଡ଼ିବ ନାହିଁ । ଯଦି ସେ ନିଜ ଇଚ୍ଛାରେ ମାଡ଼େ, ତେବେ ସେ ଯୋଗି ମଲିକ ପୁଅ ନୁହେଁ ବୋଲି ଜାଣିବ ।

ସନିଆ ଆଖିରୁ ଧାର ଧାର ହୋଇ ଲୁହ ଗଡ଼ିପଡ଼ିଲା । ତଥାପି ଯୋଗି ମଲିକ ଅଟଳ, ଅଚଳ ।

ସନିଆ ନିରାଶ ହୋଇ ଚନ୍ଦନପୁର ଫେରିଲାବେଳକୁ ସଞ୍ଜ ହୋଇ ଆସିଲାଣି । ଘରେ ଆସି ଥକ୍କା ହୋଇ ବସି ପଡ଼ିଲା । ଭାବିଲା, ଆଉ କାହିଁକି ଏଇ ଘରେ ଏକଲା ପଡ଼ି ରହିବ । ଏଇ ଧନ ସମ୍ପତ୍ତି ଘର ଦୁଆର ମୋର କଣ ହେବ । ସତ ପାହିଲେ ଚାଲିଯିବ ଯୁଆଡ଼େ ଇଚ୍ଛା ସେଆଡ଼େ । ମନ ପବନରେ ପାଗଳ ଭାବନା ତାର ଛୁଟିଲା ଏଣେ ତେଣେ ।

ଧୀରେ ଧୀରେ ସଞ୍ଜ ଅନ୍ଧାର ମାଡ଼ି ଆସିଲା । ସନିଆର ମନେହେଲା ଯେପରି ସେହି ଅନ୍ଧାର ଭିତରେ ସେ ବୁଡ଼ିଯିବ; ଆଉ ସତ୍ତା କିଛି ରହିବ ନାହିଁ । ଦାଣ୍ଡ ଦରଜା କିଳି ଦେଇ ସନିଆ ଘରେ ଆସି ଶୋଇପଡ଼ିଲା । ଖାଇବା ପିଇବା ବିନା ଦେହଟା ତାର ଥରୁଥାଏ । ଶୋଇ ଶୋଇ ସନିଆ ଖାଲି ହାସ କଥା ଭାବିଲା । ଭାବୁ ଭାବୁ କେତେବେଳେ ଆଖିର ଲୁହରେ ବିଛଣା ଓଦା ହେଲାଣି ସନିଆକୁ ଜଣାନାହିଁ ।

ପଦାରେ କଏଦାଣ୍ଡ କବାଟ ବାଡ଼େଇଲା । ସନିଆର ଭାବନା ଗୋଳମାଳ ହୋଇଗଲା । ଅନୁଭବ କଲା ଆଖିରେ ତାର ଲୁହ । ଅନ୍ଧାରରେ କିଛି ବାରି ହେଉନାହିଁ । ଆଖିରୁ ଲୁହ ପୋଛି ସନିଆ ଆଲୁଅ ଲଗାଇଲା । ଧୀରେ ଧୀରେ ଦାଣ୍ଡ ଦରଜା ଖୋଲିଲା । ଦେଖିଲା ଆଗରେ ତାର ହାସି । ସନିଆର ଆଖି ସହଜରେ ବିଶ୍ୱାସ କରି ପାରିଲା ନାହିଁ । ନିରେଖି ଅନାଇଲା, ସତେତ ତାର ହାସି—ଆଖିରେ ତାର ଟଳ ଟଳ ଲୁହ ।

ସନିଆ ହାସିର ହାତଧରି ଘର ଭିତରକୁ ଟାଣି ଆଣିଲା । କହିଲା, ତୁ ଆସିବୁ ମୋର ବିଶ୍ୱାସ ନ ଥିଲା । ଏଇ ଅନ୍ଧାରରେ ଶୋଇ ଶୋଇ ଭାବୁଥିଲି ତୋର କଥା । ଆଉ ଭାବୁଥିଲି ଏଇ ଘର ଦୁଆର ଛାଡ଼ି ନିଃସଙ୍ଗ ଜୀବନଟାକୁ ଏଇ ନିବୁଜ ଅନ୍ଧାରରେ ହଜାଇ ଦେବାପାଇଁ ।

ହାସି କହିଲା, ତମେ ଚାଲିଆସିବା ପରେ ଘରେ ମୁଁ ଶୁଣିଲି ତମେ ମୋତେ ଆଣିବାକୁ ଯାଇଥିଲ । ବାପା ତୁମକୁ ନିରାଶ କରି ଫେରାଇ ଦେଲେ । ଏହି କଥା ଶୁଣି ମନର ରାଗ ମୋର କୁଆଡ଼େ ମିଳାଇଗଲା । ଭାବିଲି ତମେ କ୍ଷଣିକପାଇଁ ଭୁଲ କଲ ବୋଲି ମୁଁ କଣ ସାରା ଜୀବନ ପାଇଁ ଭୁଲକରି ବସିବି! ମନର ଅଭିମାନ କୁଆଡ଼େ ତୁଟିଗଲା । ବାପାଙ୍କୁ କହି ଘରୁ ବାହାରିଲି । ବାପା ବଡ଼ ଏକଜିଦିଆ ଲୋକ—ଯା ବୁଝିଥିବେ ସେଇଆ । ମୋତେ ଛାଡ଼ିବାକୁ ବାରଣ କଲେ । ବୁଝାଇ କହିଲି, ବାପା ଯେତେ ଭୁଲ କଲେ, ଯେତେ ମାରିଲେ, ସ୍ୱାମୀ ମୋର ନିଜର, ସ୍ୱାମୀଘର ଛଡ଼ା ମୋର ମୁକ୍ତି ନାହିଁ । ମୋତେ ଛାଡ଼ିଦିଅ ।

ତଥାପି ବାପା ଶୁଣିଲେ ନାହିଁ । ରାଗରେ ନିଆଁ ହୋଇଗଲେ । କହିଲେ, ଯୋଗି ମଲାକର ଗୋଟାଏ କଥା । ଯଦି ତା କଥା ନ ମାନି ତୁ ଘରୁ ଯାଉ; ତେବେ ଜାଣିରଖ ଚିରଦିନ ପାଇଁ ତୋର ଏ ଘରେ ଆଉ ପାଦ ପଡ଼ିବ ନାହିଁ । କହିଲି; ବାପା ଝିଅକୁ ଯେଉଁଦିନ ପରଘରକୁ ଦେଇଦେଲ, ସେଇଦିନଠୁ ପରି ଏ ଘରଠୁ ତମାର ବନ୍ଧନ ତୁଟିଗଲା । ଝିଅକୁ ସ୍ନେହଦେଇ ଗଢ଼ିଚ ବୋଲି ମାୟା ମମତାର ମୋହରେ ତମେ ମୋତେ ପଚାରୁଥିଲ । ସେହି ସୁଖ ସରାଗ ଚୁମ୍ବକ ପରି ମୋତେ ଟାଣି ଆଣୁଥିଲା ଏଠିକି । ତମ ଇଚ୍ଛା ହେଉଥିଲା ପଚାରୁଥିଲ—ଏଣିକି ନ ପଚାରିବ । ତମ ଇଚ୍ଛା ଉପର କଥା ବାପା । କିନ୍ତୁ ତମ ଇଚ୍ଛା ଭିତରେ ମୁଁ ବାନ୍ଧିହୋଇ ମୋ ସୁନାସଂସାରଟାକୁ ପୋଡ଼ିଦେବି କାହିଁକି ?

ଏତିକି କହି ଘରୁ ବାହାରିଲି । ବାପା କହିଲେ, ହଉ ଯା ଆଜିଠୁ ଜାଣିରଖ ଚିରଦିନଲାଗି ତୋ ପାଇଁ ଏ ଘରର ତାଟି କବାଟ ବନ୍ଦ । ବାପ ଘରର ସବୁ ମାୟାବନ୍ଧନ ତୁଟାଇ ଦେଇ ଆସିଛି ତମର କତିକି । ତମେ ମୋତେ ଏଣିକି ମାରିଲେ ମାର—ରଖିଲେ ରଖ । କିନ୍ତୁ ତମକୁ ଛାଡ଼ି ମୁଁ ଆଉ କୁଆଡ଼େ ଯିବିନାହିଁ ।

ହାରି କଥା ଶୁଣି ସନିଆ ଆଖିରୁ ଧାର ଧାର ହୋଇ ଆନନ୍ଦର ଅଶ୍ରୁ ଗଡ଼ିପଡ଼ିଲା ।

ହାରି କହିଲା—ତୁମେ କାନ୍ଦୁଚ ?

ସନିଆ କହିଲା, ହଁ ହାରି, ମୁଁ ଆଜି କାନ୍ଦୁଚି । ତୋତେ ପାଇ ଯୋଉ ଲୁହ ମୋର ଅନ୍ତରର କୂଳ ଭାଙ୍ଗି ଗଡ଼ି ପଡ଼ୁଚି—ସେ ଲୁହ ମୋର ଦୁଃଖର କି ସୁଖର କିଛି ବୁଝି ପାରୁନି ।

ହାସ କହିଲା, ଛିଃ······ନଜର ଲଗାକାନରେ ସନିଆର ଲହ ପୋଛିଦେଲା । ସନିଆ ହାସକୁ କୋଳକୁ ଟାଣିଆଣିଲା । କହିଲା, ହାସ୍ ମୋର ସବୁ ଦୋଷ ପାଇଁ ତୁ ମୋତେ କ୍ଷମା ଦେଇଚୁ ?

ହାସ କହିଲା, ମୁଁ ତମର ପଦଧୂଳିକ ସର ନୁହେଁ ସ୍ୱାମୀ— ମୁଁ ପୁଣି ତମକୁ କ୍ଷମା ଦେବ କେମିତ ?

ସନିଆ କହିଲା, ହାସ୍ ମୁଁ ଆଜ ତୋତେ କଣ କହିବ— କହିବା ଭାଷା ଖୋଜିପାଉନାହିଁ । ତେବେ ଏତକ କହୁଚି, ଆଜ ତୁ ଯୋଉ ଆଶା ଯୋଉ ଆକାଂକ୍ଷା ନେଇ ମୋ କତକ ଦଉଡ଼ି ଆସିଚୁ— ସେହି ଆଶା ସେହି ଆକାଂକ୍ଷା ବଳରେ ନିଜ ଘରକୁ ସଜାଡ଼ି ବସିଲେ ପୁଣି ଆମର ସବୁ ସୁଖଶାନ୍ତି ଆଗପର ଲେଉଟି ଆସିବ ।

ହାସ୍ ହସି ହସି କହିଲା, ତୁମେ ଆଜଠାରୁ ସତ୍ୟ କର କୁହ, ମୋତେ ଛାଡ଼ି କୁଆଡ଼େ ଯିବନି । ଏଇଠି ଏଇ ଗାଁ ମାଟିର ପାଣି ପବନରେ ହସିଖେଳି ତମେ ମୋତେ ଚାହିଁଥିବ ସଦାଦିନ ଅଣିଷର ବାର । ଆଉ ମୁଁ ସଜାଡ଼ିବାରେ ଲାଗିଥିବି ସୁନ୍ଦର କରି ମୋର ସୁନାର ସଂସାର ।

ସନିଆ କହିଲା, ତୋର କଥା ସତ ହେବ ହାସ । ମୁଁ ଆଉ ତୋତେ ଛାଡ଼ି ବିଦେଶ ମାଡ଼ିବି ନାହିଁ । ଏଇଠି ଏଇ ଗାଁରେ ହାଡ଼ମାଟି ହୋଇଗଲେ ଲଦି ପେଟ ମୁଠାକ ପୋଷିବି । ଆମର ବାପ ଦାଆଁତେ ସାତ ପୁରୁଷ ଏଇଠି ହସି ହସି ଦିନ କାଟିଦେଲେ, ଆଉ ମୁଁ ପାରିବି ନାହିଁ ?

ହାସ ମୁହଁରେ ଫୁଟିଉଠିଲା ଆଶା ଓ ଆନନ୍ଦର ଆଲୋକ ।

ସନିଆ ହାସକୁ କୋଳରେ ଜାବୁଡ଼ି ଧରି ତାର ସରମ ବୋଳା ମୁହଁରେ ପରାଣଭରା ଚୁମ୍ବନ ଆଙ୍କିଦେଲା । ହାସ ଲାଜକୁଳି ଲତାପରି ଝାଉଁଳି ପଡ଼ି ସନିଆ କୋଳରେ ମୁହଁ ଲୁଚାଇଲା ।

ବାହାରୁ ପବନ ସୁ ସୁ ହୋଇ ବହି ଆସିଲା ।
ଆଲୁଅଟା ଥରି ଥରି ଦି'ଗୁଣ ଜଳି ଉଠିଲା ।
ଅନ୍ଧାର ଘୁଞ୍ଚିଗଲା ଦୂରକୁ ଦୋହଲି ଦୋହଲି ।

ତା'ର ଭିତରେ ଦୁଇଟି ଜୀବନ ହଜି ଯାଇଥିବା ସୁଖ ଶରଧାଟିକ ଫେରିଆସିଲା ଅତୀତରୁ—ବର୍ତ୍ତମାନକୁ ।

ଅନ୍ଧାରରେ ସ୍ୱପ୍ନ ଦେଖୁ ଦେଖୁ ଚେତଙ୍କାକେଲେ ମାଡ଼ ବାଉଲା ପକ୍ଷୀଟି ଗାଇଉଠିଲା ଦୂରରୁ—ଜୀବନର କରୁଣ ମଧୁର ଗୀତ ।

କବିତା ଭବନ
କଟକ
ତା ୧୭।୨।୫୨

ଶୁକଦେବ ସାହୁ